Split by PDF Splitter



ଉକ୍ତ ଖଣ୍ଡିକାଗ ମୋକଦମାରେ ଦେଣଦାରଙ୍କ ଘର ଉକ୍ତାହାରେ ଅଧିସ୍ଥିତ ଉପ୍ଲିଖିତ ସମ୍ପତ୍ତି ତା ୧୬।୧୦।୩୩ ରିଖରେ ବିକ୍ରି ହେବ।

ତପସିଲ ସମ୍ପତ୍ତି

ଜି ଭଟକ ମୁଃ ଝୋଟ ଉପରିପିଂହପୁର ଓ ସଂ ଠୋଃ ମୁଃ ଦେହାବନ୍ଦ ଉପକାଅନ ସ୍ଥା ଦେଣାଜ୍ଞାର ନ ୬୪୫୧ ମଣ ତା ତୌଃ ଗାଲେର ନ ୨୦୪ ମଙ୍କ ଖାତା ଦା ସ୍ଥିତିକାନ ୫୦—୬୮ ଲୁ ୫ ୧୧ ବିକ୍ରୁ ହୁନ୍ ଓ ଭଙ୍ଗ ଉପରେ ସ୍ଥିତା ଦାଲ ତଥର ଘର ମଧ ପକାଝ ରଚ୍ଛକାଠ ଓ ଦ୍ରୁଯାଦ ଦ୍ରହଗ ବଲନ ହେବ ଅଃ ମୂଃ ୫ ୨୦୯

———

ନ ୧୬୧ ମୁଦ୍ରା ଜାରୀ    ସନ ୧୯୩୩ ମସିହା

ଡିଃ ପ୍ରଥମ ମୁନସଫ କଟକ

ବ୍ରାବିଳ ରୋଇଁ୍ଲସି    ଡ଼ିଃ
ଗୌରିନ୍ଦ ମଦବ ଅନବାହ ଶାରକ    ଦେଃ

ଉପରୋକ୍ତ ନମ୍ବର ମୋକଦମାରେ ଡକ୍ରୀ ଡାରର ଅପତ୍ତା ତା ୧୦।୧୦।୩୩ ରଖ ପନ୍ଦ ଡ଼ିକ୍ତ ଦାରରେ ନିମ୍ନଲିଖିତ ସମ୍ପତ୍ତିମାନ ନିଲାମହେବ।

୧। ଜିଃ କଟକ ମୁଃ ଓ ସଃ ମୁଃ ଝଙ୍ଗ୍ରେର୍ଜି ନ ୨୦୦ ଆକା ସ୍ଥାଃ ଅତବ୍ରି ନ ମୌଃ ଗୋଲବପୁର ନ ୭୪୬ ସାଃ ଜମିଦାରୀର ତୌଃ ଭକର ୫୭—୩୭ ଲୁ ଅବିଧ ଜମା ୫୪୩୭ ସଃ ଜମା ୫୨୩୯ ଉଣ୍ଟ ମଧ୍ୟରୁ ଦେଃ ଙ୍କ ସାଃ ୫୧/୭ ଲୁ ୫—୫୭—୭୧ ଲୁ ଅନ୍ତରୁ ଜମା ୫୭୮/ ମୋଟ ଜମା ୫୩୭ ଅଟେ ଉକ୍ତ ଜମିଦାରୀ ଓ ଉକ୍ତ ... ଉକ୍ତ ସମ୍ପତ୍ତି ... ସହ ନିଲାମହେବ ଅଃ ମୂଃ ୫୧୦୦୯

୨। ଜି କଟକ ମୁଃ ଖ୍ରୋସଲ ଉପରପିଂହପୁର ... ତୌଜି ନ ୭୬୨ ଠିକା ମୌଃ ... ୫୭୩ ଡିଃ ଜମିଦାରୀ ... ୫୭—୭୪ ଲୁ ଅବିଧ ଜମା ୫୭୩/ ସଃ ଜମା ୫୭୯ ମଧ୍ୟରୁ ଦେଃ ଙ୍କ ସାଃ ୫୦/୬ ଲୁ ୫୧—୫୯ ଲୁ ଜମା ୫୭/୩ ସଃ ଜମା ୫୬/୩ ଉକ୍ତ ଉପରେ ଓ ... ସହ ନିଲାମହେବ ଅଃ ମୂଃ ୫୧୫୯

୩। ଏକନ ଏକନ ନ ୩୪୭୭ ତା ଜମିଦାରୀ ତୌଃ ରକବା ୫୧—୭୩ ଲୁ ଅବିଧ ଜମା ୫୭୩/ ସଃ ଜମା ୫୪୦୯ ମଧ୍ୟରୁ ଦେଃ ... ଲୁ ୫୩—୫୧ ଲୁ ଜମା ୫୧୬୩/୫ ... ଉକ୍ତ ଜମିଦାରୀ ଓ ଉକ୍ତ ... ସହ ନିଲାମହେବ ଅଃ ମୂଃ ୫୫୦ଦା

୪। ଜିଃ କଟକ ମୁଃ ଓ ସଃ ମୁଃ ଝଙ୍ଗ୍ରେର୍ଜି ... ମୌଃ ... ନ ୫୭୬୩/୫୬୧ ... ତା ସ୍ଥିତିକାନ ଦେଃ ଙ୍କ ... ଅଂଶର ... ନ ୬୨୦ ଖାତା ... ୫—୫୭ ଲୁ ଜମା ୫୨୧/୮ ଉକ୍ତ ... (Right title and interest) ନିଲାମହେବ ଅଃ ମୂଃ ୫୨୦୯ ଅଟେ।

———

ନ ୭୯୯ ମୁଦ୍ରା ଜାରୀ    ସନ ୧୯୩୩ ମସିହା

ଡିଃ ୨ୟ ମୁନସଫି

ରାମଚନ୍ଦ୍ର ... ମିଶ୍ର    ଡ଼ିଃ
... ଦାସ ପ୍ରଭୃତି    ଦେଃ ମାନେ

ଏ ମୋକଦମାରୁ ଜାରୀ ହେଉଥିବା ଓଗେର ଟଙ୍କା ନିମନ୍ତେ ମୁଃ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତିମାନ ଅପତ୍ତା ତା ୧୦।୧୦।୩୩ ରିଖରେ ଧରା ଘ ୧୦୫ ସମୟ ନିଲାମହେବ।

୧। ଜିଲ୍ଲା କଟକ ମୁଃ ଓ ସଃ ରେଃ ମୁଃ ଝଙ୍ଗ୍ରେର୍ଜି ମୌଃ ଗୋପାଳପୁର, ଖଣ୍ଡ ୪ର ଉତ୍ତରର ସ୍ଥା ଜଙ୍ଗଲ ... ନଂ ୬ ଖାତା ଦାଃ, ... ଏ ୫୦—୭୯ ଡି ଅଟେ ନିଲାମ ହେବ ଅଃ ମୂଃ ୫୧୭୦୯

୨। ସ୍ଥାଃ ଏକ୍କର ମୌଃ ଏକନ ... ଉତ୍ତରର ସ୍ଥା ... ନ ୧୩ ଖାତା ଦାଃ, ୫୦—୦୭ ମଧ୍ୟରୁ ସାଃ ୫୭ଲୁ ୫୦—୦୧୪ ନିଲାମ ହେବ ଅଃ ମୂଃ ୫୩୯

୩। ମୌଃ ଏକନରେ ସ୍ଥିତ ଲାଃ ଚାଷୀ ... ନ ୧୧୩ ଖାତା ଦାଃ, ୫୦—୫୩ ଲୁ ଜମା ୫୧।୩ ମଧ୍ୟରୁ ସାଃ ୫୦। ଲୁ ୫୦—୨୩ ଲୁ ଜମା ୫୦।/୩ ଅଟେ ନିଲାମହେବ ଅଃ ମୂଃ ୫୧୦୯

୪। ମୌଃ ଏକନରେ ସ୍ଥିତ ଉକ୍ତରୁ ଲାଃ ଚାଷୀ ... ନ ୧୩୯ ଖାତା ଦାଃ, ୫୦—୭୪ ଡି ଲୁ ଜମା ୫୦୩ ମଧ୍ୟରୁ ସାଃ ୫୦। ଲୁ ୫୦—୧୯୫ ଲୁ ଜମା ୫୦/୮ ... ଖାତା ଦାଃ, ୫୦—୨୨ ଲୁ ନିଲାମହେବ ଅଃ ମୂଃ ୫୨୯

୫। ସ୍ଥାଃ ମୌଃ ଏକନ ସ୍ଥିତିକାନ ... ନଂ ନ ୧୭୧ ଖାତା ଦାଃ, ୫୦—୭୫ ଲୁ ଜମା ୫୩ ମଧ୍ୟରୁ ୫୦—୩ ଲୁ ଜମା ୫୨/୯ ନିଲାମହେବ ଅଃ ମୂଃ ୫୭୯

୬। ସ୍ଥା ଏକନ ମୌଃ ... ଲାଃ ଚାଷୀ ଗୋପାଳପୁର ... ଉତ୍ତରର ଲାଃ ଚାଷୀ ... ସ୍ଥିତିକାନ ନ ୬୦ ଖାତା ଦାଃ, ୫୦—୫୦ ଲୁ ଜମା ୫୦/୯ ମଧ୍ୟରୁ ସାଃ ୫୦ ଲୁ ୫୦—୫୩ ଲୁ ଜମା ... ନିଲାମହେବ ଅଃ ମୂଃ ୫୩୯ ... ।

———

ନ ୪୧୧ ମୁଦ୍ରା ଜାରୀ    ସନ ୧୯୩୩ ମସିହା

ଦେଉଗଡ଼ା ମୁନସଫି ଅଦାଲତ

... ଦାସ    ଡ଼ିଃ
... ଦାସ    ଦେଃ

ତା ୧୦ ରିଖ ... ସନ ୧୯୩୩ ମସିହାରେ ନିଲାମହେବ।

ଜିଃ କଟକ ପଟ୍ଟାମୁଣ୍ଡେଇ ସଃ ରେଃ ଓ ମୁଃ ଖ୍ରୋସଲ ସ୍ଥାଃ ... ମୌଃ ... ପୁର ... ଦେଣଦାରଙ୍କ ... ନ ୧୧୪ ଖାତା ସ୍ଥିତିକାନ ୫—୭୧ ... ଖାତା ୫୦—୭ ... ଉକ୍ତ ... ନିଲାମ ବିକ୍ରୀ ହେବ। ଆନୁମାନିକ ମୂଲ୍ୟ ୫୭୦୯

———

ନ ୪୩ ମୁଦ୍ରା ଜାରୀ    ସନ ୧୯୩୩ ମସିହା

ଡିଃ ପ୍ରଥମ ମୁନସଫି

... ଦାସ    ଡ଼ିଃ
... ଓଗେର    ଦେଃ ମାନେ

ଉପର ଲେଖିତ ନମ୍ବର ମୋକଦମାରେ ଡ଼ିକ୍ରୀଦାରଙ୍କ ... ଓଗେର ଟଙ୍କା ଅଦାୟ ନିମନ୍ତେ ଦେଣଦାରଙ୍କ ସ୍ଥିତ ନିମ୍ନଲିଖିତ ସମ୍ପତ୍ତି ତା ୧୦।୧୦।୩୩ ... ନିଲାମ ହେବ।

୧। କଟକ ଜିଲ୍ଲା ଅନ୍ତର୍ଗତ ... ପରଗଣା ... ତୌଜି ନ ୫୯୯ ମୁଦ୍ରା ଜିଃ ଉକ୍ତ ମୌଃ ... ଦେଣଦାର ... ନ ୬୫ ଖାତା ... ନ ୩କ ଖାତା ସ୍ଥିତିକାନ ୫୦—୫୪ ଲୁ ଜମା ୫ ୬। ... ମୂଲ୍ୟ ୫ ୫୯

୨। ଏକନ ମୌଃ ଦାଃ ନ ୮୬୭ ... ନ ୧୬୨ ମୁଦ୍ରା ଖାତା ସ୍ଥିତିକାନ ୫୦—୭୭ ଲୁ ଜମା ୫ ୨୫/ ଅଃ ମୂଃ ୫ ୭୨୯

୩। ନ ୮୬୭୪ ତା ଦାଃ ନ ୯। ୩ ଖାତା ସ୍ଥିତିକାନ ୫୦—୧୩ ଲୁ ଜମା ୫ ୦ ୩/ ଅଃ ମୂଃ ୫ ୧୩୯

୪। ନ ୮୬୭୪ ତା ନ ୨୦୬ ଖାତା ଦାଃ ସ୍ଥିତିକାନ ୫୦—୪୯ ଲୁ ଜମା ୫ ୧୪/ ଅଃ ମୂଃ ୫ ୪୯

୫। ନ ୮୬୭ ତା ଦାଃ ନ ୨୨୬ ଖାତା ସ୍ଥିତିକାନ ୫୦—୨୦ ଲୁ ଜମା ୫ ... ଅଃ ମୂଃ ୫ ୨୦୯

———

ନ ୨୬୨ ମୁଦ୍ରା ଜାରୀ    ସନ ୧୯୩୩ ମସିହା

ଡିଃ ପ୍ରଥମ ମୁନସଫି

ଖଣ୍ଡାର ... ଅଶ୍ୱରୁମାର ଘୋଷ ଏଃ ଝୋଟ ୭ ଜଣ— ଜୁମାର ଘୋଷ    ଦାସୀ ଡ଼ିଃ
ଗୋଗିଲେର ମୁଃ ... ପୁର ... ପ୍ରଭୃତି    ଦେଃ

ଉପରଲେଖିତ ନମ୍ବର ମୋକଦମାରେ ଅସ୍ମେ ଡ଼ିକ୍ରୀଦାରଙ୍କର ... ଓଗେର ଟଙ୍କା ଅଦାୟ ... ଦେଃ ସ୍ଥିତ ଜଂ କଟକ ଅନ୍ତର୍ଗତ ... ସ୍ଥିତ ... ଥାନା ... ପରଗଣା ନ ୭୨୩ ... ମୌଃ ... ଥିବା ନ ୨୭ ମୁଦ୍ରା ଖାତା ସ୍ଥିତିକାନ ୫୦—୫୬ ଲୁ ଜମା ୫ ୫/ ମଧ୍ୟରୁ ଅନ୍ୟ ଅଂଶିଦାରଙ୍କ ... ଦେଣଦାରଙ୍କ ... ୫୦—୦୮ ଲୁ ଜମା ୫ ୧୬/୨ ... ଅଟେ ... ମୋକଦମାରେ ତା ୧୦।୧୦।୩୩ ରିଖରେ ନିଲାମ ହେବ ଅଃ ମୂଃ ୫ ୨୯

———

ନ ୮୭୨ ମୁଦ୍ରା ଜାରୀ    ସନ ୧୯୩୩ ମସିହା

ଦେଉଗଡ଼ା ମୁନସଫି ଅଦାଲତ

ଡିକ୍ରୀ ୫ ୬୮୪/୬ ପାଉ ଅଟେ ... ତା ୧୦।୧୦।୩୩ ରିଖ ନିଲାମ ହେବ।

... ଦାସ    ଡ଼ିଃ
... ଦାସ ଓଗେର    ଦେଃ ମାନେ

କଟକ ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡେଇ ସଃ ରେଃ ଓ ... ଉକ୍ତ ... ସ୍ଥାଃ ... ନ ୯୬୫ ମୁଦ୍ରା ... ମୌଃ ... ଦେଣଦାରଙ୍କ ... ଓଗେରଙ୍କ ... ନ ୪୬୯ ମୁଦ୍ରା ଖାତା ଦାଃ ୫୦—୩ ସ୍ଥିତିକାନ ଜମିର ଜମା ୫ ୨୫ ଅଟେ ଉକ୍ତ ଜମି ମଧ୍ୟରୁ ... ଦେଣଦାରମାନଙ୍କର ଅଂଶ ... ୫୦—୫୪—୩/୭୨ ... ୪ ଅଣ ... ଉକ୍ତ ... ଉପରେ ... ୬ ଖଣ୍ଡ ... ୪ ଅଣ ... ମୋକଦମାରେ ନିଲାମ ହେବ ଅଃ ମୂଲ୍ୟ ୫୧୦୦୯

———

Digitized by srujanika@gmail.com

Split by PDF Splitter



ନ ୧୦୮ ମୂଳ ଡାଗ ସନ ୧୯୦୩ ମସିହା
ଡି: ପ୍ରଥମ ମୁନସଫ କଟକ
ଜଗନ୍ନାଥ ଦାସ ଓ ଗୋସାଇଁ ଡିଃ
ଭାଗୀରଥି ଦାସ ଦେଃ

୧ । ଜି: କଟକ ସ୍ଥିତ ଶ୍ରୀ ସ୍ଥାନ ସ୍ଥିତ ପରଗଣା ଇସ୍ତଫାଖାନ ଗ୍ରା ପଦ୍ମପୁର ନ ୧୪୩ ଅଧା ମୌଃ ଇତ୍ୟାଦି ଲଗାଯାଇଥିବା ଦେଣଦାରର ଭାଲ ବନ୍ଦୋବସ୍ତର ଖାତ ଖ୍ରିଦଭାଗ ନ ୪୦ ଖାତା ଭାଃ, ୫୦—୦୩ କୁ ଜମା ୫୦୯/ ଅଟେ ଉକ୍ତ ଭୂମି ଓ ଉଚ୍ଚ ଉପରେ ଥିବା ସକଳପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୧୯

୨ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ନ ୪୨ ଖାତା ଭାଃ, ୫୧—୨୩ ରୁ ଜମା ୫୨ଏ/ ଉକ୍ତ ମଧ୍ୟରୁ ଦେଣଦାରର ଭାଃ ୫୭ା କୁ ୫୧—୨୨ କୁ ଜମା ୫୦୬/୯ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୩୯

୩ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ନ ୨୨୦ ଖାତା ଖ୍ରିଦଭାଗ ୫୪—୯୭ ରୁ ଜମା ୫୧୭ା ଦେଣଦାରର ପୃଥକ ଦଖଲ ଅନୁସାରେ ମୋଟ ୫୧—୦୬ କୁ ଜମା ୫୩୩/୯୧ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୩୦୯

୪ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ଭାଲ ବନ୍ଦୋବସ୍ତର ଖାତ ଖ୍ରିଦଭାଗ ନ ୨୨୧ ଖାତା ଭାଃ, ୫୧—୨୨ କୁ ଜମା ୫୨/ ଦେଣଦାରର ପୃଥକ ଦଖଲ ଅନୁସାରେ ୫୦—୫୨୫ କୁ ଜମା ୫୬/ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳ ପ୍ରକାର ସତ୍ୱ ନୀଲାମ ହେବ ।

୫ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ଭାଲ ବନ୍ଦୋବସ୍ତର ଖାତ ଖ୍ରିଦଭାଗ ନ ୪୧୫ ଖାତା ୫୦—୫ କୁ ଜମା ୫୩/ ଉଚ୍ଚ ମଧ୍ୟରୁ ଦେଣଦାରର ପୃଥକ ଦଖଲ ଅନୁସାରେ ୫୦—୧୦ କୁ ଜମା ୫୧/୨ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୨୯

---

ନ ୪୮୬ ମୂଳ ଡାଗ ସନ ୧୯୦୩ ମସିହା
ଡି: ପ୍ରଥମ ମୁନସଫ କଟକ
ସୁନ୍ଦରୋତ୍ତମପୁର ଦୋଃ ଓ ଗୋସାଇଁ ଡିଃ
ଚେତିଲ ଦେଇ ଦେଃ

୧ । ଜି: କଟକ ସ୍ଥିତ ଶ୍ରୀ ସ୍ଥାନ ଓ ସ୍ଥାନ ସ୍ଥିତ କଟକ ସଦର ଇସ୍ତଫାଖାନ ଗ୍ରା ଗାଇଲ ନ ୧୦୭୩ ଲଖିତ ନ ୪୨ ଅଧା ମୌଃ ପୁରୁଷୋତ୍ତମପୁର ରଜବାରେଥିବା ଭାଲ ବନ୍ଦୋବସ୍ତ ନ ୩୨ ଖାତା ଭାଃ, ଖ୍ରିଦଭାଗ ୫୧—୧୮ କୁ ଜମା ୫୩୩/ ମଧ୍ୟରୁ ଦେଣଦାରର ଦଖଲ ୫୦—୫୮ କୁ ଜମା ୫୦୩/ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳ ପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୧୯

୨ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ନ ୮୦ ଖାତା ଭାଃ, ଖ୍ରିଦଭାଗ ୫୦—୪୨ କୁ ଜମା ୫୩/ ମଧ୍ୟରୁ ଦେଣଦାରର ଦଖଲ ୫୦—୧୯ କୁ ଜମା ୫୦୧୭ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳ ପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୩୯

୩ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ନ ୧୯୨ ଖାତା ଭାଃ, ଖ୍ରିଦଭାଗ ୫୨—୩୮ କୁ ଜମା ୫୩୩ ମଧ୍ୟରୁ ଦେଣଦାରର ଦଖଲ ୫୦—୭୩ କୁ ଜମା ୫୧/୨ ଅଟେ ଉକ୍ତ ଭୂମି ଓ ଉଚ୍ଚରେ ଥିବା ସକଳ ପ୍ରକାର ସତ୍ୱ ସହିତ ନୀଲାମ ହେବ ଅଃ ମୂଃ ୫୧୮୯

୪ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ନ ୨୪୧ ଖାତା ଭାଃ, ଖ୍ରିଃ ୫୦—୨୦ କୁ ଜମା ୫୩ ମଧ୍ୟରୁ ଦେଣଦାରର ଦଖଲ ୫୧-୦୪ କୁ ଜମା ୫୨/୯ ଅଟେ ଉକ୍ତ ଭୂମି ନୀଲାମ ହେବ ଅଃ ମୂଃ ୫୨୭

୫ । ଗ୍ରା ଏକଳ ମୌଃ ଏକଳ ରଜବାରେଥିବା ନ ୩୭୨ ଖାତା ଭାଃ ଖ୍ରିଦଭାଗ ୫୧—୪୫ କୁ ଜମା ୫୩୪/ ଅଟେ ଉଚ୍ଚ ମଧ୍ୟରୁ ଦେଣଦାରର ଦଖଲ ୫୦—୫୯ କୁ ଜମା ୫୧୫/୧୦ ଅଟେ ଉକ୍ତ ଭୂମି ନୀଲାମ ହେବ ଅଃ ମୂଃ ୫୧୯

---

ନ ୧୨୪ ମୂଳ ଡାଗ ସନ ୧୯୦୩ ମସିହା
ଡି: ଏକଳ ମୁନସଫି
ଜାନ୍ସନ୍ ଶନ୍, ସସାଏକା ଓଗେର ଡିଃ ମାଜନ
କାଟର ମାହାନ୍ତି ଦେଃ

ଏ ମୋକଦ୍ଦମାର ଜି: ମାଜନଙ୍କ କରଣ୍ଡୀ ଓଗେର ହଜା ଅବାଏ ସକାଶେ ଦେଣଦାରଙ୍କର ଲିମ୍ନଲିଖିତ ସମ୍ପତ୍ତିମାନ ଅସନ୍ତା ତା ୧୪।୧୦।୦୩ ରବେଶ ସିଳା ଘ ୧୦୪ ଶା ସମଏ ନୀଲାମ ହେବ ।

୧ । ଜିଃ କଟକ ଥଣା ଓ ସଃ ରେଃ ସ୍ଥାନ ଜଗତସିଂହପୁର ସ୍ଥା ହରିହରପୁର ମହାଲ ମୌଜାମୂଳ ଓଗେର ଲାଃ ଏସ୍ଥାନ ତଉଜୀ ନ ୨୧୩୭ ମୂଳ ଖାଃ ଭୂଇଁ ଜମିଦାରୀର ସ୍ଥା ଜମା ୫ ୩୨୧୯ ମଧ୍ୟରୁ ଦେଃ ଙ୍କ ଦଖଲି ଭାଃ ୫୦୮୨୮ କୁ ମଦଆଡ ମୂଃ ଅଧାସା ଅଢ଼ାଦାସ ୫୦—୨୩/୮ ଗଣ୍ଡାରୁ ସଦର ଜମା ୫୦।୯୯୮ ପରସର ଜମା ୫୩୪/୨୧୮ କିମ୍ବା ଅଟେ ଉକ୍ତ ଜମିଦାରୀର ସର୍ବପ୍ରକାର ସତ୍ୱ ନୀଲାମ ହେବ ଅଃ ୫ ୧୦

୨ । ଗ୍ରା ଏକଳ ତା ଏକଳ ଗାଡ଼ାଲ ଏକଳ ନ ୨୪ ମୂଳ ଖାତା ଖ୍ରିଦଭାଗ ୫୧—୨୦ ଭାଃ ରୁ ଜମା ୫ ୫ଏ/ ମଧ୍ୟରୁ ଦେଃ ଙ୍କ ଖାଃ ୫୦୨ ସ ଉକ୍ତ ୫୦—୫—୩ ରୁ ଜମା ୫୦୬/୧୦୪ ଉଚ୍ଚରେ ଥିବା ବାଡ଼ସର ଦଖାଃ ଉଦ୍ଭାଠ ସହିତ ନୀଲାମ ହେବ ଅଃ ୫ ୫୧

୩ । ଗ୍ରା ଏକଳ ମୌଃ ଏକଳ ନ ୮୦ ମୂଳ ଖାତା ଭାଃ, ଖ୍ରିଦଭାଗ ୫୦—୨୩ ଭାଃ ମଧ୍ୟରୁ ଖାଃ ୫୦୬୨ କୁ ୫୦—୦—୨ ଭାଉକୁ ଜମା ୫୦।୩ ନୀଲାମ ହେବ ଅଃ ୫ ୨୯

୪ । ଗ୍ରା ମୌଃ ଏକଳରେଥିବା ନ ୮୧ ମୂଳ ଖାତା ଭାଃ, ଖ୍ରିଦଭାଗ ୫୧—୮୫ ମଧ୍ୟରୁ ଖାଃ ୫୦୬୨ କୁ ୫୦—୦୨ ଭାଃ କୁ ଜମା ୫୨/୫୩ ନୀଲାମ ହେବ ଅଃ ୫ ୬୯

୫ । ଗ୍ରା ମୌଃ ଏକଳ ନ ୮୨ ମୂଳ ଖାତା ଭାଃ ଖ୍ରିଦଭାଗ ୫୧—୩୧ ମଧ୍ୟରୁ ଖାଃ ୫୦୬୨ ଭାଉକୁ ୫୦—୦୮—୩ କୁ ଜମା ୫୦୯/୩୩ ଅଟେ ନୀଲାମ ହେବ ଅଃ ୫ ୫୯

---

ନ ୩୪୮ ମୂଳ ଡାଗ ସନ ୧୯୦୩ ମସିହା
ଡି: ପ୍ରଥମ ମୁନସଫି
ଶ୍ରୀ ଘନଶ୍ୟାମ ଓଗେର ଡିଃ ମାଜନ
ଗୋପୀ ଦେବେନ୍ଦ୍ର ଓଗେର ଦେଃ ମାଜନ

ଏ ମୋକଦ୍ଦମାରେ ଡିଃ ସର କରଣ୍ଡୀ ଓଗେର ହଜା ଅବାସ୍ତ ସକାଶେ ଦେଃ ମାନଙ୍କର ଲିମ୍ନଲିଖିତ ସମ୍ପତ୍ତି ମାନ ଅସନ୍ତା ତା ୧୪।୧୦।୦୩ ରବେଶ ଦଣ୍ଡା ୧୦୪ ଶା ସମସ୍ତେ ନୀଲାମ ହେବ ।

କଟକ ଜିଲ୍ଲା ପ୍ରା ଓ ସ୍ଥ ରେଃ ସ୍ଥଃ ଭାଙ୍ଗ ନ ୧୧୧ ମୂଳ ଥାଚା ଭଲ ଭାଙ୍ଗୀ ନ ୨୮୪ ଛୀ ମୌଃ ଉଦ୍ଦିଆଠାକୁରଙ୍କ ଭାଃ ଖିଲନା ଭ ୨୯ ଖାତା ଭାଃ ୫୦—୧୪—୨ ଉଚ୍ଚ କୁ ଜମା ୫ ୨ । ଅଟେ ଉକ୍ତ ଭୂମି ଉପରେ ଥିବା ଇସରସର ଓ ୨ ଗଛ ଓ ଦଖାଃ ଉଦ୍ଭାଠ ଅଦ ନୀଲାମ ହେବ ଅଃ ୫ ୫୦୧ ।

---

ନ ୨୯୮ ମୂଳ ଡିଗ୍ରୀଜାରୀ ସନ ୧୯୦୩ ମସିହା
କଟକ ମୁ ଦ୍ବିତୀୟ ମୁନସଫି ଅଦାଲତ
ଶାଲିଗ୍ରାମୀ ଦାସ ସାଃ ଗୋପୀନାଥପୁର ଥିଃ ପଦ୍ମପୁର ଡିକ୍ରୀଦାର
ରୁଦ୍ରସୁନାଥ ଶତପଥି ସାଃ ସତ୍ୟ ଥିଃ ଦ୍ଵିମୂଳ ଗ୍ରା କଟକ ଦେଣଦାର

ଏ ମୋକଦ୍ଦମାର କରଣ୍ଡୀ ଓଗେର ଅଦାଏ ସକାଶେ ଲିମ୍ନଲିଖିତ ସମ୍ପତ୍ତି ତା ୧୬।୧୦।୦୩ ରବେଶ ନୀଲାମ ହେବ ।

ଫର୍ଦ୍ଦ

୧ । ଜିଃ କଟକ ଥିଃ ଦ୍ଵିମୂଳ ମୌଃ ସତ୍ୟଭଳ ଥିବା ନ ୨୮ ମୂଳ ଖାତା ଭାଃ ଖାତ ଖ୍ରିଦଭାଗ ୫୦—୫୦୩ କୁ ଜମା ୫୧/ ଅଟେ ନୀଲାମ ହେବ ଅଃ ମୂଲ୍ୟ ୫ ୫୦୧ ।

୨ । ଗ୍ରା ଦ୍ଵିମୂଳ ମୌଃ ସତ୍ୟ ନ ୨୮ ମୂଳ ଖାତା ଭାଃ ଅଳଂ ଉସ୍ଥର ୫୦—୫୫୮ ରୁ ଜମା ୫୧/୨ ଖାତ ନୀଲାମ ହେବ ଅଃ ମୂଃ ୫୩୦୯

୩ । ଗ୍ରା ଉକ୍ତ ମୌଃ ସତ୍ୟ ନ ୨୮ ମୂଳ ଖାତା ଭାଃ ଖାତ ଖ୍ରିଦଭାଗ ୫୦—୫୨ ଭ ଉଚ୍ଚ ଜମା ନୀଲାମ ହେବ ଉଚ୍ଚରେ ଅଃ ମୂଲ୍ୟ ୫ ୨୦୯ ।

—୦—

ନ ୫୯୮ ମୂଳ ଡିଃ ଡାଗ ସନ ୧୯୦୩ ମସିହା
ଡିଃ ୨ୟ ମୁନସଫି
କାଳକୃଷ୍ଣ ଦାସ ଡିଃ
ଲୋକନାଥ ପଣ୍ଡା ଓଗେର ଦେଃ ମାଜନ

ଲିମ୍ନଲିଖିତ ଦେଣଦାରମାନଙ୍କର ଅଚଳନ୍ତ ସମ୍ପତ୍ତିମାନ ତା ୧୪।୧୦।୦୩ ରବେ ନୀଲାମ ହେବ ।

୧ । ଜିଃ କଟକ ସ୍ଥ: ସଃ ଉଦ୍ରୋଦ ପରଗଣାଧିନ ଗ୍ରା ଏକଳ ଭାଃ ଗ୍ରାମ ତେଲୁଗୀପଡ଼ା ନ ୨୬୭ ମୂଳ ଭଃ ମୌଃ ଜଳପୁର ଶାସନରେ ଥିବା ଭଲଭିଲ୍ଲ ୨ଭୋଲନ୍ତି ନ ୧୩୧ ମୂଳ ଖାତା ଭା, ଲିଙ୍ଗି ଭଲଅଂଶି ୫୦—୧୩ କୁ ଜମା ୫୦/୨ ଭାଲ ବନ୍ଦୋବସ୍ତରେ ଲୋକ ପଣ୍ଡା ଭାବରେ ନ ୨୧୩ ମୂଳ ଖାତା ଭ ୧୩୪ ମୂଳ ଅଧା ଭା, ୫୦—୧୫ ଜମା ୫ ୦ ୯ ନୀଲାମ ହେବ ଅଃ ମୂଃ ୫ ୫୦୯

୨ । ଗ୍ରା ଏକଳ ଭାଃ ଏକଳ ତା ଏକଳ ମୌଃ ଏକଳ ସଦରରେ ଥିବା ଖ୍ରି ଭ ୧୩୪ ମୂଳ ଖାତା ୫୧—୭୩ କୁ ଜମା ୫ ୫ଏ ଭାଲ ବନ୍ଦୋବସ୍ତରେ ନ ୧୩୪ ମୂଳ ଅଧା ଭ ୧୩୯ ମୂଳ ଖାତା ଭା, ଲୋକ ପଣ୍ଡା ଭାଗର ୫୧—୮୮ କୁ ଜମା ୫ ୨/ ନୀଲାମ ହେବ ଅଃ ମୂ ୫ ୧୨୦ ଶା ।



Digitized by srujanika@gmail.com

Split by PDF Splitter



# ପଣ୍ଡିତ ଜହରଲାଲଙ୍କ ଘୋଷଣା

## ଅର୍ଥନୈତିକ ସମସ୍ୟା ଗୁରୁତର

## ଧଳା କାଗଜରେ କିଛି ଲାଭନାହିଁ

ଲକ୍ଷ୍ନୌ ୧।୯।୩୭

'ଇମ୍ପୁଭାଇଟେଡ଼୍ ପ୍ରେସ'ର ବିଶେଷ ପ୍ରତିନିଧି ପଣ୍ଡିତ ଜହରଲାଲ ନେହେରୁଙ୍କ ସହିତ ସାକ୍ଷାତ କରିବାରୁ ସେ କହିଲେ—"ବର୍ତ୍ତମାନ ରାଜନୈତିକ ଅବସ୍ଥା ସମ୍ବନ୍ଧରେ ଅନେକ କଥା କହିବାର ଅଛି ମାତ୍ର ଏ ସମୟରେ ମୁଁ ସେ ସବୁ କହି ପାରୁନାହିଁ । ବର୍ତ୍ତମାନ ଭାରତର ଅର୍ଥନୈତିକ ସମସ୍ୟା ରାଜନୈତିକ ସମସ୍ୟା ଅପେକ୍ଷା ଗୁରୁତର । କୃଷିମାନଙ୍କ ଉନ୍ନତି ଏପର୍ଯ୍ୟନ୍ତ ଯେ ବ୍ୟବସ୍ଥା ହୋଇ ଅଛି ତାହା ବର୍ତ୍ତମାନ ଭୂରମାର ଜଳ ହେଲାଣି । ଏଣିକି ନୂଆ ଧରଣରେ ଦେଶକୁ ସମାଜକୁ ଗଢ଼ିବାକୁ ହେବ । ଏ ଯେ ଧଳାକାଗଜ ଯୋଜନା ତାହା କୌଣସି କାମ ଦେବ ନାହିଁ ବରଂ କୃଷିକ୍ଷେତ୍ରରେ ବୋଝ ବଢ଼ାଇବ ।"

ଜେଲରେ ବନ୍ଦୀମାନଙ୍କ ପ୍ରତି ଯେଉଁ ବ୍ୟବହାର ହେଉଛି ତାହା ସେ ନିନ୍ଦା କରିଥିଲେ ଏବଂ ମଧ୍ୟ ଜେଲରେ ବନ୍ଦୀମାନଙ୍କ ଖଲାସ ହେବାପରେ ଚାକିରି ନ ହେଉଥିବାରୁ ଏବଂ ଲେଖା ପଢ଼ିବାର ସୁବିଧା ନ ପାଇ ଅଭାବ ସମାଲୋଚନା କରିଥିଲେ । ଏପରି ଭଳେ ବନ୍ଦୀଙ୍କ କ୍ରମେ ଅନେକ ହେବ । ଉଦ୍ଦେଶ୍ୟ ଜେଲ ପ୍ରଥାର ଯେଉଁ ଏ ଉଦ୍ଦେଶ୍ୟ ଅନୁସନ୍ଧାନ ହେବା ଉଚିତ ବୋଲି ତାଙ୍କର ମତ ପ୍ରକାଶ କଲେ ।

---

## ପ୍ରଜାମାନଙ୍କ ଉପକାରିବାକୁ ହେବ

ଲକ୍ଷ୍ନୌ ୧।୯।୩୭

ପଣ୍ଡିତ ଜହରଲାଲ ସାମ୍ବାଦିକଙ୍କୁ କହିଲେ—"ବହି ପାଠ କରିବାର ସୁବିଧା ପାଇଲେ ମନରେ ନିଶ୍ଚୟ ଶାନ୍ତି ଥାଏ । ଜେଲରେ ବହି ପାଠ କରିବାର କୌଣସି ସୁବିଧା ମିଳୁନଥିବାରୁ ମୁଁ ଜେଲର କାଳ କଷ୍ଟରେ କାଟିଥିଲି । ଏଥିପାଇଁ ମନରେ ଚରିତ୍ର କଥା ଚିନ୍ତିଥିଲି । ମୁଁ ରାଜନୀତି, ଅର୍ଥନୀତି ଓ ଦର୍ଶନ ବହି ପଢ଼ିଥିଲି । ମୋର ଅଭିଜ୍ଞତା ବନ୍ଦୀ ସମ୍ବନ୍ଧରେ ଜଣେଇ ପଢ଼ା ମୋର ଅଭିଜ୍ଞତା ଶୁଣା କରନ୍ତୁ । ମୋର ସେ ଶିକ୍ଷା ପୂର୍ଣ୍ଣ ହୋଇଛି ସେ ଶୁଣା କରନ୍ତୁ । ଏହାଦ୍ୱାରା ମୋର କଥା ମୁଁ କହିପାରୁନାହିଁ । ଏହାଦ୍ୱାରା ମୋର ଯାହା ଅଛି ସେ ତାହା ଜାଣିଲି । ପୁଣି

---

## ଚିଲ୍ଡ଼ ଜାରଜର ବ୍ୟାକୁଳତା

ଲଣ୍ଡନ ୧।୯।୩୭

ଭାରତର ଜାତୀୟ ଶାନ୍ତିର ବଢ଼ାଇଁ ହାଉସ୍ ଟେଲର ନାମକ ଖବର କାଗଜରେ ବାହାରିଛି ଯେ ଭାରତ ସରକାର ସେକ୍ରେଟେରୀ ଗାନ୍ଧୀଙ୍କୁ ଛଡ଼ା ପର୍ବରେ ଶାନ୍ତି ଦଳରେ ପାଇବାର କାଟ ଦେଖାଇ ଦେଲେ ସେକ୍ରେଟେରୀ ନିଶ୍ଚୟ ଗଣ କଂଗ୍ରେସ ବାଲାଙ୍କ ମହାଳ ଅଧିକ ଅମାନ୍ୟ କରିବାକୁ କହୁଥିବା ଭୁଲଟା ଏବେ ସୁଧାରି ନିଅନ୍ତୁ ।

ଏ ଖବର କାଗଜ ଲେଖିଛନ୍ତି ଯେ ସରକାର ତାଙ୍କ ଛାଡ଼ିଦେଇ ଦେଶ ପ୍ରଶାସନ କରିଛନ୍ତି । ଏହାଦ୍ୱାରା ସେ ଗର୍ବ ସୁଯୋଗ ପାଇଲେ । ଏ ସୁଯୋଗରେ ସେ ଏପରି କାର୍ଯ୍ୟ କରନ୍ତୁ ଯାହାଦ୍ୱାରା ଆଉ ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନ ନାହିଁ ଓ ଆଉ ଭାରତ ରାଜନୈତିକ ଅବସ୍ଥାରେ ଶାନ୍ତି ପ୍ରତିଷ୍ଠାର ବାଟ ମିଳିବ ।

ସମସ୍ୟା ଆଲୋଚନା କରିବାକୁ ମୋର ଇଚ୍ଛା ଅଛି । ଜର୍ମାନ, ଆମେରିକା ଓ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଯେପରି ପରିବର୍ତ୍ତନ ହେଉଛି ଭାରତ ଉପରେ ତାର ପ୍ରଭାବ କପରି ପଡ଼ିପାରେ ସେ କଥା ଆଲୋଚନା କରୁଥିଲି । କାରଣ ଭାରତ ସ୍ୱତନ୍ତ୍ର ଏକଦେଶ ହେଲେ ସୁଦ୍ଧା ପୃଥିବୀ ଭିତରେ ତ ଏହାରେ ଅଛି । ଅନ୍ୟ ଦେଶରେ ଯାହା ଘଟିବ ତାର ପ୍ରଭାବ ଭାରତରେ ନିଶ୍ଚୟ ଉପରେ ନିଶ୍ଚୟ ପଡ଼ିବ ।"

ଭାରତ ସମସ୍ୟା ସମ୍ବନ୍ଧରେ ସେ କହିଲେ—"ଏଠା ସମସ୍ୟା ରାଜନୈତିକ ନୁହେଁ, ମୁଖ୍ୟତଃ ଅର୍ଥନୈତିକ । ଯେତେ ଆନ୍ଦୋଳନକାରୀମାନେ ସରକାରଙ୍କୁ ଭୂରମାର କରିଦେବାକୁ ବୋଲି ଅଭିଯୋଗ ହେଉଛି । କିନ୍ତୁ ପ୍ରକୃତ କଥା ଦେଖିଲେ କୌଣସି ଆନ୍ଦୋଳନକାରୀଙ୍କର ଏପରି କ୍ଷମତା ନାହିଁ । ଆନ୍ଦୋଳନକାରୀ ଯେ କାର୍ଯ୍ୟ କରୁଛନ୍ତି ତାହା କେବଳ ଅଭିଯୋଗକୁ ପ୍ରକାଶ କରୁଛନ୍ତି ମାତ୍ର । ଭାରତରେ ଯେ ଅଭିଯୋଗ ହେଉଛି ତାହା ମୂଳର ଅଭିଯୋଗ । ସେଇଥିପାଇଁ ଏ ଧଳା କାଗଜ ଯୋଜନା କୌଣସି କାମରେ ଆସିବ ନାହିଁ । ଭାରତରେ ସ୍ୱାଧୀନତାର ପ୍ରତିଷ୍ଠା ପାଇଁ ଯେ ଚେଷ୍ଟା କରୁଛି ତାର କାରଣ ହେଉଛି ଶାସନର ବ୍ୟୟ ଖର୍ଚ୍ଚ କମେଇବା ଏବଂ ଫଳରେ କୃଷି କୁଳକୁ ସ୍ୱାବଲମ୍ବୀ କରାଇବା କାରଣ ଯେ ଦୋଷ ଜମିଦାରଙ୍କ, ବରଂ ଉଚିତ । କାରଣ ସର୍ ସେମାନେ ହେଲେ ଧଳାକାଗଜ ସାହାଯ୍ୟରେ ପ୍ରଧାନ କରୁଛନ୍ତି ଯେଉଁ ପ୍ରାଦେଶିକ ସ୍ୱତନ୍ତ୍ରତା ହେଲେ ଆଉ କେତେକ ଟଙ୍କା ଖର୍ଚ୍ଚ ହିଁ ବଢ଼ିବ । ମୋର ନିଜ କଥା ମୁଁ କହୁଛି, ଏ ଯେ ଧଳା କାଗଜ ଯୋଜନାର ମୂଲ୍ୟ ଯେ କିଛି ହେଉନାହିଁ ସେଥିରେ ମୁଁ ଖାଲି ଶୁଣି । ଏଥିରେ ସର୍ବସ୍ୱ ଭଳ ମନ ଦିଅନ୍ତୁ ଆନ୍ତା ରାହାଦେଲେ ମୁଁ ରକ୍ଷକରେ ଛାଡ଼ିଦେବା ଭଲ କରନ୍ତର କୁଥନ୍ତା । ଏହା ଯେ ବିଶେଷତଃ ଗଢ଼ୁଛନ୍ତି, ତାଙ୍କ ଭାରତକୁ ଭଲ ହୋଇ ଆସିବା କଥା ମୁଁ କଳ୍ପନା କରିପାରୁନାହିଁ । ସେପରି ଲୋକଙ୍କ ପକ୍ଷରେ ଏହା ସଂପୂର୍ଣ୍ଣ ଅସମ୍ଭବ ।"

ଏ କାଗଜ ପୁଣି ଲେଖିଛନ୍ତି—ଯଦି ଗାନ୍ଧି ମହାତ୍ମାଙ୍କର ସୂଚନା ଉଦ୍ଧୃତ ହାତାଦେଲେ ଯଉଣାମ ସନ୍ଧାନେ ସେହି ଦେଶକ କାର୍ମୀ ହେବେ । ଏହି ଭିତରେ ଉତ୍କଳ ପରଣାମରେ ଔପନିବେଶିକ ସ୍ୱତନ୍ତ୍ରତା ପାଇବ ବୋଲି ଯେ ଘୋଷଣା କଲେ ତାହା ବଡ଼ ଠିକ୍ ହେଲା ।

---

## ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦ ପାଟନାକୁ ଆସିବେ

ପୃଷ୍ଣ ୪-୯-୩୭

ଏଠାରେ ଜଣାପଡ଼ିଛି ଯେ ବିହାରର ନେତା ଶ୍ରୀଯୁକ୍ତ ରାଜେନ୍ଦ୍ର ପ୍ରସାଦଙ୍କୁ ହଜାରିବାଗ ଜେଲରୁ ପାଟନା କେମ୍ପ ଜେଲକୁ ବଦଳି କରିବାପାଇଁ ସରକାର ହୁକୁମ ଦେଇ ସାରିଲେଣି ।

---

# ଗୋଲଟେବିଲ

## ଫେଡ଼ରନ୍ତା ପ୍ରତିନିଧିଙ୍କ ସଙ୍ଗେ ପରାମର୍ଶ ଚାଲିଛି

ପୁନା ୨-୯ ୩୭

ବମ୍ବେର ଫେଡ଼ରେସନ ସଭାପତି ସାର୍ ଜହାଙ୍ଗୀର ଜାହାଙ୍ଗିରଙ୍କ ସଙ୍ଗେ କାଲି ରାତିରେ ମହାତ୍ମାଜୀଙ୍କ ସଙ୍ଗେ ଦୁଇଘଣ୍ଟା କାଳ କଥାବାର୍ତ୍ତା ହୋଇଥିଲା । ଗାନ୍ଧୀ ତାଙ୍କୁ ଡାକିଥିବାରୁ ସେ ଅଗ୍ରିମଭାବେ ଗଜର ମିଳେ । ଏ ସମ୍ବନ୍ଧରେ ଗାନ୍ଧିଜୀ ବେଶୀ ଦଳ ଦଳ ନେ-କଂଗ୍ରେସ ନେତାଙ୍କ ସଙ୍ଗେ ପରାମର୍ଶ କରିବେ । ସେମାନଙ୍କ ସହିତ ବିଷୟ କରିବାରୁ ଯାହା କରିବାର ତାହା ଠିକ୍ କରିବେ । ସେଥିପାଇଁ ତାଙ୍କ ଭିତରେ ଅନ୍ୟାନ୍ୟ କଂଗ୍ରେସ ନେତା ଓ ମାଲବୀୟ ଜୀଙ୍କ ଭିତରେ ଚିଠିପତ୍ର ଚାଲିଛି । ମାନ୍ୟବର ଶ୍ରୀନିବାସ ଶାସ୍ତ୍ରୀ, ସାର ସାପ୍ରୁ, ସାର ରାମସ୍ୱାମୀ ଆୟାର ପ୍ରଭୃତିଙ୍କ ଉପସ୍ଥିତ ହେବାର ଶୁଣାଯାଏ । ସେମାନେ କେବେ ଆସିବେ ତାହା ଜଣାଯାଇନାହିଁ ।

ପଣ୍ଡିତ ଜହରଲାଲଙ୍କୁ ରାଜନୈତିକ ସମସ୍ୟା ବିଚାର କରିବାପାଇଁ ତାଙ୍କ ଦ୍ୱାରା ଗାନ୍ଧିଜୀ ତାଙ୍କ ସହିତ ପରାମର୍ଶ କରିବେ । ସେମିତି ଜଣାଯାଉଛି ଗାନ୍ଧିଜୀ ଦଳ ହୋଇଗଲେ କଟକ ଯାଇ ସାକ୍ଷାତ କରିବେ । ଏ ସମ୍ବାଦରେ ବୋଧହୁଏ ସାଇ ସତ୍ୟ ନାହିଁ । ପଣ୍ଡିତ ଜହରଲାଲଙ୍କ ସହିତ ବୋହୁଠାରେ ମମୂଳତଃ ପରାମର୍ଶ ଚାଲିବ ।

ଗାନ୍ଧିଜୀ କପରି ଶାନ୍ତି ପାଇଁ ଚେଷ୍ଟା କରିବେ ତା ଏପର୍ଯ୍ୟନ୍ତ ଜଣା ଯାଇ ନାହିଁ । ଏହି କେତେକ ଭିତରେ ସେ ସବୁ ଜଣାଯିବ । ଏଠା ରାଜନୈତିକ ମହଲରେ ଯେପରି ଆଲୋଚନା ଚାଲିଛି ସେଥିରୁ ଜଣା ପଡ଼ିଛି ଗାନ୍ଧିଜୀ ଆଉ ବୋଧହୁଏ ଲଟ୍ଲାଟ ସଙ୍ଗରେ ଦେଖା କରିବେ ନାହିଁ । ବାହାରରୁ ଫେରିଥିବା କେ-କଂଗ୍ରେସ ନେତାମାନେ ଗାନ୍ଧି ଓ ବଡ଼ଲାଟ ଭିତରେ ମଧ୍ୟସ୍ଥ ହୋଇ କଥାବାର୍ତ୍ତା ଚଳାଇବେ । ତାହା ଗାନ୍ଧିଙ୍କର ପଦଳୀୟ ସାଧାରଣରେ ପ୍ରକାଶ କରିବେ ଏବଂ ସାଧାରଣ ପକ୍ଷରୁ ତାର ଆନ୍ଦୋଳନ ଚାଲିପାରେ । ବର୍ତ୍ତମାନ ଏହି ବାଟ ଦେଖା ଯାଉଛି । ସାକ୍ଷାତ କରିବା କଥା ଏକାବେଳକେ ଛାଡ଼ିଦେଇ ନାହାନ୍ତି । ଅନ୍ୟମାନଙ୍କ ମତରେ ପୁଣି ସାକ୍ଷାତ କରିବାକୁ ସୁବିଧା ମିଳି ପାରେ । କେତେକ ସମ୍ଭାବନା ସେମାନେ ବର୍ଣ୍ଣନା କରିଥାନ୍ତି । ମଧ୍ୟସ୍ଥଙ୍କ ଦ୍ୱାରା କେନ୍ଦ୍ରରୁ ଆଲୋଚନା କରି ଠିକ୍ ପାଇଲେ ତାହା ସେ କାର୍ଯ୍ୟରେ ଆଗେଇଲେ ଜଣାପଡ଼ିବ । କଂଗ୍ରେସ ସହକର୍ମୀମାନଙ୍କ ସହିତ ପରାମର୍ଶ ନ କରି ଗାନ୍ଧିଜୀ ବୋଧହୁଏ ଏ ଛିଗର ଯନ୍ତ୍ର ବୁଝି ସାଧାରଣରେ ପ୍ରକାଶ କରିବେ ନାହିଁ । ଅଧିକାଂଶ ସହକର୍ମୀ ବର୍ତ୍ତମାନ ଜେଲରେ । ଗାନ୍ଧିଜୀଙ୍କ ସ୍ୱାସ୍ଥ୍ୟ ଭଲ ହେଉଛି ଫେରୁଛି । ରାଜନୈତିକ ଅବସ୍ଥା ଓ ଅବାର ଧାରଣକରିବା ତାହା ବର୍ତ୍ତମାନ ଜଣାପଡ଼ୁନାହିଁ ।

---

## ଆଣ୍ଡ୍ରୁଜ ସାହେବ କଟକ ଆସୁଛନ୍ତି

ପୁନା ୪-୯-୩୭

ଆସନ୍ତା କାଲି ଉପବର୍ତ୍ତନ ଆଣ୍ଡ୍ରୁଜ ସାହେବ ପୁନାରୁ କଟକ ବାହାରିବେ । ସେ କାଟକରେ ଶାନ୍ତି ନିକେତନରେ ଦିନେ ରହିବେ ।

---

Digitized by srujanika@gmail.com

Split by PDF Splitter



# ଆଉନ ଅମାନ୍ୟ ଖବର

## ଭୁଲେଟିନ ବାଣ୍ଟି ଗିରଫ

କାଲ୍କତ୍ତା ୨୮।୮।୩୭

କାଲ୍କତ୍ତା ଜିଲ୍ଲା କଂଗ୍ରେସ କମିଟିର କୃଷକ ସମ୍ପାଦକ ଶ୍ରୀଯୁକ୍ତ ମୋହନ ପ୍ରସାଦ ସିଂହ ଗତକାଲି ଲଗାଏ ଦଶ ବର୍ଷ ପର୍ଯ୍ୟନ୍ତ ରେଶମ ବାଣ୍ଟୁଥିବାରୁ ଗିରଫଦାର ହୋଇଛନ୍ତି। ତାଙ୍କ ସଙ୍ଗେ ଆଉ ୭ଜଣ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କର ବିଚାର ହୋଇନାହିଁ।

## ମାନ୍ଦ୍ରାଜରେ ପିକେଟିଂ

ମାନ୍ଦ୍ରାଜ ତା ୨୭।୮।୩୭

ଶ୍ରୀଯୁକ୍ତ ଭବନା ସ୍ୱାମୀ ଓ ତାଙ୍କର କେତେକ ସହକର୍ମୀ ଗତ ୭ଦିନ କାଳ ଫୁଲ ବଜାରରେ ବିଦେଶୀ ଲୁଗା ଦୋକାନରେ ପିକେଟିଂ କରୁ ଏବେ ଗିରଫ ହୋଇଛନ୍ତି। ପୋଲିସ ସେମାନଙ୍କୁ ବାହାରି ଯିବାପାଇଁ ଆଦେଶ କରିବାରେ ସେମାନେ ଅମାନ୍ୟ କଲେ। ସେଇଠୁ ପୋଲିସ ସେଇ ଗାଡ଼ିରେ ସେମାନଙ୍କୁ ସଙ୍ଗେ ନେଲେ। ପରେ ସେମାନଙ୍କୁ ଧରିନେଇ ଭୁଲବଶା ଜାଳ ଅନ୍ଧାରରେ ଛାଡ଼ି ଦିଆଯାଇଛି।

## ୮ଜଣ ମହିଳା ବନ୍ଦୀ

କରାଚି ୨୫।୮।୩୭

୮ଜଣ ମହିଳା ଗୋଟିଏ ଶୋଭାଯାତ୍ରା କରି ଲଂଡନରେ ପ୍ରସ୍ତୁତ ଦ୍ରବ୍ୟ ବର୍ଜନ କରିବାପାଇଁ ଲୋକଙ୍କୁ ବୁଝାଉଥିବାରୁ ଗିରଫ ହୋଇଛନ୍ତି। ସେମାନଙ୍କ ଧରାରେ କଚେରୀ ପଡ଼ାରେ ଗୋଟିଏ ମିଟିଂ ହୋଇଥିଲା। ଅପରେ ମାଜିଷ୍ଟ୍ରେଟଙ୍କ କୋର୍ଟରେ ବିଚାର ସେମାନେ କଣାଇଥିଲେ।

## ଗାନ୍ଧିଜୀ ଶାନ୍ତିପାଇଁ ସର୍ବଦା ବ୍ୟାକୁଳ

ପୁନା ୨-୯-୩୭

ଆଜ ସାମ୍ବାଦିକଙ୍କ ସହିତ ସାକ୍ଷାତ ବେଳେ ଗାନ୍ଧିଜୀ କହିଲେ କାରାମୁକ୍ତ ହୋଇବା ଦିନରୁ "ଜନକ କେଶରୀ" କାଗଜର ମତ ସମ୍ବନ୍ଧରେ କହିବ ଦେଇ କହିଲେ—"ମୁଁ କଂଗ୍ରେସକୁ ଯେ ଉପଦେଶ ଦେଇଛି ସେଥିରେ ଭୁଲ ଅଛି ଏବାର ଜାଣେ ନାହିଁ। ମତେ ସେ ସ୍ଥଳରେ କଳଙ୍କ ଦେଇ ପାଇଁ ଗୋଟିଏ ନୂଆ ବ୍ୟବସ୍ଥା ହୋଇଛି। ତେଣୁ ସେଥିପାଇଁ ଗୋଟିଏ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡ଼ିବ। ମୁଁ ବର୍ତ୍ତମାନ ସେ ସମ୍ବନ୍ଧରେ ସ୍ୱତନ୍ତ୍ର ମନ୍ତବ୍ୟ ଦେଇ ଅନୁଶୋଚନା କରୁଛି। ମୋର ମତ ପ୍ରକାଶ କରିବାର କୌଣସି ସମାଧାନ ଏପର୍ଯ୍ୟନ୍ତ ହୋଇନାହିଁ। ମୁଁ ମୋର ସବୁ କହିବା ସହିତ ପରାମର୍ଶ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବି ନାହିଁ। ମୁଁ ଜାଣିବାର ଇଚ୍ଛା ମୁଁ ଶାନ୍ତିପାଇଁ ଚେଷ୍ଟା କରୁଛି। ଶାନ୍ତିପାଇଁ ମୋ ଶକ୍ତିରେ ଯାହା ହୋଇପାରିବ ମୁଁ ତାହା କରିବାକୁ କୁଣ୍ଠିତ ନାହିଁ।"

## ପଣ୍ଡିତ ଜହରଲାଲ ଗାନ୍ଧିଜୀଙ୍କ ସହିତ ଦେଖା କରିବେ

ପୁନା ୩-୯-୩୭

ପଣ୍ଡିତ ଜହରଲାଲ ଗାନ୍ଧିଜୀଙ୍କ ପାଖକୁ ଯାଉଛନ୍ତି ସେ ଏହି ଅଗଷ୍ଟ ୩୧ ତାରିଖ ଦେଖିବାକୁ ପୁନାରେ ପହଞ୍ଚିବେ।

---

# କଂଗ୍ରେସ ଭବନ

## ଫେରାଇ ଦେବେ
## ସତ୍ୟମୂର୍ତ୍ତିଙ୍କ ଜିମା ଦିଆଯିବ

ମାନ୍ଦ୍ରାଜ, ୩।୯।୩୭

ଏଠାରେ ପ୍ରକାଶ ପାଇଛି ଯେ ମାନ୍ଦ୍ରାଜର ଜେନେରାଲ ପୋଷ୍ଟଅଫିସରେ ଥିବା କଂଗ୍ରେସ ଘର, ଯାହାକୁ ୧୯୩୨ ଜାନୁଆରୀରେ କଂଗ୍ରେସ ବେ-ଆଇନ ସଭା ବୋଲି ଘୋଷିତ ହୋଇଥିବାବେଳେ ସରକାର ଦଖଲ କରିଥିଲେ ତାକୁ ଫେରାଇଦେବା କଥା ସରକାର ଠିକ୍ କରିଛନ୍ତି। ତାମିଲ ନାଡୁ କଂଗ୍ରେସ କମିଟିର ଭାଇସ୍ ପ୍ରେସିଡେଣ୍ଟ ଶ୍ରୀଯୁକ୍ତ ସତ୍ୟମୂର୍ତ୍ତିଙ୍କ ପାଖକୁ ଯେ କୋଠାର ଚାବି ନେବାପାଇଁ ନୋଟିସ ଦିଆଯାଇଛି।

—o—

## ରେଙ୍ଗୁନ ଖବର

ଗତ ମାସ ୧ ତାରିଖରେ ଶ୍ରୀଯୁକ୍ତ କେ, ସି, ବେହେରାଙ୍କ ସଭାପତିତ୍ୱରେ ଓଡ଼ିଆ ମାନଙ୍କର ଗୋଟିଏ ସଭା ଜଗନ୍ନାଥ ଭବନରେ ହୋଇଥିଲା। ଗୋପବନ୍ଧୁ, ସେଠା ମିଶନର ଯୋଗାଡ଼ରେ ଦେଶପ୍ରିୟ ଜଗନ୍ମୋହନଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବାପାଇଁ ଏ ସଭା ହୋଇଥିଲା। ସଭାର ଶେଷର ବୁଝିବା କଣ ଉ ଗୋଟିଏ ପ୍ରସ୍ତାବ କରାଯାଇ ଥିଲା।

## ଶ୍ରୀଯୁକ୍ତ କେ, ସି, ବେହେରା
## ମନ୍ଦିର ଟ୍ରଷ୍ଟି ହେଲେ

ଅଗଷ୍ଟ ମାସ ୮ ତାରିଖ ଦିନ ହନୁମାନ ମନ୍ଦିରର ପୂଜକ ମାନଙ୍କର ଓଡ଼ିଆ ସମାଜ ସ୍ଥଳରେ ଗୋଟିଏ ସଭା ହୋଇଥିଲା। ରେଙ୍ଗୁନ ଅଲ୍ଡର ମ୍ୟାନଙ୍କର ଅଧ୍ୟକ୍ଷରେ ହନୁମାନ ମନ୍ଦିରପାଇଁ ଟ୍ରଷ୍ଟି ନିର୍ବାଚନ କରିବାପାଇଁ ଏ ସଭା ହୋଇଥିଲା। ପ୍ରାୟ ୭୦୦୦ ଲୋକ ଯୋଗ ଦେଇଥିଲେ। ଓଡ଼ିଆଙ୍କ ପକ୍ଷରୁ ଶ୍ରୀଯୁକ୍ତ କେ, ସି, ବେହେରା ଟ୍ରଷ୍ଟି ନିର୍ବାଚିତ ହେଲେ। ଶ୍ରୀଯୁକ୍ତ ଏଲ, ମିଶ୍ର ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଉଭୟ ତାଙ୍କ ମଧ୍ୟରେ ମୋଟେ ଏକଶହ ଲୋକ ଭୋଟ ଦେଇଥିଲେ।

## ହିଟଲରଙ୍କ ନଛୋଡ଼ବନ୍ଧା
## ସାରା ରାଜ୍ୟ ନିଶ୍ଚୟ ନେବେ

ବର୍ଲିନ ୨୯-୮-୩୭

ଷ୍ଟ୍ରେଜେନ ବର୍ଗଠାରେ ହୋଇଥିବା ସ୍ୱଦେଶ ସ୍ମୃତି ଉତ୍ସବରେ ହିଟଲର ସରକାର ସମ୍ପର୍କ ରଖିଥିବା ବର୍ଲିନ୍ ୩ହଜାର ଏକର ଜମିର ଜଙ୍ଗଲ ଜମି ଦାନ କଲେ। ସ୍ୱଲ୍ପ ହଜାର ଛୁଟିବାର ଏ ଉତ୍ସବରେ ଯୋଗଦେଇ ସଙ୍ଗେ ସଙ୍ଗେ ଷ୍ଟ୍ରେଜେନ ଠାରୁ ଉଡ଼ାଜାହାଜରେ ଉଡ଼ିଗଲେ। ସେଠାରେ ହଜାର ହଜାର ଲୋକଙ୍କ ଏକ ସଭାରେ କହିଲେ— "ଜର୍ମାନୀ ସାରା ରାଜ୍ୟ କେବେହେଁ ଛାଡ଼ିଦେବ ନାହିଁ। ଜର୍ମାନୀ ହାତରୁ ଯାହା ଯୁଦ୍ଧ ଦେଇ ସେ ରାଜ୍ୟ ଛଡ଼ାଇ ନିଆଯାଇଛି, ତାକୁ ଅଲବତ ଫେରାଇ ଦେବାକୁ ହେବ।"

---

## ସମ୍ବାଦ ଦାତାଙ୍କ ପ୍ରତି

କେତେକ ସମ୍ବାଦ ଗଂଜାମରେ ଲେଖାହୋଇ ଅସୁଥିବାରୁ ଶୀଘ୍ର ପ୍ରକାଶ କରିବାରେ ଡେରି ହେଉଛି। ଅତଏବ ସମ୍ବାଦ ଦାତାମାନେ ଏଣିକି ଓଡ଼ିଆରେ ଲେଖି ପଠାଇବେ।

ସମ୍ପାଦକ, କୃଷକ ସମିତି

---

# କଟକରେ

## ୪୭ହଜାର ଟଙ୍କା ଡକାଯିବ
## କିଆଯିବ

କଟକ ୩-୯-୩୭

ସରକାର ପକ୍ଷରୁ ବନ୍ୟା ପୀଡ଼ିତ ଲୋକଙ୍କ ସାହାଯ୍ୟ କରିବାପାଇଁ ୪୭ହଜାର ଟଙ୍କା ଋଣ ସ୍ୱରୂପ ଦିଆଯିବ। ତିନିଟି କେନ୍ଦ୍ରରୁ ଡେପୁଟିମାନେ ଟଙ୍କା ନେଇ ବାହାରି ଗଲେଣି।

## କିଶୋରୀପାଟଣା ବନ୍ଦର ଖୋଲିବ

ସିମଲା ୨-୯-୩୭

କିଶୋରୀପାଟଣା ବନ୍ଦର ଦେଇ ଜାହାଜ ଯିବା ଆସିବା କରିବା ଅଟକାଇବ ୫ ତାରିଖଠାରୁ ହେବ। ସୂର୍ଯ୍ୟୋଦୟର ଅଧଘଣ୍ଟା ପୂର୍ବରୁ ସୂର୍ଯ୍ୟାସ୍ତର ଅଧଘଣ୍ଟା ପର ପର୍ଯ୍ୟନ୍ତ ଖୋଲା ରହିବ। ବର୍ତ୍ତମାନ ୨୭ ଫୁଟରୁ ଅଧିକ ଜାହାଜ ବା ଷ୍ଟିମର ଭିତରକୁ ଆସି ପାରିବ ନାହିଁ।

## ମୋତିହାରୀରେ ଗିରଫ

ମୋତିହାରୀ ୨୯।୮।୩୭

ଚମ୍ପାରଣ ଜିଲ୍ଲା କୃଷକ ସଭାର ସଂପାଦକ ଶ୍ରୀଯୁକ୍ତ ରାମ ବାହାଦୁର ପ୍ରସାଦ ୧୦ଜଣ ସ୍ୱେଚ୍ଛାସେବକ ନେଇ ମୋତିହାରୀ ସହରରେ କଂଗ୍ରେସ ମାର୍ଚ୍ଚ କରିବେ ବୋଲି ପୂର୍ବରୁ ମାଜିଷ୍ଟ୍ରେଟଙ୍କ ଚିଠି ଦେଇଥିଲେ। ଶୋଭାଯାତ୍ରା କରି ଯାଉଥିବା ବେଳେ ସେମାନେ ଗିରଫ ହୋଇଛନ୍ତି। ଏଠାର ପ୍ରସିଦ୍ଧ କଂଗ୍ରେସ ନେତା ଶ୍ରୀଯୁକ୍ତ ଠାକୁର ଓ ଅନ୍ୟାନ୍ୟ କେତେକ କଂଗ୍ରେସ କର୍ମୀ ଗିରଫ ହୋଇ ୨ମାସରୁ ୭ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ପାଇଛନ୍ତି।

## ଓଡ଼ିଶାରେ ଗିରଫ
## ସାଧୁଚରଣଙ୍କ ଛଅମାସ

ବାଲେଶ୍ୱର ୨୪।୮।୩୭

ଜରୁରୀ ଅମଳରେ 'ସତ୍ୟାଗ୍ରହଙ୍କ କାର୍ଯ୍ୟ' ପାଇଁ ଗିରଫ ହୋଇଥିବା ଶ୍ରୀଯୁକ୍ତ ସାଧୁଚରଣ ଦାସଙ୍କର ବିଚାର ଗତ ୨୭ ତାରିଖ ଦିନ ହୋଇଥିଲା। ତାଙ୍କୁ ଛଅମାସ ଜେଲ ହୁକୁମ ହୋଇଛି।

## କଟକରେ ଗିରଫ

କଟକ ୩-୯-୩୭

ଗତ ପହିଲା ଦିନ ଶ୍ରୀ ଭଗୋବନ୍ଧୁ ବାବୁ କାନନଗୋ, ସୁରେନ୍ଦ୍ରନାଥ ପଟ୍ଟନାୟକ ଓ ଗଙ୍ଗାଧର ମାନ୍ତ୍ରି ପ୍ରମୁଖ ୩ଜଣ ସତ୍ୟାଗ୍ରହୀ ଆଇନ ଅମାନ୍ୟ କରିବେ ବୋଲି ମାଜିଷ୍ଟ୍ରେଟଙ୍କୁ ଚିଠି ଦେଇଥିଲେ। ବାଲିଆରେ ଜଙ୍ଗଲ ଆଇନ ଅମାନ୍ୟ କରିବାକୁ ଯାଉଥିବା ବେଳେ ସେମାନଙ୍କୁ ପୋଲିସ ଗିରଫ କରି ଆଣି ଛାଡ଼ିଦେଲେ। ବର୍ତ୍ତମାନ ଏ ୩।୪ ଦିନ ହେଲା ସେମାନେ କଟକର ଅଫିମ ଦୋକାନରେ ପିକେଟିଂ କରୁଛନ୍ତି। ପୋଲିସ ସେମାନଙ୍କୁ କାଲି ନିଆଯାଇ ଗାଡ଼ିରେ ଛାଡ଼ିଦେଇଛନ୍ତି। ଆଉ ସରକାର ସେମାନଙ୍କୁ ପୁଣି ଗିରଫ କରି ନେଉଛନ୍ତି।

Digitized by srujanika@gmail.com

Split by PDF Splitter



REGISTERED NO. P 6

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦ ପତ୍ରିକା
The Utkal Dipika

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

ବାର୍ଷିକ ଅଗ୍ରିମ ମୂଲ୍ୟ ୪ ୮
ପ୍ରତିସଂଖ୍ୟା ୦ ୧

୬୮ ଭାଗ | Cuttack, Saturday the 16th September 1933
ଆଶ୍ୱିନ ୧ ମ ଦିନ ୧୩୪୦ ସାଲ ଶନିବାର | ୩୭ଶ ସଂଖ୍ୟା

## ଗାନ୍ଧି ଜହରଲାଲ

### ଭେଟ

ପୁନା ୧୧।୯ ତା

ମହାତ୍ମାଗାନ୍ଧି, ପଣ୍ଡିତ ଜହରଲାଲ, ଶ୍ରୀମତୀ ସରୋଜିନୀ ଓ ଅଧ୍ୟାପକ କୃପାଲନୀ ଆଜ ସକାଳ ୧୧ଟା ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଥିଲା । ପୁଣି ଅପରାହ୍ନରେ କଥାବାର୍ତ୍ତା ଚାଲିଛି । ଏ କଥାବାର୍ତ୍ତା କେଉଁ ବିଷୟରେ ହେଉଛି ତାହା କେହି ଜାଣି ନାହାନ୍ତି । ବୁଧବାର ସକାଳଠାରୁ ପର୍ଯ୍ୟନ୍ତ ଏ କଥାବାର୍ତ୍ତା ଚାଲିବ ବୋଲି ଜଣାଯାଏ ।

ପୁନା ୧୨।୯।୩୩

ଗାନ୍ଧି ଓ ପଣ୍ଡିତ ଜହରଲାଲଙ୍କ କଥାବାର୍ତ୍ତା ଆଜି ସମାପ୍ତ ହେଲା । କଂଗ୍ରେସ ଭବିଷ୍ୟତ ବିଷୟରେ କଥାବାର୍ତ୍ତା ଚାଲିଥିଲା । ଶ୍ରୀମତୀ ସରୋଜିନୀ ନାଇଡୁ ସେଠାରେ ଉପସ୍ଥିତ ଥିଲେ ଶେଷ ବୈଠକ ହୋଇଥିଲେ ମଧ୍ୟ ସେପରି ଜଣାଯାଉଛି କଂଗ୍ରେସ ନୀତିରେ ବିଶେଷ କିଛି ପରିବର୍ତ୍ତନ ହେବନାହିଁ । ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନ ସମ୍ଭାବନା ନାହିଁ ।

ପଣ୍ଡିତ ଜହରଲାଲ କେଉଁଠି ଯିବେ ଏପର୍ଯ୍ୟନ୍ତ ଜଣା ଯାଇନାହିଁ । ତାଙ୍କ ମାଙ୍କ ସ୍ୱାସ୍ଥ୍ୟ ଉପରେ ତାଙ୍କ କାର୍ଯ୍ୟପନ୍ଥା ନିର୍ଭର କରେ ।

ମହାତ୍ମାଗାନ୍ଧି ତା ୧୫ ରାତ୍ରରେ ବମ୍ବେ ଯିବେ । ସେଠାରେ ୭ଦିନ ରହି ୨୩ ତାରିଖରେ ଓ୍ୟାର୍ଦ୍ଧା ଯିବେ । ଗାନ୍ଧୀଜୀ ଶାନ୍ତିପାଇଁ ଭଗବାନ ଚେଷ୍ଟା କରିବେ । କିନ୍ତୁ ସେ ବଡ଼ଲାଟ ସହିତ ଦେଖା କରିବେ ନାହିଁ । ଗାନ୍ଧୀ ମାଳବୀୟଙ୍କ ନେତାଙ୍କ ସହିତ ଦେଖା କରିବାକୁ ଆଶା କରିଥିଲେ ବୋଲି ଏଠାରେ ଜଣାଯାଇଛି । ସେ କେବଳ ସାମ୍ପ୍ରଦାୟିକ ଅସ୍ପୃଶ୍ୟଙ୍କ ସଙ୍ଗେ ଦେଖା କରିପାରନ୍ତି ।

---

### କାଲିକଟା ଡିଆଡ଼ିକର ଧରାପଡ଼ିଲେ

ଲାହୋର ୭।୯।୩୩

୪ ମାସ ତଳେ ଜାଲ ଟଙ୍କା ଧରା ପଡ଼ିବାରୁ ଲାହୋର ରେଲ ଷ୍ଟେସନରୁ ଜଣକୁ ଗିରଫ କରି ରଖିଥିଲେ । ଏବେ ଏ ସମ୍ପର୍କରେ, ଲାହୋର, ରାୱଲପିଣ୍ଡି, ଅମୃତ ସହର ଓ ମୁଲତାନରୁ ୧୦ ଲୋକଙ୍କୁ ଧରିଛନ୍ତି । ସେମାନଙ୍କଠାରୁ ଜାଲ ଟଙ୍କା ମଧ୍ୟ ଧରା ପଡ଼ିଥିବାର କଥା ପ୍ରକାଶ ।

---

## ଓଡ଼ିଶା ବନ୍ୟାପାଇଁ

### ଗାନ୍ଧିଜୀ ସାହାଯ୍ୟ କରିବେ

ପୁନା ୧୧।୯।୩୩

ଓଡ଼ିଶାର ବନ୍ୟାରେ ଏଥର ଯେ କ୍ଷତି ହୋଇଛି ଏବଂ ଲୋକଙ୍କର ଦୁର୍ଦ୍ଦଶା ହେଉଅଛି ତାହା ଶୁଣି ମହାତ୍ମାଜୀ ବହୁ ବ୍ୟସ୍ତ ହେଉଛନ୍ତି । ସେ ଶୀଘ୍ର କଟକ ବାହାରିଯିବେ ।

ଓଡ଼ିଶାର ବନ୍ୟା ବିପନ୍ନ ଲୋକଙ୍କପାଇଁ ସେଠାରେ ଏକ ଆବେଦନ କରିବେ ବୋଲି କହିଛନ୍ତି । ସେଠାରେ ଓଡ଼ିଶାର ବନ୍ୟା ସାହାଯ୍ୟ ପାଇଁ ଗୋଟିଏ ସ୍ୱତନ୍ତ୍ର କମିଟି ଗଢ଼ାଯାଇପାରେ । ସାଧାରଣ ଦୃଷ୍ଟି ଓଡ଼ିଶାର ଅବସ୍ଥା ଉପରେ ପଡ଼ିବା ପାଇଁ ଦେଖି ଆସିବେ । ଓଡ଼ିଶାରୁ ଫେରି ସେ ସିଧା ସିମଲା ଯିବେ । ସେଠାରେ ଭାରତର ରାଜନୈତିକ ଅବସ୍ଥାରେ ଶାନ୍ତି ଆଣିବାପାଇଁ ସେ ବଡ଼ଲାଟଙ୍କ ସହିତ କଥାବାର୍ତ୍ତା କରିବେ । ୧୯୨୭ ସାଲ ବୈତରଣୀ ବନ୍ୟାରେ ଯେ କ୍ଷତି ହୋଇଥିଲା ସେଥିପାଇଁ ସେତେବେଳର ବଡ଼ଲାଟ ଲର୍ଡ ଇର୍ଉଇନ୍ ନିଜେ ଟିକିଏ ଦୃଷ୍ଟି ଦେବାକୁ ତାଙ୍କୁ ଅନୁରୋଧ କରିଥିଲେ ।

ସାରଦା ଅମ୍ବୁଜ ଓ୍ୟାର୍ଦ୍ଧା ଆଶ୍ରମରେ ସିଧା କଟକ ଆସୁଛନ୍ତି ।

---

### ଗାନ୍ଧିଜୀଙ୍କୁ ରାଜନୀତି ଛାଡ଼ିବାକୁ

ଅନୁରୋଧ

ପୁନା ୧୨।୯।୩୩

ଏଠାରେ ଜଣାଯାଇଛି ଯେ କେତେକ ଲୋକ ଗାନ୍ଧୀଜୀଙ୍କୁ ରାଜନୀତିରୁ ଅଲଗା ହୋଇ ବର୍ତ୍ତମାନ ଏକବର୍ଷ ପାଇଁ କେବଳ ହରିଜନ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି । ଗାନ୍ଧୀ ଜହରଲାଲଙ୍କ ସହିତ କଥାବାର୍ତ୍ତା ନକରି ସ୍ଥିର କରୁନାହାନ୍ତି । କେତେ ତାଙ୍କ ଆଜି ଭାବରୁ ସେପରି ଜଣାଯାଉଛି ସେ ଶାନ୍ତିପାଇଁ ବଡ଼ ବ୍ୟାକୁଳ ।

---

## କଟକରେ ପୁଣି ଗିରଫ

### ସତ୍ୟାଗ୍ରହୀଙ୍କୁ ମାସେ ମାସେ ଜେଲ

କଟକ ୧୩।୯।୩୩

କାଲି ଅଫିମଦୋକାନ ଆଗରେ ପିକେଟିଂ କରିବାକୁ ବନୋଦବିହାରୀ କାନୁନ୍‌ଗୋ, ସନାତନ ମାଝୀ, ମାଧବାନନ୍ଦ ମହାନ୍ତି ଓ ସନାତନ ଦାସ ପ୍ରଭୃତି ଶ୍ରୀରଙ୍ଗଣ ସତ୍ୟାଗ୍ରହୀ ଗିରଫ ହୋଇଥିଲେ । ସେମାନଙ୍କୁ ଏଠି ଦିନେ ଜେଲକୁ ନିଆଗଲା ।

ଆଜ ତାଙ୍କ ବିଚାର ଜେଲରେ ହୋଇଥିଲା । ପ୍ରତ୍ୟେକଙ୍କୁ ଏକମାସ କରି ବିନାଶ୍ରମ ଜେଲଦଣ୍ଡ ହୁକୁମ ହୋଇଛି ।

ବାବୁ ସୁରେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଯେଉଁ ୪ଜଣ ବାଙ୍କି ଜଙ୍ଗଲ ଆଇନଅମାନ୍ୟ କରିବାକୁ ଯାଇଛନ୍ତି ସେମାନଙ୍କର କିଛି ଖବର ଜଣାଯାଇନାହିଁ ।

---

### ନୂଆ ନୂଆ ଯୁଦ୍ଧଜାହାଜ ତିଆରିଲାଗିଛି

ୱାଶିଂଟନ ୮।୯।୩୩

ଆମେରିକାର ଆଉ ଗୋଟିଏ ନୂଆ ଯୁଦ୍ଧ ଜାହାଜ ଫିଲାଡେଲଫିଆରେ ତିଆରି ହେଉଛି । ଏଥିରେ ଉଡ଼ା ଜାହାଜ, ବୁଡ଼ା ଜାହାଜ, ତୋପ, ବନ୍ଧୁକ ଓ ଗୁଳି ବାରୁଦ ରକ୍ଷା ହୋଇ ରହିବାର ବ୍ୟବସ୍ଥା ହେବ । ଏହା ସବୁଠାରୁ ବଡ଼ ଯୁଦ୍ଧ ଜାହାଜ ହେବ । ଏଥିରେ ଆମେରିକାର ୩ କୋଟି ୭୦ ଲକ୍ଷ ଟଙ୍କା ଖରଚ ହେବ ।

---

### କନିକା ରାଜାଙ୍କ କାର୍ଯ୍ୟକାଳ ଶେଷ

ସିମଲା ୭।୯।୩୩

ସରକାରୀ ଇସ୍ତାହାରରେ ପ୍ରକାଶ ଯେ ୧୯୩୪ ମସିହା ଜାନୁୟାରୀ ୧୨ ତାରିଖ ମାନ୍ୟବର କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେଓଙ୍କର ବିହାର ଓଡ଼ିଶା ସରକାରଙ୍କ କାର୍ଯ୍ୟକାରୀ କାଉନ୍‌ସିଲ ମେମ୍ବର କାର୍ଯ୍ୟକାଳ ସରିଯିବ । ତାଙ୍କ ଜାଗାରେ ବିହାର ଓଡ଼ିଶା ବ୍ୟବସ୍ଥା ସଭାର ସଭାପତି ମାନ୍ୟବର ବ୍ରଜକିଶୋର ସିଂହ କାର୍ଯ୍ୟକାରୀ କାଉନ୍‌ସିଲର ମେମ୍ବର ହେବେ ବୋଲି ସମ୍ରାଟଙ୍କ ମଞ୍ଜୁରୀ ଆସିଛି ।

---

Digitized by srujanika@gmail.com

Split by PDF Splitter



# ଉତ୍କଳଦୀପିକା

ସେପ୍ଟେମ୍ବର ତା ୧୬ ରଖ ଶନିବାର

## ଦୁର୍ଦ୍ଦଶା କେବେ ଫେରିବ ?

ଦୁଃଖ କେବେ ଏକୁଟିଆ ଆସେନାହିଁ । ତାର ସଙ୍ଗରେ ସାଇ, ଭାଇ ପଡ଼ୋଶିଙ୍କୁ ମଧ୍ୟ ନେଇ ଆସେ । ଓଡ଼ିଶା ଭାଗ୍ୟରେ ଏଥର ତାହା ଘଟିଛି । ଅଭାବ ଅସ୍ୱାସ୍ଥ୍ୟ ଓ ଅଶିକ୍ଷା ଓଡ଼ିଆଙ୍କୁ ଚିରକାଳ ବସାଭଳଗାମୀ କରି ରଖିଛି । ସେଥିରେ ପୁଣି "ବୋଝ ଉପରେ ନଳିତାବିଡ଼ା" ପରି ବନ୍ୟା ଆସି ତାଙ୍କୁ ଦୁଃଖ ଶୋଷରି ମାତ୍ରା ବଢ଼ାଇଦେଇ ଯାଉଛି । ପୃଥିବୀର ସବୁ ଜାତି ଯେତେବେଳେ ଉନ୍ନତି ପଥରେ ଧାଇଁଛନ୍ତି ସେତେବେଳେ ଗରିବ ଓଡ଼ିଆ ପେଟପୋଷଣର ଚିନ୍ତା ଛାଡ଼ିବାକୁ ପାରୁନାହିଁ । ଉନ୍ନତିର ଚିନ୍ତା କରିବେ କଣ ? ଏଭଳି ଗଲା ବନ୍ୟାକଥା, ଓ ତାଉପରେ ହଇଜା ମ୍ୟାଲେରିଆ ଓ ବସନ୍ତ ପ୍ରଭୃତି କେତେ ରୋଗ ଆସି ତାଙ୍କର ସାମୟିକ ସୁଖକୁ କେତେ ବେଳେ ବିସ୍ତାର କରି ଶୁଳି ଯାଉଛନ୍ତି ।

ଦେଶର ମେରୁଦଣ୍ଡ କୃଷିକୁଳ ସେମାନଙ୍କର ଆର୍ଥିକ ଶାରୀରିକ ଓ ମାନସିକ ଅବସ୍ଥା ଉପରେ ଦେଶର ସମୂହ କଲ୍ୟାଣ ନିର୍ଭର କରେ । ଏସବୁ ଛିଦ୍ରର ସ୍ଥାୟୀ ପ୍ରତିକାର ନ କଲେ ପ୍ରତ୍ୟେକବର୍ଷ ଲୁଡ଼, ସାମୟିକଶାସନ ଲୁଡ଼ ବା ଅନ୍ୟ ଯାହାକିଛି ଲୁଡ଼ ତାର ଦ୍ୱାରା କୌଣସି ଫଳ ଲାଭ ହେବନାହିଁ । ଗରିବ କୃଷୀ ଦିନେ ହା ଅନ୍ନ ହା ଅନ୍ନ ବୋଲି ଚିତ୍କାର କରୁଥିବେ, ଆଉ ବ୍ୟବସ୍ଥା ପରିଷଦ ମେମ୍ବରମାନେ ଆସି ତର୍ଜନ ଗର୍ଜନ କରି ଗୋଟିଏ ବକ୍ ବକ୍ କରି ଫେରି ଯାଉଥିବେ କିନା !

ଆମ୍ଭମାନଙ୍କର ଅନୁରୋଧ ଦେଶର ପ୍ରକୃତ ହିତୈଷିଗଣ ଏସବୁ ଦୁର୍ଦ୍ଦଶାର ମୂଳକୁ ଉପଲବ୍ଧି କରି ସରକାରଙ୍କ ପାଖରେ ଏକ ସ୍ୱରରେ ସ୍ଥାୟୀ ପ୍ରତିକାର ପାଇଁ ଦାବି କରନ୍ତୁ । ସରକାର ମଧ୍ୟ ଲୋକଙ୍କର ଆପତ୍ତି ଅଭିଯୋଗ ଶୁଣି ଭଲ କରି ବୁଝି ଲୋକଙ୍କର ପ୍ରକୃତ ମଙ୍ଗଳ ଯହିଁରେ ହେବ ସେପରି କରିବା ଦରକାର । ଖାଲି ଆପତ୍ତି ଅଭିଯୋଗ ଶୁଣି ବାଁଏ ବାଁଏ କରିଦେଲେ କିଛି ହେବନାହିଁ । ସାମୟିକ କିଛି ସାହାଯ୍ୟ ଲଗାଇ ଦେଇ ଦେଲେ ସରକାରଙ୍କ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବିବା ଉଚିତ ନୁହେଁ । ବର୍ତ୍ତମାନ ବ୍ୟବସ୍ଥାପକମାନେ ଯେଉଁସବୁ ଆପତ୍ତି ସରକାରଙ୍କ ପାଖରେ ଉପସ୍ଥାପିତ କରୁଛନ୍ତି ତାର ପ୍ରକୃତ ବିସ୍ତାର କରାଯାଉ । ଲୋକଙ୍କୁ ବର୍ତ୍ତମାନ ସରକାର ରକ୍ଷା କରିବାପାଇଁ ସମସ୍ତ ସାହାଯ୍ୟ ଦିଆଯାଉ ଏବଂ ଆଉ ଥରେ ଯାହା ଆକାଳ ନ ହେବା ପର୍ଯ୍ୟନ୍ତ ଖଜଣା ଓ ଟିକସ ଛାଡ଼ି ଦିଆଯାଉ । ସେହି ସବୁ ଜମିରେ ବାଲି ପଡ଼ି ଯାଇଛି ସେଥିରୁ ବାଲି କାଢ଼ିବା ପାଇଁ ସାହାଯ୍ୟ କରାଯାଉ । ଏହାସବୁ କେବଳ ସରକାରଙ୍କର କର୍ତ୍ତବ୍ୟ । ଏଥିସଙ୍ଗେ ସରକାରୀ ଓ ବେସରକାରୀ କେତେକ ଲୋକଙ୍କୁ ନେଇ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଗୋଟିଏ ଅନୁସନ୍ଧାନ କମିଟି କରାଯାଉ । ପୂର୍ବଅବମାନଙ୍କ ପରି ଲୋକ ଦେଖାଣିଆକୁ କମିଟି କରାଇ ସେଥିରେ ହାଁରେ ହାଁରେ କରି ବାଉ କେତେକ ସ୍ୱାର୍ଥସମ୍ପନ୍ନ ଲୋକଙ୍କୁ ନେଇ ରିପୋର୍ଟ କାହାର କରିଦେଲେ ହେବ ନାହିଁ । ପ୍ରକୃତ ଯେଉଁମାନେ ଲୋକଙ୍କର ମଙ୍ଗଳ ଚାହାନ୍ତି ଓ ଲୋକଙ୍କର ଯାହାଙ୍କ ଉପରେ ବିଶ୍ୱାସ ଅଛି ସେପରି ଲୋକଙ୍କୁ ସେ କମିଟି ଭରି ଦିଆଯାଉ ।

# ଗାନ୍ଧିଙ୍କୁ ବେତମାଡ଼ ଦିଅ

## ଆଙ୍ଗ୍‌ଲୋ ଇଣ୍ଡିଆନ କାଗଜର ମତ ଭାରତ ବ୍ୟବସ୍ଥା ସଭାରେ ପ୍ରଶ୍ନୋତ୍ତର

ସିମଲା ୧୬-୯-୩୭

ଆଜି ୪ଟା ବେଳେ ଶ୍ରୀଯୁକ୍ତ ଭଗବତ୍‌ଗ୍ରାମ ସ୍ୱାମୀଙ୍କର କଲିକତାର 'ଷ୍ଟେଟ୍ସ ମେନ୍ କି ଗେଜେଟ୍' କାଗଜ ମହାତ୍ମାଙ୍କୁ ଆକ୍ରମଣ କରିବା ବିଷୟରେ ମୂଳତବୀ ପ୍ରସ୍ତାବ ଆଣିଥିଲେ । ସେ କାଗଜରେ ଲେଖିଥିଲେ—"ବେତ ବେତ ମାଡ଼ ପାଇଁ ଦେହର ଯେଉଁ ଅଙ୍ଗ ସୃଷ୍ଟି କରିଛି ଗାନ୍ଧିଙ୍କ ସେହି ଅଙ୍ଗରେ ବେତମାଡ଼ ଦେବାପାଇଁ ଅନେକ ଲୋକ ବୋଧ କରୁଛନ୍ତି ।"

ତେବେ ଗାନ୍ଧି ବୁଢ଼ାହୋଇ ଯାଇଥିବାରୁ ତାଙ୍କ ଉପରେ ଏପରି ମାଡ଼ ହୋଇ ପାରୁନାହିଁ ବୋଲି ସେ ନୈରାଶ୍ୟ ପ୍ରକାଶ କରିଛନ୍ତି ।

ଆଇନ ଦୃଷ୍ଟିରେ ଏଭଳି ଲେଖା ଦଣ୍ଡନୀୟ କି ନାହିଁ ଏ କଥା ଶ୍ରୀଯୁକ୍ତ ନଭଲ ସପ୍ରୁ ପଚାରିବାରୁ ସରକାରଙ୍କ ପକ୍ଷରୁ ସାର୍ ନୃପେନ୍ ସର୍କାର କହିଲେ—"ଏ ଲେଖା ମୁଁ ଦେଖିଛି, କିନ୍ତୁ ଛାପିବା ସେ କାଗଜରେ ତାର ଅର୍ଥ ତା ନୁହେଁ ବୋଲି ବୁଝେଇ ଆଉ ଗୋଟିଏ ଲେଖା ବାହାର କରିଛନ୍ତି । ଏଭଳି ଲେଖାର ପରିଣାମ କଣ ହେବ ସେ କଥା ପ୍ରାଦେଶିକ ସରକାର ଆଇନ ଦୃଷ୍ଟିରୁ ବୁଝିବେ ।" ମସ୍ତୁଦ ଅହମଦ—"ଏ ଲେଖାପଢ଼ି ଲୋକଙ୍କ ମନରେ କି ଭାବ ଜନ୍ମୁଛି ସରକାର ସେ କଥା ଜାଣି ପାରୁଛନ୍ତି କି ?"

ସରକାର ପକ୍ଷରୁ ମିଷ୍ଟର ଟୋନ୍ସ ସାହେବ କହିଲେ—"ଯେଉଁମାନେ ଏହା ପଢ଼ିଛନ୍ତି ତାଙ୍କଠାରୁ ସରକାର ଜାଣନ୍ତି ।

ମସ୍ତୁଦ ଅହମଦ—ସରକାର କାଗଜପତ୍ର କାଗଜ ଭଲ ପଢ଼ନ୍ତି ?

ଟୋନ୍ସ—ହଁ ।

ପଣ୍ଡିତ ସତ୍ୟେନ ସେନ—ଷ୍ଟେଟ୍ସ ମେନ ଗେଜେଟରେ ଯେ ସିଗ୍ଧକଥା ଲେଖା ଯାଇଛି ସେ ଖାଲି ମହାତ୍ମାଙ୍କ ବିଷୟରେ ଲେଖା ଯାଇଛି, ନା ଲୋଗ ସାହେବଙ୍କ ବିଷୟରେ ମଧ୍ୟ ଲେଖା ଯାଇଛି ?

ଟୋନ୍ସ—ଖାଲି ମହାତ୍ମାଙ୍କ ବିଷୟରେ ଲେଖାଯାଇଛି ।

ଶ୍ରୀଯୁକ୍ତ ଗୟାପ୍ରସାଦ ସିଂହ—ଯେଉଁ ଆଙ୍ଗ୍‌ଲୋ ଇଣ୍ଡିଆନ୍ମାନେ ଏଭଳି ଲେଖା ପ୍ରକାଶ କରୁଛନ୍ତି, ତାଙ୍କର ଏଭଳି ଅଙ୍ଗରେ ବେତ ମାଡ଼ ଉପଯୁକ୍ତ ଦଣ୍ଡ ହେବନାହିଁ କି ?

ସାର୍ ଜାହାଙ୍ଗିର—ମୁଁ ସରକାରଙ୍କୁ ପଚାରେ ଏଭଳି ଲେଖା ଆଇନ୍ ଅନୁସାରେ ଦଣ୍ଡନୀୟ କି ନା ?

ଟୋନ୍ସ କହିଲେ—ମୁଁ କହିଛି ଏକଥା ପ୍ରାଦେଶିକ ସରକାର ବିଚାର କରିବେ ।

ସାର୍ କ୍ରେକ କହିଲେ—ଲେଖା ବୁଝି ନେଇ ଯଦି ଆପତ୍ତି ହୁଏ, ଆମ ସରକାର ସେଥିରେ ବେଖି ନେବେ । କିନ୍ତୁ ଏ ସେ ପ୍ରଶ୍ନଠାରୁ ଏ ଅଲଗା କଥା । କୋର୍ଟ ହିଁ ସେ ସମ୍ବନ୍ଧରେ ବିଚାର କରିବେ, କିନ୍ତୁ ଆଇନ ଅନୁସାରେ ଦଣ୍ଡନୀୟ ହୋଇ ନପାରେ । ଏ ଲେଖା ବିଷୟରେ ଭାରତ ସରକାର ଅନ୍ତ ମତ ପ୍ରକାଶ କରିବାକୁ ରାଜି ନୁହନ୍ତି । ଏ ଯେ ପ୍ରଶ୍ନ ଉଠିଲା ଆମେ ତାକୁ ବମ୍ବେ ସରକାର ଠାକୁ ପଠାଇ ଦେବୁ ।

ଶ୍ରୀଯୁକ୍ତ ଜମ୍ବୁପ୍ରସାଦ ସିଂହ ପଚାରିଲେ—ଘରୋଇ ମନ୍ତ୍ରୀ କାହିଁକି ଉପସ୍ଥିତ ହୋଇ ଏ ପ୍ରଶ୍ନର ଉତ୍ତର ନ ଦେଲେ ?

ସଭାପତି ଏ ପ୍ରଶ୍ନରେ ଆପତ୍ତି କରି କହିଲେ—ସେ ପ୍ରଶ୍ନ ବେଳେ କେବେ ଅନୁପସ୍ଥିତ ହୁଅନ୍ତି ନାହିଁ । ଆଜି ଉପସ୍ଥିତ ହୋଇ ପାରିବେ ନାହିଁ ବୋଲି ସେ ଆଗରୁ କହିଥିଲେ ।

ଶ୍ରୀଯୁକ୍ତ ଗୟାପ୍ରସାଦ ସିଂହ କହିଲେ—ଏଠାରେ ସେକ୍ରେଟେରି କାହିଁକି ଅନାବଶ୍ୟକ ଲୋକଙ୍କ ପ୍ରଶ୍ନର ଉତ୍ତର ଦେଲେ ଏ କଥା ସଭାପତି ବୁଝୁଛନ୍ତି କି ?

ସଭାପତି କହିଲେ—ମୋ କହିବା କଥା କେଲେ ତାହା ସହିତ ମୋର ସମ୍ପର୍କ ନାହିଁ । ସରକାରୀ ପକ୍ଷର ମେମ୍ବରମାନେ ଉପସ୍ଥିତ ହୋଇ ପ୍ରଶ୍ନର ଉତ୍ତର ଦେବା କର୍ତ୍ତବ୍ୟ । ସରକାରଙ୍କ ଘରୋଇ ମନ୍ତ୍ରୀ ସେ ବିଷୟରେ ତ ହେଲା କହିନାହାନ୍ତି ।

ପଞ୍ଜାବ ସଦସ୍ୟ ଶ୍ରୀଯୁକ୍ତ ଭଗବତ୍‌ଗ୍ରାମ ସ୍ୱାମୀ ସରକାରଙ୍କ ପକ୍ଷରୁ ଏ କାରବାରରେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି । ତାହାଙ୍କ ଆଲୋଚନା ପାଇଁ ମୂଳତବୀ ପ୍ରସ୍ତାବ ଆଣିଛନ୍ତି । ସଭାପତି ଅନୁମତି ଦେବାରୁ ଆଜି ୪ଟା ବେଳେ ସେ ପ୍ରସ୍ତାବ ଆଲୋଚନା ହେଉଛି ।

---

## ଜୈନ ସନ୍ନ୍ୟାସୀଙ୍କ ତପସ୍ୟା

ଦିଲ୍ଲି ୧୫।୯।୩୭

ଜୈନ ତପସ୍ୱୀ ଶ୍ରୀ ଛଗନ ଲାଲଜୀ ୫୦ ଦିନ ଉପବାସ କରିଥିଲେ । ଗତ ରବିବାର ଦିନ ସେ ବ୍ରତ ଉଦ୍‌ଯାପନ କଲେ । ଏଥିପାଇଁ ଏଠାକାର ଜୈନମାନେ ମହାବୀର ଜୈନ ମନ୍ଦିରରେ ଗୋଟିଏ ଉତ୍ସବ ପାଳନ କରିଥିଲେ ।

ଉଦୟପୁରର ଜୈନ ସାଧୁ ଶ୍ରୀ ସୁନ୍ଦରଲାଲ ଜୀ ମଧ୍ୟ ୮୪ ଦିନ ଉପବାସ ପରେ ସେ ଦିନ ଉପବାସ ଉଦ୍‌ଯାପନ କଲେ ।

---

## ପୋଷ୍ଟମାଷ୍ଟର ଗିରଫ

କଟକ ୧୬।୯।୩୭

ସୋନପୁର ଯାଉନ ଜୋଉଡ଼ାଙ୍କ ପୋଷ୍ଟଅଫିସର ପୋଷ୍ଟମାଷ୍ଟର ମୁନସି ଅବଦୁଲ ରହମାନ ତାଙ୍କଦ୍ୱାରା ସେଭିଙ୍ଗସ୍ ବ୍ୟାଙ୍କ ହିସାବରୁ ୨ ଶହ ୧୦ଟଙ୍କା ଆତ୍ମସାତ କରିଥିବା ଅପରାଧରେ ଗିରଫ ହୋଇଛନ୍ତି । ବର୍ତ୍ତମାନ ମକଦ୍ଦମା ବିଚାରାଧୀନ । ପୋଲିସ ଇନ୍‌କ୍ୱାରୀ ଚାଲିଛି ।

---

Digitized by srujanika@gmail.com

ନଂ ୧୪୬                                          ୯-୯-୩୩

# ଦୁର୍ଗା ପୂଜାର ଉପହାର

ଅତର !            ଅତର !!            ଅତର !!!

ଭାରତର ବହୁତ ସ୍ଥାନର ପୁଷ୍ପ ସମୂହରୁ ପ୍ରସ୍ତୁତ ଏହି ଉତ୍କୃଷ୍ଟ ସୌରଭମୟ ଅତର ସୁରଭିତ ଅତି ଉପାଦେୟ । ଏହାର ଗନ୍ଧ ଦେଶର ଅମୋଦ ଦାମ୍ପୀ ଦତ୍ତ ଓ ସ୍ଥାୟୀ । ପ୍ରତିଥର ୩ ବା ୪ ଟୋପା, କୋଟ, ହାତ ପୋଛା ଟ୍ରମାଲ ବା କମାଲରେ ବ୍ୟବହାର କରିବା ଦ୍ୱାରା ସୁଗନ୍ଧରେ ମନପ୍ରାଣ ଉତ୍ଫୁଲ୍ଲ ହୁଏ । ଆପଣାର ବ୍ୟବହାର ପାଇଁ, ଅନ୍ୟଙ୍କୁ ଉପହାର ଦେବାପାଇଁ "ଏହାହିଁ" ଉତ୍କୃଷ୍ଟ ଜିନିଷ । ଦାମ ମଧ୍ୟ ଖୁବ୍ କମ୍ ।

ଗୋଲାପ, ମଲ୍ଲି, ଯୂଥୀ, ଅମ୍ବର, ଯୁଇ, କେତକୀ, ଚମ୍ପା, ଚନ୍ଦନ, ଗନ୍ଧରାଜ, ଅମଲ, ନୂଆମା, ଖାସ୍ ସୁନ୍ଦର ଭାର୍ଜ ବୋର୍ଡ ବାକ୍ସରେ ପୂର୍ଣ୍ଣ ଏକ ଶିଶି ଟ ୦।୵, ଡଜନ୍ ଟ ୪୯ ଡାକଖର୍ଚ୍ଚ ସ୍ୱତନ୍ତ୍ର ।

ଦ୍ରଷ୍ଟବ୍ୟ :—ଏକାଥରକେ ଏକଡଜନ ନେଲେ ଏକଶିଶି ସୁଗନ୍ଧ କୁନ୍ତଳମୋହିନୀ ଉପହାର ପାଇବେ ।

ପ୍ରାପ୍ତିସ୍ଥାନ :—ସର୍କାର୍ସ କେମିକଲ ୱାର୍କସ୍
ପୋଃ ବ୍ରହ୍ମପୁର ( ଗଞ୍ଜାମ )

ନଂ ୧୫୨                                          ୧୨।୯।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

## ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ

### ସରାଇକେଲା

ଆମ୍ଭେ ଟ ୩୦ ଟଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ଟ ୨୫ ଟଙ୍କା ନେଇ ୨ ସପ୍ତାହରେ ଫୁଲକୋର୍ଷ ଫଟୋଗ୍ରାଫି, ଟ ୩୦ ଟଙ୍କା ନେଇ ଏକମାସରେ ନାନା ପ୍ରକାର ସାବୁନ ଓ ନାମ ମାତ୍ର ଫି ନେଇ ତାଳ, ଦେଶଛୋଟ ପ୍ରଭୃତି ନାନା ପ୍ରକାର ଗୃହଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଉଅଛୁ । ଅନ୍ୟମାନଙ୍କ ପରି ଲୁଗା ଦେଇ ଦର୍ଜି ଓ ଟେଲରି ଶିକ୍ଷା ଦେଉଅଛୁ । ବାସସ୍ଥାନ ପାଇଁ ଏବଂ ଦେମାଦ ହେଲେ ଡାକ୍ତର ଓ ଔଷଧ ଲାଗି ଏକପଇସା ଖର୍ଚ୍ଚ ଲାଗେ ନାହିଁ । ଜଳବାୟୁ ଉତ୍ତମ । ଏଠାରେ ଶିକ୍ଷା କରିଗଲେ ଅନ୍ୟର ଆଶ୍ରୟ ନ ନେଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ । ଅନୁସନ୍ଧାନ କଲେ ଜାଣିପାରିବ ଯେ ଏପରି ସୁବିଧା ଅନ୍ୟ କୌଣସିଠାରେ ନାହିଁ । ସ୍କୁଲଟି ବି. ଏନ୍. ଆର୍ ସିନି ଷ୍ଟେସନଠାରୁ ୭ ମାଇଲ ଦୂରରେ ଅବସ୍ଥିତ । ସେଥିପାଇଁ ସର୍ବିସ ଲଡ଼ି ସର୍ବଦା ଯାତାୟାତ କରୁଛି । ବିସ୍ତାରିତ ବିବରଣ ପାଇଁ ଟ ୦।୯ ଡାକ ଟିକେଟସହ ପତ୍ର ଲେଖନ୍ତୁ ।

ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ୍
ପୋ: ସରାଇକେଲା, ଷ୍ଟେସନ ସିନି, ଜିଲ୍ଲା ସିଂହଭୂମ

# NOTICE.

Offers are invited for the management of the Cuttack Printing Co. Ld. from Substancial parties who are in a position to advance about Rs. 15000/- to reach the Companys office on or before the 20th September 1933.

| | |
|---|---|
| Durghabazar Cuttack, 14-9-33 | Managing Director The Cuttack Printing Co. Ld. |

145                                          23-9-33

Wanted an experinced Overseer (Upper subordinate) for the Kanika Raj P. W. D. having thorough knowledge of modern re inforced roofing, construction of sluices, roads, embankments etc. A native of or one domiciled in the Province who passed from the Orissa School of Engineering will be preferred. He must be a Cyclist and shall have to keep a bicycle. The selected candidate will have to furnish a cash security of Rs. 500/- (five hundred). Applications with copies of testimonials stating age, past experience and minimum salary expected will be received by the Dewan, Kanika Raj P. O. Rajkanika, Dist. Cuttack, upto 30th September 1933.

୧୪୭                ନୋଟିସ                ୧୬।୯।୩୩

ଆମ୍ଭେ ଇନ୍ଦ୍ରମଣି ସ୍ୱାଇଁ ଓ ଦୁର୍ଗାଚରଣ ସ୍ୱାଇଁ ସାଃ ଅଲଙ୍ଗୋ ଥା ବାଲିହରଚଣ୍ଡୀ ଜିଃ କଟକ ଅଧିବାସୀମାନେ ଏତଦ୍ଦ୍ୱାରା ସର୍ବସାଧାରଣମାନଙ୍କୁ ଜଣାଇ ଦେଉଅଛୁ ଯେ ଆମ୍ଭମାନଙ୍କ ଖୁଡ଼ୁତା ପୁଅ ଭାଇ ଭ୍ରମରବର ସ୍ୱାଇଁ ମରିଯାଇଥିବା ତାଙ୍କର ତ୍ୟକ୍ତ ସମ୍ପତ୍ତିରେ ଆମ୍ଭେମାନେ ଆଇନ ଅନୁସାରେ ସ୍ୱତ୍ୱ ଉତ୍ତରାଧିକାରୀ ଅଟୁଁ, ଉକ୍ତ ଭ୍ରମରବର ସ୍ୱାଇଁ ମୃତପତ୍ନୀଙ୍କର ଦ୍ୱିତୀୟ ସ୍ତ୍ରୀ ଦ୍ରୌପଦୀ ଦେଈ ଆମ୍ଭମାନଙ୍କ ଶତ୍ରୁପକ୍ଷ ବ୍ୟକ୍ତିମାନଙ୍କ କୁପରାମର୍ଶରେ ରହି ଆମ୍ଭମାନଙ୍କ ନାମସାମିଲ ଉକ୍ତ ଭ୍ରମରବର ସ୍ୱାଇଁଙ୍କର ଇଜମାଲି ପଟା ବା, ୧ ସମ୍ପତ୍ତିମାନ ଉକ୍ତ ଦ୍ରୌପଦୀ ଦେଈ ହସ୍ତାନ୍ତର କରିବାର ଉଦ୍ୟୋଗରେ ଅଛନ୍ତି ଉକ୍ତ ଦ୍ରୌପଦୀ ଦେଈଙ୍କ ଖୋରାକ ପୋଷାକ ବ୍ୟତୀତ ଯଥେଷ୍ଟ ସମ୍ପତ୍ତି ଅଛି ତାହାଙ୍କର ସମ୍ପତ୍ତି ହସ୍ତାନ୍ତର କରିବାର କୌଣସି ନ୍ୟାଯ୍ୟ କାରଣ ନାହିଁ ଏପରି ଅବସ୍ଥାରେ ଯଦି କେହି ଉକ୍ତ ଦ୍ରୌପଦୀ ଦେଈଠାରୁ ଖରିଦ କରନ୍ତି ତାହାହେଲେ ଉକ୍ତ କବଲା ଆମ୍ଭମାନଙ୍କ ବରୁଦ୍ଧେ ଅକର୍ମଣ୍ୟ ବୋଲି ଗଣ୍ୟ ହେବ । ଇତି ।

ତା ୭-୯-୧୯୩୩
ଇନ୍ଦ୍ରମଣି ସ୍ୱାଇଁ

୧୪୬                                          ୧୬।୯।୩୩

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ବଡ଼ମ୍ବା ଷ୍ଟେଟର ନିମ୍ନଲିଖିତ ଜଙ୍ଗଲ ଆସନ୍ତା ସେପ୍ଟେମ୍ବର ମାସ ତା ୨୦ ରଖ ବୁଧବାର ବେଳା ଘ ୧୦ ଘଣ୍ଟା ସମୟରେ ସଦର କଚେରୀରେ ନିଲାମ ହେବ ।

୧ । ଉଦେଗଣ୍ଡ ନଂ ୯ ନମ୍ବର ବ୍ଲକ୍ । ପରିମାଣ ୪୮୨—୨୦ ଡ଼ି ଏଥିରେ ଶାଳ, ପିଆଶାଳ, ଶିଶୁ, ଅସନ, ସୁଆମ ପ୍ରଭୃତି ବହୁଜାତୀୟ କାଠ ପୂର୍ଣ୍ଣଭାବରେ ଅଛି ଓ ପ୍ରଚୁର ପରିମାଣରେ ବାଉଁଶ କାଠ ଅଛି ।

ଟେଣ୍ଡରମାନେ ଉପରୋକ୍ତ ଜାଗାରେ ଜାଗର ଦେଖି ନିଲାମ ଡାକିପାରିବେ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ ତାହାଙ୍କୁ ସଙ୍ଗେ ସଙ୍ଗେ ନିଲାମ କରସନ୍ଦର ୍ ଅଂଶ ଜମା ସିକ୍ୟୁରିଟି ଓ ୍ ଅଂଶ ଅଗ୍ରିମ ଡିପୋଜିଟ୍ ଦେବାକୁ ହେବ ।

୨ । ଡଳପଥ ଶ୍ରେଣୀ ରିଜର୍ଭ ଫରେଷ୍ଟରୁ ଫୁଟ ଉପରୁ ଉର୍ଦ୍ଧ୍ୱ ଗୋଲାଇ ବିଶିଷ୍ଟ ଶାଳ, ପିଆଶାଳ, ଶିଶୁ, ବାନ୍ଧଣ ଓ ଗେଣ୍ଡ ଗ ୧୫୦ ଗଛ କାଠ କାଟିବା ନେବା ପାଇଁ ମନୋପଲି ଫି ଭିତ୍ତିରେ ମଧ୍ୟ ଉକ୍ତ ତାରିଖରେ ନିଲାମ ଡାକ ହେବ । ଯାହାଙ୍କର ଡାକ ସର୍ବୋଚ୍ଚ ହେବ ତାଙ୍କଠାରୁ ଟ ୩୦୦୯ କ୍ୟାସ୍ ସିକ୍ୟୁରିଟି ଜମାଦେଇ ଡିପୋଜିଟ୍ ରଖାଯାଇ ଏକବର୍ଷ ଟିକା ଅଧିକାର ଦିଆଯିବ । ସମସ୍ତ କାଠ କାଟିବା ପରେ ଆଗପରି ବିଭାଗୀୟ ଚେକ୍ ରେଟରେ ମାଣ୍ଡାସୁଲ ଦାଖଲ କରି କାଠ ରପ୍ତାନି କରିପାରିବେ । ଜଙ୍ଗଲକୁ ଗାଡ଼ି-ରାସ୍ତା ଅଛି ଓ ମହାନଦୀ ଘଟଣା ଘାଟକୁ ୩୮ ମାଇଲ ଦୂର । ନିଲାମ ପରେ ସର୍ବୋଚ୍ଚ ଡାକ ବାହେଲ ଜମିଦ୍ଧ ଶାସ୍ତ୍ର ପଲିଟିକାଲ ଏଜେଣ୍ଟ ସାହେବ ବାହାଦୁରଙ୍କ ମଞ୍ଜୁର ସାପେକ୍ଷ । ଟେଣ୍ଡରମାନେ ପୂର୍ବରୁ ଜଙ୍ଗଲ ଦେଖିବାକୁ ବା ତତ୍ସମ୍ବନ୍ଧରେ କୌଣସି ବିଷୟ ଜାଣିବାକୁ ଇଚ୍ଛାକଲେ ଅମ୍ପୁଷ୍ଠ ବା ଷ୍ଟେଟ୍ ଫରେଷ୍ଟ ରେଞ୍ଜରଙ୍କ ସହିତ ସାକ୍ଷାତ କଲେ ଜାଣିପାରିବେ ଓ ଦେଖି ପାରିବେ ।

। ଇତି । ତା ୨୫।୮।୩୩

Superintendent,
Baramba State.

୩୬                                          ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରାର

### ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ଗୋଦର ଗୋଡ଼ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏକମାସ ମଧ୍ୟରେ ନିଶ୍ଚୟ ଭଲ ହେବ । ନଭଲେ ମୂଲ୍ୟ ଫେରସ୍ତ ଦିଆଯିବ । ପ୍ରତ୍ୟେକର ମୂଲ୍ୟ ଟ ୧୲୵ ମାତ୍ର

ଡାକମାସୁଲ ସ୍ୱତନ୍ତ୍ର
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ସରାଇକେଲା
ଷ୍ଟେସନ-ସିନି । ସିଂହଭୂମ ଜିଲ୍ଲା

Digitized by srujanika@gmail.com

Split by PDF Splitter



୧୪୧ ୧୬।୯।୩୩

## ବିଜ୍ଞାପନ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ ଏ ଷ୍ଟେଟର ତଳ ଲିଖିତ କୁପ୍ ଜଙ୍ଗଲମାନ ୧୯୩୩।୩୪ ମସିହା ସକାଶ ଆସନ୍ତା ସେପ୍ଟେମ୍ବର ମାସ ୧୮ ଓ ୧୬ ତାରିଖ ମାନଙ୍କରେ ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଇଜଲାସରେ ପ୍ରକାଶ୍ୟ ଭାବରେ ନିଲାମ କରାଯିବ। ଗ୍ରହଣେଚ୍ଛୁମାନେ ଉକ୍ତ ତାରିଖ ଦିନ ସ ୧୧ ଘ୍ଟା ସମୟରେ ନିଜେ କିମ୍ବା ସେମାନଙ୍କ କ୍ଷମତାପନ୍ନ ଏଜେଣ୍ଟଙ୍କ ଦ୍ୱାରା ନିଲାମ ଡାକିପାରିବେ। ନିଲାମ ଶେଷ ହେବା ମାତ୍ରେ ଜରସମନ ଡାକଦରୁ ¼ ଅଂଶ ଷ୍ଟେଟ ଟ୍ରେଜରୀରେ ଡିପୋଜିଟ୍ କରିବାକୁ ହେବ ଓ ଗଡ଼ଜାତର ଶ୍ରୀଯୁକ୍ତ ପଲିଟିକେଲ ଏଜେଣ୍ଟ ସାହେବ ବାହାଦୁର ଉକ୍ତ ନିଲାମ ମଞ୍ଜୁର କଲାପରେ ନିଲାମ ଖରିଦଦାର ଜରସମନ ଟଙ୍କାର ଶତକଡ଼ା ଟ ୧୦୯ ଙ୍କା କିମ୍ବା ଷ୍ଟେଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଯେପରି ଆଦେଶ ଦେବେ ସେହି ପରିମାଣରେ ଟଙ୍କା ଷ୍ଟେଟ ଅଫିସରେ ଜାମିନ୍ ସ୍ୱରୂପ ଦାଖଲ ଦେଲେ ଜଙ୍ଗଲ କାଟିବାକୁ ଅନୁମତି ଦିଆଯିବ। ନିଲାମ ପୂର୍ବରୁ କୌଣସି କୁପ୍ ଦେଖିବାକୁ ଇଚ୍ଛା କଲେ ଷ୍ଟେଟର ଫରେଷ୍ଟ କର୍ମଚାରୀଙ୍କ ସାହାଯ୍ୟରେ ଦେଖି ପାରିବେ କିମ୍ବା କୌଣସି ବିଶେଷ କାରଣ ଜାଣିବାକୁ ଇଚ୍ଛା କଲେ ଷ୍ଟେଟର ଫରେଷ୍ଟ ରେଞ୍ଜର କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ଆବେଦନ କଲେ ଜାଣିପାରିବେ।

ଉପସ୍ଥିତ କୁପ୍‌ମାନଙ୍କ ବିବରଣ।

୧। କାଦମ୍ବ ଶାଳ ଜଙ୍ଗଲ ନ ୮ ମ୍ବର କୁପ୍ ୨୦ ଏକର।

ଏଥିରେ ଗୃହ ନିର୍ମାଣ ଉପଯୋଗୀ କଦାଶାଳକାଠ ଅଧିକ ପରିମାଣରେ ଓ ଅନ୍ୟାନ୍ୟ ବାଳେକାଠ ଅଳ୍ପ ପରିମାଣରେ ଅଛି। ପୂର୍ବବର୍ଷ କୁପ୍ ଅପେକ୍ଷା ଚଳିତସନ କୁପ୍‌ରେ ଭଲ ଓ ମୋଟା ମୋଟା କାଠ ରହିଅଛି। ଖୋରଧା ଇତ୍ୟାଦି ଅତି ନିକଟ ଥିବାରୁ ଏହାର ସମସ୍ତ କାଠ ଢ଼ାଳପତ୍ର ମହିତ ଉକ୍ତ ଇଲାକା ଲୋକଙ୍କୁ ଅବଲୀଳାକ୍ରମେ ବିକ୍ରୟ କରାଯାଇ ପାରିବ।

୨। ପିଠାଖାଇ ଶାଳ ଜଙ୍ଗଲ ନ ୮ ମ୍ବର କୁପ୍ ୩୧ ଏକର।

ପୂର୍ବବର୍ଷ କୁପ୍ ଅପେକ୍ଷା ଚଳିତ ସନ କୁପ୍‌ରେ ଭଲ ଓ ମୋଟା ଶାଳକାଠ ରହିଅଛି। ବାଙ୍କି ଇଲାକାର ଅତି ନିକଟ ଥିବାରୁ ଏ କୁପ୍‌ର କାଠ ଉକ୍ତ ଇଲାକା ଲୋକଙ୍କୁ ତଥା ଅନ୍ୟ ଷ୍ଟେଟ ଲୋକଙ୍କୁ ବିକ୍ରୟ କରାଯାଇ ପାରିବ।

୩। ଡେଙ୍ଗାବାହାଘା ଜଙ୍ଗଲ ନ ୮ ମ୍ବର କୁପ୍ ୩୧ ଏକର।

ଏଥିରେ କେବଳ ବଳେ କାଠମାନ ଅଛି। ସମସ୍ତ କାଠ ଜାଳ ଯୋଗ୍ୟ ମାତ୍ର ଅନେକ ପରିମାଣରେ ଗୃହ କାର୍ଯ୍ୟରେ ବ୍ୟବହାର ହେଉଥିବା ଉପକରଣମାନ ଉକ୍ତ କାଠରୁ ପ୍ରସ୍ତୁତ ହୋଇପାରିବ। ବାଙ୍କି ଇଲାକା ଲୋକମାନେ ଅନେକ ପରିମାଣରେ ଏ କୁପ୍ କାଠମାନ ଖରିଦ କରି ନିଅନ୍ତି।

୪। ପୂର୍ବ ସାପୁଆ ଜଙ୍ଗଲ ନ ୫ ମ୍ବର କୁପ୍ ୫୪ ଏକର।

ଏହା ଭଞ୍ଜଗଡ଼ ଠାରୁ ମା ୩ ଭଲ ପଶ୍ଚିମକୁ ଅବସ୍ଥିତ। ଏଥିରେ ସମ ପରିମାଣରେ ଶାଳ ଓ ଅନ୍ୟାନ୍ୟ ବାଳେ କାଠ ରହିଅଛି। ଗତବର୍ଷ ଶ.ନ ଅପେକ୍ଷା ଚଳିତସନ କୁପ୍‌ରେ ଥିବା ଶାଳକାଠ ସ୍ତମ୍ଭନ ଅପେକ୍ଷାକୃତ ମୋଟା ଓ ବଡ଼। ଅଧିକାଂଶ କାଠ ଏ ଷ୍ଟେଟର ଲୋକମାନେ ଓ ଖୋରଧା ଇଲାକା ଲୋକମାନେ ଖରିଦକରି ନେଇଥାନ୍ତି।

୫। ପଶ୍ଚିମ ସାପୁଆ ନ ୫ ମ୍ବର କୁପ୍ ୩୦-୨୪ ଏକର।

ଏହା। ଅନ୍ୟ ଷ୍ଟେଟ ଅନ୍ତର୍ଗତ ଅଁଳାପଟା ମୌଜାର ଅତି ନିକଟ। ଭଲ ଭଲ ମୋଟା ଶାଳକାଠ ବହୁଳ ପରିମାଣରେ ରହିଅଛି। ଏ କୁପ୍‌ର କାଠମାନ ମହାନଦୀ ଦ୍ୱାରା କଟକ ଚାଲାନ ହୋଇପାରେ। ପୂର୍ବବର୍ଷ କୁପ୍ ଅପେକ୍ଷା ଚଳିତବର୍ଷ କୁପ୍‌ର କାଠ ଅପେକ୍ଷାକୃତ ମୋଟା ଓ ବଡ଼।

୬। ପଥର ଶାଳ ଜଙ୍ଗଲ ନ ୪ ମ୍ବର କୁପ୍ ୪-୨୦ ଏକର ଓ ଛମିଲକଙ୍କ ଜଙ୍ଗଲ ନ ୫ ମ୍ବର କୁପ ୧୪-୧୬ ଏକର ପଥର କୁପ୍‌ରେ ଅଙ୍କସୁବର ଗଣ୍ଡିପକ ବାଗ୍ରାନ ଚକୁପଟ ଓ ଗୋଲେଇ କାଠ ରହିଅଛି। ପୂର୍ବବର୍ଷ କୁପ୍ ଅପେକ୍ଷା ଚଳିତସନ କୁପ୍‌ରେ ଅନେକ ପରିମାଣରେ ଭଲ କାଠ ରହିଅଛି। ଛମିଲକଙ୍କ କୁପ୍‌ର ଉତ୍ତରାଂଶରେ ପ୍ରାୟ ୬ ଏକର ଜଙ୍ଗଲରେ ଭଲ ଭଲ ମୋଟା ମୋଟା ଶାଳକାଠ ରହିଅଛି ଓ ଦକ୍ଷିଣାଂଶରେ ବାଳେ କାଠମାନ ରହିଅଛି। ଏହି ଉଭୟ କୁପ୍‌ର କାଠମାନ ମହାନଦୀ ଦ୍ୱାରା କଟକ ଚାଲାନ ହୋଇପାରିବ।

Sd/P. K. Pujari
Superintendent
Khandapara Stat.

୧୪୦ ୨୮।୧୦।୩୩

## ତିନି ଟଙ୍କାରେ

### ତିନୋଟି ମୂଲ୍ୟବାନ ଘଡ଼ି ଓ ୩୯୦ ଟି ଉପହାର




ଅନେକମୋଡ଼ିଆ ଫୁଲରପରେ ଉପାୟ ଓ ଅତି ସୁଯୋଗ। ତିନିଟଙ୍କାରେ ୬ ଷିଷ ଡିଶରେ ତିନିଟି ସୁନ୍ଦର ହାତକଣ୍ଠା ଘଡ଼ି, ଜର୍ମାନ୍ 'ବି' ଟାଇମ୍‌ପିସ (ଜଳ ଜକଣା ମଜବୁତ, ୫ବର୍ଷପାଇଁ ଗ୍ୟାରେଣ୍ଟି) ଓ ରେଲୱେ ଟାଇମ୍‌କିପ ହାତକଣ୍ଠା ଘଡ଼ି ଗୋଟିଏ। ଏହାଛଡ଼ା ୩୯୦ଟି ପୁରସ୍କାର ଓ ଗୋଟିଏ ଫାଉଣ୍ଟେନ ପେନ ବିନା ମୂଲ୍ୟରେ ପାଇବେ। ପ୍ୟାକିଂ ଓ ପୋଷ୍ଟେଜ ସ୍ୱତନ୍ତ୍ର।

General Trading Agency
15-1 Joymitter street
P. O. Hatkhola
Calcutta.

144 23-9-33

"Wanted an I. A. passed or preferably a graduate Headmaster having a brilliant student cavear for Soro M. E. School on a salary of Rs 50/- per month The selected candidate will be on probation for 2 months ofter which he will be confirmed subject to his giving an under taking that he will put up in the school hostel and must stick to the post for at least 3 years. Applications will reach the undersigned by the 30th instant."

P. O. Soro, Dist. Balasore. — Ashutosh Roy, Secretary— Radhanath M E.School Soro.

## ନୀଲାମ ଇସ୍ତାହାର

ନ ୮୩୬ ମ୍ବର ଜାରି ସନ ୧୯୩୩ ମସିହା

ଇଃ ମୁନସଫି ଢେଙ୍କାନାଳ

ମଧୁସୂଦନ ଦାସ ଡିଃ

ଶ୍ୟାମ ଦେଓ ଓଗେର ଦେଃ ମାନେ

ଦେଣଦାର ମାନଙ୍କର ନିମ୍ନଲିଖିତ ସମ୍ପତ୍ତି ତା ୧୮।୧୦।୩୩ ରୁଣେ ନିଲାମହେବ

ଥାନା ଢେଙ୍କାନାଳ ଟୁଃ ଅଷ୍ଟଦେଶ୍ୱର ନ୧୦୬୬ ତଃ ମୌଃ କାମଲେ ରହିଥିବା ଖଣ୍ଡିତ ନ ବନ୍ଦୋବସ୍ତର ନ୨୯ ଖାତା ସ୍ଥିତିଥାନ ଏ୧—୬୭ ରୁ ଜମା ଟ ୩।୧୦ ଓ ନ ୩୭ ଖାତା ଚାନ୍ଦିନି ପାଦ ୧୦—୬୦୧ ଡିଃ ରୁ ଜମା ଟ ୧୩/ ବାକି ଅଛି ନିଲାମହେବ ଉପ୍ସର ଥାଃ ମୂଃ ଟ ୨୦୦୯

ନ ୧୬ ମ୍ବର ଡିଃ ଜାରି ସନ ୧୯୩୩ ମସିହା

ଇଃ ପ୍ରଥମ ମୁଃ କଟକ

ବାଳକୃଷ୍ଣ ଦାସ ସାଃ ମାଣପୁର ପ୍ରଃ ହରିହରପୁର ଡିଃ

ବଗୀ ଘୋଷ ଓଗେର ସାଃ ମାଣପୁର ପ୍ରଃ ହରିହରପୁର ଦେଃ ମାନେ

ଉପରଲିଖିତ ନମ୍ବର ମୋକଦ୍ଦମାର ଡିକ୍ରୀ ଟଙ୍କା ଅଦାୟ ସକାଶେ ଦେଃ ମାନଙ୍କର ନିମ୍ନଲିଖିତ ସମ୍ପତ୍ତି କଟକ ମୁଃ ପ୍ରଥମ ମୁନସଫଙ୍କ ଅଦାଲତରେ ତା ୨୩।୧୦।୩୩ ରୁଣେ ନିଲାମ ହେବ

ତପସିଲ ସମ୍ପତ୍ତି

୧। ଜିଃ କଟକ ପ୍ରଃ ହରିହରପୁର ନ୨୧୮୦ ତଃ ଭୁକ୍ତ ନ ୩୬୮ ଥାନା ମୌଃ ମାଣପୁର ଅନ୍ତର୍ଗତ ରହିଥିବା ନ ୨୦୯ ମ୍ବର ଖାତା ଦାଃ ସ୍ଥିତିବାନ ଏ୦—୩୬ ମଧ୍ୟରୁ ଏ୦—୫୭ରୁ ଜମା ଟ ୦।୧୦ ଅଟେ ଉକ୍ତ ଭୂମି ଓ ତହିଁ ଉପରେ ଥିବା ବାଡ଼ି ଉପରେ ସବୁ ଗଛ କଟାଟ ଚଉକାଠ ଓ ଦ୍ରବ୍ୟାଦି ସହିତ ନିଲାମହେବ ଉପ୍ସର ଥାଃ ମୂଃ ଟ ୪୫୯

୨। ଜିଃ ଏକନ ପ୍ରଃ ଏକନ ନ ୨୧୬୫ ତଃ ଭୁକ୍ତ ନ ୩୮୬ ଥାନା ମୌଃ ପଲସୁଣ୍ଡା ଅନ୍ତର୍ଗତ ରହିଥିବା ନ ୮୯ ଖାତା ଦାଃ ସ୍ଥିତିବାନ ଏ୯—୧୯ ମଧ୍ୟରୁ ଏ୦—୬୧ରୁ ଜମା ଟ ୦।୧୦ ଅଟେ ଉପ୍ସର ଥାଃ ମୂଃ ଟ ୬୦୯



Digitized by srujanika@gmail.com

# ବନ୍ୟା ଅଞ୍ଚଳରେ ଦୁର୍ଦ୍ଦଶା

## ଖଜଣା ଟିକସ ନ ଛାଡିଲେ ରକ୍ଷାନାହିଁ ଲୋକଙ୍କ ଗୁହାରି

ଝାଉପଡ଼ା ୫।୯।୩୩

ଗତ ୨ ତାରିଖ ଶନିବାର ଝାଉପଡ଼ା ଦେବୀ ଦେଉଳରେ ଏକ ବିରାଟ ସାଧାରଣ ସଭା ହୋଇଥିଲା। ପନ୍ଦର ସତ୍ତର ହଜାର ଲୋକ ଯୋଗ ଦେଇଥିଲେ। ଯାଇଲୋ ମୌଜାର ଝାଉପଡ଼ା ଓ ଉତ୍କଳେଇ ପଞ୍ଚୁଅ, ଗୌପଡ଼ା, ବ୍ରାହ୍ମଣ ସାଇଲୋ ପାଞ୍ଚଶୁନର ସ୍ତୁବ ପ୍ରଭୃତି ୧୮ ଖଣ୍ଡ ମୌଜାରୁ ଲୋକେ ଉପସ୍ଥିତ ଥିଲେ। ବାବୁ ଲକ୍ଷ୍ମୀଚନ୍ଦ୍ର ମହାପାତ୍ର ପ୍ରସ୍ତାବ କଲେ ଯେ। ଏ ବନ୍ୟାରେ ଅନେକ ଫସଲ ଓ ଗୋରୁଗାଈ ନଷ୍ଟ ହୋଇ ଯାଇଛନ୍ତି ଓ ଅନେକ ଘରବାଡି ନଷ୍ଟ ହୋଇ ଯାଇଛି। ଲୋକଙ୍କ ପ୍ରାଣଧରି ରହିବା କଷ୍ଟକର ହୋଇଛି। ଏପରି ଅବସ୍ଥାରେ ସେମାନଙ୍କର ସରକାରଙ୍କଠାରେ ଅନୁରୋଧ ଯେ, ଏ ବର୍ଷର ସମସ୍ତ ଖଜଣା ଓ ସବୁ ପ୍ରକାର ଟିକସ ମୂଳରୁ ଛାଡ଼ ଦିଆଯାଉ। ଏହା ସର୍ବସମ୍ମତି କ୍ରମେ ଗୃହୀତ ହେଲା।

ବାବୁ ଉଦୟସିଂହ ମହାପାତ୍ର ପ୍ରସ୍ତାବ କଲେ ଯେ ଲୋକଙ୍କର ଅବସ୍ଥା ଦୂର କରିବାପାଇଁ ଅସ୍ଥାୟୀ ସାହାଯ୍ୟ ହିସାବରେ ସରକାର ଶୀଘ୍ର ଉଦ୍ଧାର କରନ୍ତି। ସାହାଯ୍ୟ ବାଣ୍ଟନ୍ତୁ ଏବଂ ଭଙ୍ଗା ଘର ଛାଇବା ପାଇଁ କଣ୍ଟ୍ରୋଲ ଟଙ୍କା ସାହାଯ୍ୟ ଦିଅନ୍ତୁ। ସାଇ ପୁଷ୍କରିଣୀ ଶୀଘ୍ର ମରାମତି କରାଯାଉ। କାଗଜପୁରଠାରୁ ଗୋବିନ୍ଦପୁର ଯେ ରାସ୍ତା ଭାଙ୍ଗିଯାଇଛି ତାହା ଅତି ଶୀଘ୍ର ମରାମତି କରାଯାଉ।

ବାବୁ ନାରାୟଣ ମହାପାତ୍ର ଏହାକୁ ସମର୍ଥନ ଓ ସର୍ବସମ୍ମତି କ୍ରମେ ଗୃହୀତ ହେଲା।

ଶ୍ରୀଯୁକ୍ତ ପଦ୍ମଚରଣ ସାମନ୍ତ ସିଂହାର ମହାପାତ୍ର ସଭାପତି, ମଧୁସୂଦନ ମିଶ୍ର ଓ ଗୋପିନାଥ ସାହୁ ସମ୍ପାଦକ, ପୁରୁଷୋତ୍ତମ ମଲ୍ଲିକ ଓ ପୂର୍ଣ୍ଣାନନ୍ଦ ସ୍ୱାଇଁ କୋଷାଧ୍ୟକ୍ଷ, ଘନଶ୍ୟାମ ସାହୁ କୋଷାଧ୍ୟକ୍ଷ, ଭୁବନମଣି ସ୍ୱାଇଁ, ମାଧବାନନ୍ଦ ମିଶ୍ର, ଭଗବାନ ସ୍ୱାଇଁ, ଗୋପିନାଥ ସ୍ୱାଇଁ, ସତ୍ୟମଣି ପଣ୍ଡା, ବୈଦ୍ୟନାଥ ପ୍ରଧାନ, ଦାମୋଦର ପଣ୍ଡା, ଲକ୍ଷ୍ମୀମୋହନ ମଙ୍ଗ, ସୋମନାଥ ଷଡ଼ଙ୍ଗୀ।

ଉକ୍ତ ସଭାରେ ନିମ୍ନଲିଖିତ ପ୍ରସ୍ତାବମାନ ସର୍ବସମ୍ମତିକ୍ରମେ ଗୃହୀତ ହେଲା।

୧। ଡିଷ୍ଟ୍ରିକ୍ଟବୋର୍ଡ ଏହି ଅଞ୍ଚଳର ସାହାଯ୍ୟପାଇଁ ୧୦୦୦ (ଏକହଜାର ଟଙ୍କା) ପୁରୀ ସେବା ସମିତିର ୬୭୪୯,୧୨ ବସ୍ତା ଚାଉଳ, ଓଡ଼ିଶା ବନ୍ୟା ସାହାଯ୍ୟ କମିଟି ୧୫୨ ବସ୍ତା ଚାଉଳ, ୨୨ ବସ୍ତା କୁଣ୍ଡା, ୪୦ ବସ୍ତା ଚୁଡ଼ା, ଏବଂ ନଗଦ ଟଙ୍କା ୫୦୦ ଦେଇଥିବାରୁ ଏ କମିଟି ସେମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛନ୍ତି ଏବଂ ସେମାନଙ୍କୁ ଏ ଶୋଚନୀୟ ଅବସ୍ଥା ଦୃଷ୍ଟେ ଆଉ ସାହାଯ୍ୟ ପଠାଇବାପାଇଁ ଅନୁରୋଧ କରୁଛନ୍ତି।

୨। ଏ କମିଟି ଲୋକାଲବୋର୍ଡକୁ ଅନୁରୋଧ କରୁଛନ୍ତି କି ବନ୍ୟା ଅଞ୍ଚଳରେ ଯେଉଁ ରାସ୍ତାଘାଟ ଭାଙ୍ଗିଯାଇଛି ତାହାର ମରାମତି କାମ ଆରମ୍ଭ ହେବ, ସେଠାରୁ ଶୀଘ୍ର ଆରମ୍ଭ କରନ୍ତୁ।

୩। ଏ କମିଟି ଲୋକାଲ ଗଭର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛନ୍ତି କି ସେ ଏ ବନ୍ୟାର ପ୍ରତିକାର ପାଇଁ ନିମ୍ନଲିଖିତ ଉପାୟ ମାନଙ୍କର ବିହିତ ପ୍ରତିକାର କରନ୍ତୁ।

(୧) ଅସହାୟ ଲୋକଙ୍କପାଇଁ ସ୍ଥାୟୀ ସାହାଯ୍ୟ ଦିଆଯାଉ।

(୨) ଧାନର ଦର ଟଙ୍କା ୪ ସେରରୁ ଟୌଣିରେ ୧୦ ଟୌଣି ନିର୍ଦ୍ଦିଷ୍ଟ କରାଯାଇ ସୁବିଧାରେ ବିକିବା ବ୍ୟବସ୍ଥା କରାଯାଉ।

(୩) ଯେଉଁ ଅସହାୟ ଲୋକଙ୍କର ଘରଭାଙ୍ଗି ଯାଇଛି ସେମାନଙ୍କୁ ଘର ତୋଳାରେ ସାହାଯ୍ୟ ଦିଆଯାଉ।

(୪) ଚଳିତ ବର୍ଷର ଖଜଣା ଏବଂ ଚୌକିଦାରୀ ଟିକସ ଛାଡ଼ ଦିଆଯାଉ।

(୫) ଟଙ୍କା ୪ସେର ଟୌଣିରେ ୧୦ ଟୌଣି ଦର କରାଯାଇ ସରକାର ଓ ଡିଷ୍ଟ୍ରିକ୍ଟବୋର୍ଡ ତରଫରୁ କେନ୍ଦ୍ରମାନଙ୍କରେ ଧାନ ଗୋଲା ଖୋଲା-ଯାଉ।

---

## ପୁରୀ ସାଧାରଣ ସଭା ପ୍ରସ୍ତାବ

ପୁରୀ ୩।୯।୩୩

ପୁରୀ ସହରରେ ହୋଇଥିବା ଗୋଟିଏ ବିରାଟ ସାଧାରଣ ସଭାରେ ଜମିଦାରୀ କମିଶନ, ଖଜଣାପାଇଁ ମକଦ୍ଦମା, ନିଲାମି ହୋଇବା, ଜମିଦାର ପ୍ରଭୃତି ଅସନ୍ତୋଷ ବର୍ଷପାଇଁ ସ୍ଥଗିତ ରଖିବା କାରଣ ଗୋଟିଏ ପ୍ରସ୍ତାବ ହୋଇଥିଲା। ବାବୁ ରାଏ ସାହେବ ଶ୍ରୀଯୁକ୍ତ ଘୋଷ ଆଗତ କରିଥିଲେ। ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ର ଅନୁମୋଦନ କରିଥିଲେ ଏବଂ ନୂଆ ମଠର ମହନ୍ତ ଅଧିକାରୀ ରାମଚନ୍ଦ୍ର ଦାସ ସମର୍ଥନ କରିଥିଲେ। ଏ ପ୍ରସ୍ତାବଟି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା।

---

## କାକଟପୁରରେ ସଭା

କାକଟପୁର ୬।୯।୩୩

ଗତକାଲି ସନ୍ଧ୍ୟା ସମୟରେ କାକଟପୁରଠାରେ କାକଟପୁର ଥାନାର ବନ୍ୟା ପ୍ରତିକାର ନିମନ୍ତେ ଗୋଟିଏ ସଭା ହୋଇଥିଲା। ଜମିଦାର ଶ୍ରୀଯୁତ ପଦ୍ମଚରଣ ସାମନ୍ତ ସିଂହାର ମହାପାତ୍ର ସଭାପତି ହୋଇଥିଲେ। ପ୍ରତ୍ୟେକ ୟୁନିଅନର ପ୍ରତିନିଧିମାନେ ଓ ଷ୍ଟାଗସ୍ ସ୍କୁଲ ସବ୍ ଇନ୍‌ସ୍ପେକ୍ଟର ଶ୍ରୀଯୁତ ବନବିହାରୀ ପଟ୍ଟନାୟକ ଯୋଗ ଦେଇଥିଲେ। ପ୍ରତ୍ୟେକ ୟୁନିଅନରୁ ସ୍ୱଇଚ୍ଛାସେବୀ ପ୍ରତିନିଧି ଏବଂ ୩ଜଣ ମନୋନୀତ ମେମ୍ବରଙ୍କୁ ନେଇ ଗୋଟିଏ ସ୍ଥାୟୀ କମିଟି ଗଠିତ ହେଲା। ସେଥିରୁ ନିମ୍ନଲିଖିତ ଭଦ୍ର ବ୍ୟକ୍ତିମାନେ କାର୍ଯ୍ୟକାରୀ କମିଟିର ସଭ୍ୟ ମନୋନୀତ ହେଲେ।

ବନ୍ୟା ପୀଡ଼ିତ ଅଞ୍ଚଳର ଦୁରବସ୍ଥା ବର୍ଣ୍ଣନା କରି ବାବୁ ପରମାନନ୍ଦ ଦାସ, ବାବୁ ଲୋକନାଥ ମିଶ୍ର ବାବୁ ପୂର୍ଣ୍ଣଚନ୍ଦ୍ର ଦାସ ପ୍ରଭୃତି ବକ୍ତୃତା ଦେଇଥିଲେ। ଏ ପ୍ରସ୍ତାବ ଗୁଡ଼ିକ ସରକାରଙ୍କଠାରେ ଉପସ୍ଥାପିତ କରିବାପାଇଁ ଏବଂ ଅଭାବ ଅଭିଯୋଗ ଜଣାଇବାପାଇଁ ଯାଇଲୋ ପ୍ରଜା ସଙ୍ଘ ନାମରେ ଗୋଟିଏ କମିଟି ଗଠିତ ହେଲା। ବାବୁ ଉଦୟସିଂହ ମହାପାତ୍ର ପ୍ରମୁଖ ୧୦୦ ଲୋକ ଗୋବିନ୍ଦପୁରରେ ଡ୍ୟାମ୍ପିଅର ବହିଥିବା ଡେପୁଟିଙ୍କ ନିକଟରେ ସବୁ ଦୁଃଖ ବର୍ଣ୍ଣନା କରି ଲୋକଙ୍କର ଅଭାବ ଅଭିଯୋଗ ଜଣାଇଥିଲେ।

---

# ନିଖିଳ ଭାରତ

## 'ହରିଜନ ଦିବସ'

୨୪ ତାରିଖରେ ପାଳନ କରନ୍ତୁ

ନିଖିଳ ଭାରତ ହରିଜନ ସେବକ ସମାଜର ସେକ୍ରେଟେରୀ ଶ୍ରୀଯୁକ୍ତ ଏ. ଭି. ଠକର ମହାତ୍ମାଜୀଙ୍କ ସଙ୍ଗେ ପୁନାରେ କଥାବାର୍ତ୍ତା ଓ ପରାମର୍ଶ କରୁଛନ୍ତି ଭାରତର ସବୁ ଅଞ୍ଚଳରେ ହରିଜନ ଦିବସ ପାଳନ କରିବା ପାଇଁ ଘୋଷଣା କରିଛନ୍ତି, ଶ୍ରୀଯୁକ୍ତ ଠକର ପ୍ରଥମରୁ ହରିଜନ କାମ କରି ଆସୁଛନ୍ତି। ଆନ୍ଦୋଳନ କିପରି ସଫଳତା ଲାଭ କରିବ ସେ ବିଷୟରେ ଶ୍ରୀଯୁକ୍ତ ଠକର ଉଦ୍‌ବୋଧନ ବାଣୀ ଶୁଣାଇବେ ବୋଲି ଗାନ୍ଧୀଜୀଙ୍କ ସଙ୍ଗେ ପରାମର୍ଶ କରୁଛନ୍ତି।

ତା ୨୪ ଭାଗ ଦିନ ହରିଜନ ଦିବସ ପାଳନ ସମ୍ପର୍କରେ ଗାନ୍ଧୀଜୀ ତାଙ୍କର ଅଭିମତ ପ୍ରକାଶ କରିଛନ୍ତି। ସେଥିରେ ସେ ଜଣାଇଛନ୍ତି।

"ହରିଜନ ସେବକ ସମାଜ ଭାରତ ସାରା ତା ୨୪ ଭାଗ ଦିନ 'ହରିଜନ ଦିବସ' ପାଳନ କରିବାଲାଗି ଘୋଷଣା କରିଛନ୍ତି। ସେଦିନ ତାହା ଭୁଲ୍ ଭାବରେ ପୁନା ଚୁକ୍ତି ବୋଲି କୁହାଯାଉଛି, ସ୍ୱାକ୍ଷରିତ ହୋଇ ଧାର୍ଯ୍ୟ ହେବାର ଏହି ୨୪ ତାରିଖ ଦିନ ବର୍ଷ ପୂର୍ତ୍ତି ହୋଇଯାଉଛି। ଅଧିକ ସୁଖର କଥା ରବିବାର ଦିନକୁ ପୁଣି ରବିବାର ପଡ଼ୁଛି। ଯେ ଉଦ୍ଦେଶ୍ୟରେ ଯେ ଉତ୍ସବ କରାଯାଉଛି, ପୁଣି ତାହାଦ୍ୱାରା ସେ ଉତ୍ସବର ମହତ୍ତ୍ୱ ଜଣାପଡ଼ିବ। ସେହିପରି ଭାବରେ ଏ ଉତ୍ସବ ସମସ୍ତେ ପାଳନ କରିବେ ବୋଲି ମୋର ଆଶା।"

"ହିନ୍ଦୁ ସମାଜରୁ ଏ ଅସ୍ପୃଶ୍ୟତା କଳଙ୍କ ଦୂର କରିବାପାଇଁ ଭାରତ ମଧ୍ୟରେ ଯେଉଁ ୨ ଲୋକ ଓ ଯେଉଁ ଯେଉଁ ଅନୁଷ୍ଠାନ କାମ କାର୍ଯ୍ୟ କରୁଛନ୍ତି ସେମାନେ ତାହାର ବିବରଣୀ ଏହି ତା ୨୪ ଭାଗ ଦିନ ସଂଗ୍ରହ କରିବେ ଓ ସର୍ବସାଧାରଣଙ୍କୁ ଜଣାଇ ଦେବେ। ଆସନ୍ତା ବର୍ଷପାଇଁ ପୁଣି କେଉଁ ପ୍ରକାର କାମ କରିବେ ତାହାର ଗୋଟିଏ ତାଲିକା ଠିକ୍ କରିବେ। ଉକ୍ତ ଉତ୍ସବ ସମ୍ପୂର୍ଣ୍ଣ କରିବାପାଇଁ ଦ୍ୱାରେ ଦ୍ୱାରେ ବୁଲି ଭିକ୍ଷା ସଂଗ୍ରହ କରିବେ। ଅଦ୍ୟାବଧି ଉକ୍ତ ଆନ୍ଦୋଳନ ଲାଗି ଯେ ଯେ କାର୍ଯ୍ୟ କରାଯାଇଛି, ତା ୨୪ଭାଗ ଦିନ ଅଧିକ ଅଧିକା ଉତ୍ସାହରେ ହେବ ଏହା ମୁଁ ଆଶାକରେ ହୃଦୟରେ କହୁଥିଲେ।"

ମୋର ଆଶା ଯେ ହରିଜନମାନେ ସେମାନଙ୍କର ନିଜର ଅସୁବିଧା ତଥା ହିନ୍ଦୁ ସମାଜର ଶୁଦ୍ଧି କରିବାର ଜଣେ ଜଣେ ତାର ତା ୨୪ ଭାଗ ଦିନ ସଂଗ୍ରହ କରିବେ, ଓ ଯାଞ୍ଚ କରିବେ। କାରଣ ଏହା ଦେଖିବା ବାହୁଲ୍ୟ ଯେ ଉଚ୍ଚବର୍ଣ୍ଣ ଗଣଙ୍କ ହିନ୍ଦୁମାନଙ୍କର ଦାୟିତ୍ୱ ବେଶି। ସଂସ୍କାରକମାନେ ସବୁବେଳେ ଲକ୍ଷ୍ୟରଖି କାର୍ଯ୍ୟ କରିବେ ଯେ ସେମାନଙ୍କର ଜନ୍ମ ଓ ବଂଶଗତ ବ୍ୟବହାର, ତ୍ୟାଗ ଓ ଉଜ୍ଜ୍ୱଳ ଚରିତ୍ର ବଳରେ ସଂସ୍କାର ବିରୋଧୀ ହିନ୍ଦୁମାନଙ୍କର ମନକୁ ଆନ୍ଦୋଳନ ଆଡ଼କୁ ଟାଣି ଆଣିବାର ଉଦ୍ୟମ କରିବେ।

Split by PDF Splitter
Digitized by srujanika@gmail.com

Split by PDF Splitter



# ପଣ୍ଡିତ କୃପାସିନ୍ଧୁ

## ହୋତାଙ୍କୁ ୬ ମାସ
## ତାଙ୍କୁ 'ଖ' ଶ୍ରେଣୀର କଏଦୀ କରାଗଲା

ପୁରୀ ୫।୯।୩୩

ପଣ୍ଡିତ କୃପାସିନ୍ଧୁ ହୋତା ୯ ତାରିଖରେ ଆଇନଅମାନ୍ୟ କରିବେ ବୋଲି ମାଜିଷ୍ଟ୍ରେଟ୍‌ଙ୍କୁ ନୋଟିସ ଦେଇଥିଲେ । ତାଙ୍କ ସହିତ ବାବୁ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ବାବୁ ପଦ୍ମଚରଣ ମହାନ୍ତି ଓ ବାବୁ ରଘୁନାଥ ପୁରୋହିତ ମଧ୍ୟ ସେହି ନୋଟିସରେ ଦସ୍ତଖତ କରିଥିଲେ । ସେମାନେ ୯ ତାରିଖ ଦିନ ୮ଟା ବେଳେ ସିଂହଦ୍ୱାରରେ ଉପସ୍ଥିତ ହେବା ପୂର୍ବରୁ ପୋଲିସମାନେ ଆସି ଆଗରୁ ଜଗି ରହିଥିଲେ ସିଂହଦ୍ୱାରରୁ ଯାଇ ମାର୍କେଟରେ ଯେମିତି ପିକେଟିଂ ଆରମ୍ଭ ହୋଇଛି ସେମିତି ସେମାନଙ୍କୁ ଗିରଫ କରି ନେଲେ ।

ସେମାନଙ୍କ ଭିତରୁ ବାବୁ ରଘୁନାଥ ପୁରୋହିତ ଓ ବାବୁ ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କୁ ଛାଡ଼ି ଦିଆଯାଇଛି । କେବଳ ଶ୍ରୀଯୁକ୍ତ କୃପାସିନ୍ଧୁ ହୋତା ଓ ବାବୁ ପଦ୍ମଚରଣ ମହାନ୍ତିଙ୍କର ବିଚାର ହୋଇ ଯାଇଛି । ଶ୍ରୀଯୁକ୍ତ ହୋତାଙ୍କୁ ୬ ମାସ ସଶ୍ରମ କାରାଦଣ୍ଡ ଓ ପଦ୍ମଚରଣ ମହାନ୍ତିଙ୍କୁ ୩ ମାସ ହୋଇଅଛି । ଶ୍ରୀଯୁକ୍ତ ହୋତାଙ୍କୁ 'ଖ' ଶ୍ରେଣୀ ବନ୍ଦୀ କରାଯାଇଛି ।

---

## ସ୍ପେନ ସରକାର ଭାଙ୍ଗିଲା
## ସାମ୍ୟବାଦୀଙ୍କ ଦାଉ

ମାଡ୍ରିଡ ୮।୦।୩୩

ସ୍ପେନ ରାଜ୍ୟରେ ସାମ୍ୟବାଦୀଙ୍କର ଦଳ ଖୁବ୍ ବେଶି ହୋଇ ଗଲଣି । ସେମାନେ ରାଜ୍ୟଶାସନରେ ସବୁବେଳେ ଗୋଳମାଳ କରୁଛନ୍ତି । ସେଥିପାଇଁ ଆଜାନାଙ୍କର ମନ୍ତ୍ରୀ ପରିଷଦ ଇସ୍ତଫା ଦାଖଲ କରିଛନ୍ତି । ୪୬୦ ଜଣଙ୍କ ଭିତରୁ ମୋଟେ ୧୪୬ ଜଣ ଏହି ଆଲୋଚନା ବେଳେ ଆଜାନାଙ୍କ ସରକାର ସପକ୍ଷରେ ଭୋଟ ଦେଇଥିଲେ । ବାକିଥିବାଲୋକ ସଭା ଛାଡ଼ି ଚାଲି ଯାଇଥିଲେ ।

---

## ରେଲ୍‌ଓ୍ୱେ କର୍ମଚାରୀଙ୍କ ସଂଗଠନ
## ବନ୍ୟାଗ୍ରସ୍ତ ଲୋକଙ୍କ ସାହାଯ୍ୟ

ଖିଦିରପୁର, କଲିକତା

ତା ୭।୯।୩୩

ଏଠାରେ ଥିବା ବି, ଏନ, ରେଲଓ୍ୱେ କମ୍ପାନୀରେ କାମ କରୁଥିବା ଓଡ଼ିଆ କର୍ମଚାରୀମାନେ ଓଡ଼ିଶା ବନ୍ୟା-ସାହାଯ୍ୟ କମିଟି ନାମକ ଗୋଟିଏ କମିଟି ଗଢ଼ିଛନ୍ତି । ଏ କମିଟିର ସଭାପତି ଶ୍ରୀଯୁକ୍ତ ବୈଦ୍ୟନାଥ ଦାସ ହୋଇଛନ୍ତି ଏବଂ ବୈକୁଣ୍ଠନାଥ ଦାସ ଏହାର ସମ୍ପାଦକ ହୋଇଛନ୍ତି । ଏ କମିଟି ଗୁରୁ-ଥରେ କଟକର ଓଡ଼ିଶା ବନ୍ୟା ସାହାଯ୍ୟ କମିଟିକୁ ଟ ୧୨୦୯ ଦେଲେଣି । ଏ କମିଟିର ସମ୍ପାଦକ ରେଲଓ୍ୱେ ଏଜେଣ୍ଟଙ୍କ ଠାରୁ ଷ୍ଟାଫ ବେନିଫିଟ୍ ଫଣ୍ଡରୁ କିଛି ସାହାଯ୍ୟ ଦେବାକୁ ଦରଖାସ୍ତ କରିଥିଲେ । ଏଜେଣ୍ଟ ମହୋଦୟ ବନ୍ୟା ପ୍ରପିଡ଼ିତ ରେଲଓ୍ୱେ କର୍ମଚାରୀଙ୍କୁ ଷ୍ଟାଫ ବେନିଫିଟ୍ ଫଣ୍ଡରୁ କିଛି ସାହାଯ୍ୟ ଦେବାକୁ ଅନୁମତି ଦେଇଛନ୍ତି ।

---

# ଫ୍ରାନ୍‌ସ ବଡ଼ଖପା

## ଜର୍ମାନୀକୁ ଠିକ୍ କରିଦେବେ

ପ୍ୟାରିସ ୧୨।୯।୩୩

ଆଜି ଏଠା ପାଖରେ ଥିବା ଗ୍ରାମରେ ଗୋଟିଏ ବିରାଟ ସଭା ହୋଇଥିଲା । ବହୁତ ଲୋକ ଯୋଗ ଦେଇଥିଲେ ସଭାପତି ବୋଲି କହିଲେ—"ଯଦି କେହି ଜର୍ମାନୀର ଲୋକ ଅଧ୍ୟାପକ ଆଇନଷ୍ଟାଇନଙ୍କ କେଶାଗ୍ର ଛୁଇଁ ଦିଏ ତାହାହେଲେ ତେବେ ଜର୍ମାନୀର ଯେଉଁମାନେ ନାଜିର ବାହାରେ ରହୁଛନ୍ତି ସେମାନଙ୍କୁ ତାର ପରିଣାମ ଭୋଗ କରିବାକୁ ପଡ଼ିବ, ତାଙ୍କୁ ଏହାର ଜବାବ ଦେବାକୁ ପଡ଼ିବ ।" ଜର୍ମାନୀ ପାର୍ଲିଆମେଣ୍ଟରେ ଏବେ ନିଆଁ ଲଗାଇଛି ବୋଲି ଯେଉଁମାନଙ୍କ ବିପକ୍ଷରେ ମକଦ୍ଦମା ହେବ ସେମାନଙ୍କ ପାଇଁ କୋର୍ଟରେ ଲଢ଼ିବାକୁ ସେ ବଡ଼ ଉତ୍ତେଜନା ସହିତ କହୁ-ଥିଲେ ।

ଇଂଲଣ୍ଡରେ ଆଜି ପ୍ରାୟ ଶହେ ଇହୁଦି ବିଜ୍ଞାନ ପଢ଼ୁଥି ଛାତ୍ର ଆଇନଷ୍ଟାଇନଙ୍କ ବଡ଼ିଗାର୍ଡ ହୋଇ ରହିବେ ବୋଲି ସ୍ୱେଚ୍ଛାରେ ଦଳ ଗଢ଼ିଛନ୍ତି । ଆଇନଷ୍ଟାଇନ୍ ଇଂଲଣ୍ଡରେ ଥିବା ପର୍ଯ୍ୟନ୍ତ ସେମାନେ ତାଙ୍କୁ ଜଗି ରହିବେ । ସେ ସ୍ଥାୟୀ ଭାବରେ ଇଂଲଣ୍ଡରେ ରହିବେ କି ନାହିଁ ଏପର୍ଯ୍ୟନ୍ତ ଠିକ୍ କରିନାହାନ୍ତି ।

ଆଇନଷ୍ଟାଇନ୍ ଜର୍ମାନର ବଡ଼ ବୈଜ୍ଞାନିକ ଅଧ୍ୟାପକ । ସେ ଇହୁଦି ହୋଇଥିବାରୁ ତାଙ୍କୁ ନାଜିଦଳର ଲୋକେ ଗୁପ୍ତରେ ମାରି ଦେବାକୁ ଚେଷ୍ଟା କରୁଥିବାରୁ ସେ ଇଂଲଣ୍ଡକୁ ଚାଲି ଆସିଛନ୍ତି ।

---

## ମାଛ ମନେକରି ନିଜପୁଅକୁ ମାରିଲେ
## ସଙ୍ଗେ ସଙ୍ଗେ ବାପ ମା ବି ମଲେ

ଖୁଣ୍ଟାଘାଟ ୯।୯।୩୩

ଗଙ୍ଗାନଦୀର ବନ୍ୟାରେ ଖୁଣ୍ଟାଘାଟର ଗଙ୍ଗା ପ୍ରସାଦପୁରରେ ଅନେକ ଲୋକଙ୍କ ଘର ଅଗଣା ଭିତରେ ପାଣି ପଶି ଯାଇଥିଲା । ଦିନେ ରାତିରେ ଗୋଟିଏ ମହୁଆ ପରିବାରର ସ୍ୱାମୀ ସ୍ତ୍ରୀ ତାଙ୍କର ସାନ ପୁଅଟିକୁ ନେଇ ଘର ବାରଣ୍ଡାରେ ଶୋଇଥିଲେ । କେତେବେଳେ ପୁଅଟି ଉଠି ଅଗଣାକୁ ଖସିଯାଇ ଜଳଗଣ୍ଡି ପାଣିରେ ପଡ଼ି ତାର ହାତ ଗୋଡ଼ ଖେଳିବାରେ ଲାଗିଛି । ଅନ୍ଧାରରେ ମୁହଁକୁ ମୁହଁ ଦେଖାଯାଉ ନାହିଁ । ଇତି ମଧ୍ୟରେ ବାପର ନିଦ ଭାଙ୍ଗିଗଲା । ସେ ଅଗଣା ପାଣିରେ ଗୋଟିଏ ବଡ଼ମାଛ ଖେଳୁଛି ବୋଲି ମନେକଲା । ତେଣୁ ବାହାରିଯାଇ ବଡ଼ ଖୁଣ୍ଟାର ହାତୁଡ଼ିରେ ବସାଇଦେଲା । ଫଳରେ ପୁଅଟିର ଜୀବ ବାହାରିଗଲା । ସାଙ୍ଗେ ସାଙ୍ଗେ ବାପ ଏକଥା ଜାଣିପାରି ପଡ଼ୋଶୀ ଘରକୁ ପରାମର୍ଶ ପାଇଁ ଧାଇଁଗଲା । ସେ ଫେରିବା ଆଗରୁ ମା'ର ନିଦ ଭାଙ୍ଗିଗଲା । ସେ ସ୍ୱାମୀକୁ ବିଛଣାରେ ନ ଦେଖି, ପୁଅର ମୃତଦେହ ଅଗଣାରେ ପାଣିଭିତରେ ଦେଖି ଘରଭିତରକୁ ଯାଇ ବେକରେ ଦୌଡ଼ି ଲଗାଇ ଦେଇ ଆତ୍ମହତ୍ୟା କଲା । ସ୍ୱାମୀ ଫେରିଆସି ପୁଅ ମରିବା ସଙ୍ଗେ ସଙ୍ଗେ ସ୍ତ୍ରୀର ଆତ୍ମହତ୍ୟା କରିବା ଦେଖି ସେ ମଧ୍ୟ ଗୋଟିଏ କାତୁରୀ ଧରି ବେକରେ ଲଗାଇ ଦେଇ ଆତ୍ମହତ୍ୟା କଲେ ।

---

# ରେଙ୍ଗୁନରେ ସଭା

## ଓଡ଼ିଶା ବନ୍ୟା ସାହାଯ୍ୟ ପାଇଁ
## ଚାନ୍ଦା ସଂଗ୍ରହ

ରେଙ୍ଗୁନ ୭।୯।୩୩

ବାବୁ ଉର୍ମିଳଚନ୍ଦ୍ର ଚୌଧୁରୀ କଟକ ସବଡିଭି-ଜନାଲ ଅସିଷ୍ଟାଣ୍ଟ ଡେପୁଟୀର କଟକରେ ମୁନସଫି କାର୍ଯ୍ୟମଧ୍ୟ କରିବେ।

କଟକ ରେଭେନ୍ସା କଲେଜର ପ୍ରିନ୍ସିପାଲ ଡକ୍ଟର ଡଃ ଭଞ୍ଜ ସେଣ୍ଟ୍ରାଲ୍ଡାର୍ଣ୍ଣିଷ୍ଟର ବାହେଦାର ହେଲେ।

ମିଃ ଏସ୍, ବି, ତ୍ରିପାଠି ଅସିଷ୍ଟାଣ୍ଟ ଡିରେକ୍ଟର ଅଫ୍ ପବ୍ଲିକ୍ ଇନଷ୍ଟ୍ରକ୍ସନ୍ କାର୍ଯ୍ୟରେ ବାହେଲ ହେଲେ।

ପ୍ରୋଫେସର ବାବୁ ଭଗୀରଥ ଉପ୍ରେତୀ କଟକ ରେଭେନ୍ସା କଲେଜର ଇଂରେଜୀ ପ୍ରଫେସର କାର୍ଯ୍ୟରେ ବାହେଲ ହେଲେ।

ବାବୁ ବନବାସୀର ଶ୍ରୀନିବାସ ପାଟଣା କଲେଜରେ ଇଂରେଜୀ ପ୍ରଫେସର ପଦରେ ମୁକରର ହେବେ ଏବଂ ବର୍ତ୍ତମାନ ମୁଜାଫର ପୁରର ଭୂମିହାର ବ୍ରାହ୍ମଣ କଲେଜର ଇଂରେଜୀ ପ୍ରଫେସର କାର୍ଯ୍ୟ ଅସ୍ଥାୟୀ ଭାବରେ କରିବେ।

ବାବୁ ଲୋକନାଥ ମିଶ୍ର କଟକ ରେଭେନ୍ସା କଲେଜରେ ଅସିଷ୍ଟାଣ୍ଟ ଇଂରେଜୀ ପ୍ରଫେସର ପଦରେ ଅସ୍ଥାୟୀ ଭାବରେ ମୁକରର ହେଲେ।

## ବିହାର ଓଡ଼ିଶା କାଉନସିଲ ନୂତନ ସଭାପତି ନିର୍ବାଚନ ନଭେମ୍ବର ମାସରେ ହେବ

ସାର୍ ଜନରଲ୍ଲୁ ପ୍ରକାଶ ଯେ ବର୍ତ୍ତମାନ କାଉନ-ସିଲର ପ୍ରେସିଡେଣ୍ଟ ଅନରେବଲ୍ ବାବୁ ନନ୍ଦକୁମାର ସିଂହ ବିହାରଓଡ଼ିଶା ସରକାରର କାର୍ଯ୍ୟ-କାରୀ ମେମ୍ବର ହୋଇଥିବାରୁ ତାଙ୍କ ଜାଗାରେ ଜଣେ ପ୍ରେସିଡେଣ୍ଟ ମନୋନୀତ କରିବା କାରଣ ବିହାର ଓଡ଼ିଶା କାଉନସିଲର ଏକ ବୈଠକ ନଭେମ୍ବର ମାସରେ ପାଟଣାଠାରେ ହେବ।

## ଆସେମ୍ବ୍ଲି ବାଇ ଇଲେକ୍ସନ

ଆସେମ୍ବ୍ଲି ବାଇ—ଇଲେକସନ୍ ସମ୍ବନ୍ଧରେ କଟକର ଦେଓ୍ୱାନ ବହାଦୁର ଶ୍ରୀକୃଷ୍ଣ ମହାପାତ୍ର ଓ ଯାଜପୁରର ଶ୍ରୀଯୁକ୍ତ ବାବୁ ସୀତାକାନ୍ତ ମହାପାତ୍ର ପ୍ରାର୍ଥୀ ହୋଇଅଛନ୍ତି। ଅନ୍ୟ ଯେଉଁମାନେ ପ୍ରାର୍ଥୀ ହେବାର ଶୁଣାଯାଉଥିଲା ସେମାନେ ପ୍ରାର୍ଥୀ ହେଲେ ନାହିଁ। ନଭେମ୍ବର ତା ୪ ରିଖରେ ଭୋଟ ନିଆଯିବ।

## ସାର ବି. ଏଲ୍. ମିତ୍ର

ଭାରତ ସରକାରଙ୍କ ଲ, ମେମ୍ବର ସାର ବି, ଏଲ ମିତ୍ର ଏମାସ ତା ୨୭ରିଖରେ ଛୁଟିରୁ ଫେରି ଦିଲ୍ଲୀ-ଠାରେ କାର୍ଯ୍ୟ ଭାର ଗ୍ରହଣ କରିବେ।

ଜଣ ଲୋକଙ୍କୁ ଗିରଫଦାର କରିଅଛନ୍ତି। ମହାଜନଙ୍କ ଲୋଭରୁ ଧାନ ଲୁଟ କରିବା ହେଉଅଛି ବୋଲି ଲୋକଙ୍କର ସ୍ୱର।

## ପାରିକୁଦ ହାଲ

ଗତ ୮ ତାରିଖରେ ବିହାର ଓଡ଼ିଶା କାଉନ୍ସିଲର ମେମ୍ବର ରାଜା ସାହେବ ପାରିକୁଦରେ ବନ୍ୟା ବଢ଼ି ଯୋଗୁଁ ଷତି ହୋଇଥିବା ଅଞ୍ଚଳମାନ ବୁଲି ଦେଖି ଆସିଅଛନ୍ତି। ପାରିକୁଦର ରାଜା-ସାହେବ ବନ୍ୟା ସମ୍ବନ୍ଧ ସରକାରଙ୍କ ଠାରୁ ଟଙ୍କା ଋଣ ଆଣିବା ସମ୍ପର୍କରେ ତାଙ୍କର ଏହି ଗସ୍ତର ଉଦ୍ଦେଶ୍ୟ ବୋଲି ଅନୁମାନ କରାଯାଏ।

# ଓଡ଼ିଶାରେ ବନ୍ୟା

## ବନ୍ୟାଅଞ୍ଚଳରେ ଖଜଣାଛାଡ଼ ସରକାରଙ୍କ ନିକଟ ଆବେଦନ

ପୁରୀରେ ଏମାର ମଠ ମହନ୍ତ, ଉତ୍ତର ପାର୍ଶ୍ୱ ମଠର ମହନ୍ତ, ଗୋପୀନାଥପୁର ନିଳକଣ୍ଠ ମିଶ୍ର ବାବୁ ଜଗନ୍ନାଥ ମିଶ୍ର, ମିଃ ଖୁଦବଖଶ, ଡେପୁଟି କଲେକ୍ଟର ଏବଂ ଜେଲାର ଓ ପାଇକ ପଡ଼ା ଷ୍ଟେଟର ମ୍ୟାନେଜର ମାନେ ଏକତ୍ର ହୋଇ ବିହାରଓଡ଼ିଶା ସରକାରଙ୍କ ଅର୍ଥବିଭାଗ ସେକ୍ରେଟେରି ହବାକ୍ ସାହେବଙ୍କ ନିକଟ ଉପସ୍ଥିତ ହୋଇ ବନ୍ୟା ପୀଡ଼ିତ ଅଞ୍ଚଳର ପ୍ରଜାମାନଙ୍କ ଦୁରବସ୍ଥା ଦୃଷ୍ଟେ ରାଜସ୍ୱ, ଖଜଣା ଓ ଚୌକିଦାରୀ ଟିକସମାନ ମାଫ କରିବା ଆବଶ୍ୟକତା ସମ୍ବନ୍ଧରେ ଅନେକ କଥା କହିଥିଲେ। ହବାକ ସାହେବ ସମସ୍ତ କଥା ଧୀର ସ୍ଥିର ଭାବରେ ଶୁଣି ସେମାନଙ୍କୁ ସ୍ଥିର ଜବାବ ଦେଇ ଅଛନ୍ତି ଯେ ଏପରି ଅବସ୍ଥାରେ ଯାହା କରିବାର ସମ୍ଭବ ସେ ନିଶ୍ଚୟ କରିବେ।

ଯେଉଁଭଳି ଭାବରେ ଖଜଣା ଓ ରାଜସ୍ୱ ପୋଲ-ପଣ ମାଫହେବା ଆବଶ୍ୟକତାହାର ଗୋଟିଏ ତାଲିକା ସରକାରଙ୍କ ନିକଟ ପଠାଯିବା କାରଣ ପ୍ରସ୍ତୁତ ହେଉ-ଥିବାର ପ୍ରକାଶ।

## ବନ୍ୟା ସାହାଯ୍ୟରେ ଆୟବ୍ୟୟ

ଓଡ଼ିଶା ବନ୍ୟା ସାହାଯ୍ୟ କମିଟିଙ୍କ ହସ୍ତରୁ ତା ୨୦ ରିଖ ଜୁଲାଇଠାରୁ ୧୨ ତାରିଖ ଅକ୍ଟୋ-ବର ପର୍ଯ୍ୟନ୍ତ ୧୩୨୯୧୨୮ ଆସିଥିବା ଓ ସମସ୍ତ ବନ୍ୟା ସାହାଯ୍ୟରେ ଖର୍ଚ୍ଚ ହୋଇଥିବାର ପ୍ରକାଶ।

## ରାମକୃଷ୍ଣ ମିସନ ବନ୍ୟାଅଞ୍ଚଳରେ ସାହାଯ୍ୟ

ହରଣପୁର ଓ ବାଲିକୁଦା ଅଞ୍ଚଳରେ ୧୧୭ଟି ଗ୍ରାମର ଲୋକମାନଙ୍କୁ ସାହାଯ୍ୟ ଦେବା କାରଣ ରାମକୃଷ୍ଣ ମିସନ୍ ବାଲିକୁଦାଠାରେ ଗୋଟିଏ କେନ୍ଦ୍ର ଖୋଲି ଅଛନ୍ତି ଏବଂ ପ୍ରତି ସପ୍ତାହରେ ୩୨୦୦ ମହଣ ଧାନ ବଣ୍ଟନ କରୁଅଛନ୍ତି।

ସେମାନେ ଡିସେମ୍ବର ପର୍ଯ୍ୟନ୍ତ ଏହି କେନ୍ଦ୍ରରେ କାର୍ଯ୍ୟ ଚଳାଇବେ। ସବୁ ଠିକାର ଅଭାବ ନ ହୁଏ ତେବେ ସରକାରୀ ନେଇ ମଧ୍ୟ ସାହାଯ୍ୟ କରି-ବାର ମିଶନ କର୍ତ୍ତୃପକ୍ଷଙ୍କର ଇଚ୍ଛା। ସ୍ୱାମୀ ସ୍ୱାତମାନନ୍ଦ ଓ ଶ୍ରୀମନ୍ତ ସରଳାଦେବୀ ଏହି କେନ୍ଦ୍ରକୁ ପରିଚାଳନା କରୁଅଛନ୍ତି।

## ମହାତ୍ମାଗାନ୍ଧିଙ୍କ ଆନ୍ତରିକ ଯତ୍ନ

ଓଡ଼ିଶାରେ ବନ୍ୟା ସାହାଯ୍ୟ କାର୍ଯ୍ୟ କିପରି ସୁରୁରୁ ଭାବେ ହେବ ସେଥିପାଇଁ ମହାତ୍ମାଗାନ୍ଧି ଶ୍ରୀଯୁକ୍ତ ହରେକୃଷ୍ଣ ମେହେତାବଙ୍କୁ ଏଠାକୁ ପଠାଇ-ଅଛନ୍ତି। ସେ ତା ୧୪ରିଖ ସକାଳେ କଟକରେ ଆସି ପହଞ୍ଚିଲେ ଏବଂ ବନ୍ୟାପୀଡ଼ିତ ଅଞ୍ଚଳ ସବୁ ବୁଲି ଦେଖିବାକୁ ଯାଇଅଛନ୍ତି। ସେ ଓଡ଼ିଶାରେ ମାସେ ରହି ବନ୍ୟା ସାହାଯ୍ୟ କାର୍ଯ୍ୟର ତତ୍ତ୍ୱାବଧାରଣ କରିବେ।

## ହରିଶପୁର ବନ୍ୟା ଅଞ୍ଚଳ ଧାନଲୁଟ

ଗତ ୭ ତାରିଖ ଦିନ ହରିଶପୁରରେ ଜଣେ ଧାନ ବେପାରିର ନାହାକୁ କେତେ ଲୋକ ଧାନ ଲୁଟ କରି ନେଇଅଛନ୍ତି। ପୁଲିସ ପ୍ରାୟ ୩୦।୩୨ ଅବଶିଷ୍ଟ ପ୍ରଥମ କଲମ ତଳରେ

## ଆଗାମୀ ଲାଟବନ୍ଦୀ (ସରକାରୀ ବିଜ୍ଞାପନ)

ଓଡ଼ିଶା ବିଭାଗର କମିଶନର ସାହେବ ମହୋଦୟ ବିଜ୍ଞାପନ ଦେଇଅଛନ୍ତି ଯେ, କଟକ ଓ ପୁରୀର କଲେକ୍ଟର ସାହେବଙ୍କୁ ଆଦେଶ ଦିଆଯାଇ ଅଛି ଯେ, ସେମାନେ ବନ୍ୟାପୀଡ଼ିତ ଅଞ୍ଚଳର ଜମି-ଦାରୀ ମାନଙ୍କର ଆସନ୍ତା ନଭେମ୍ବର କିସ୍ତି ରାଜସ୍ୱ ବାକୀ ଲାଟମାନଙ୍କରେ ଡିସେମ୍ବର ମାସ ଶେଷ ପର୍ଯ୍ୟନ୍ତ ଗ୍ରହଣ କରିବେ।

ଯେଉଁ ଜମିଦାର ଉକ୍ତ କିସ୍ତିରୁ ଅଧିକ ସମୟ ବୃଦ୍ଧି ବା ଖଜଣା ମାଫି ପାଇଁ ଆବେଦନ କରିବାକୁ ଇଚ୍ଛା କରନ୍ତି, ତେବେ ସେମାନେ କିସ୍ତି ତାରିଖ ଦିନ ବା ତତ୍ପୂର୍ବରୁ ଲିଖିତ ଆବେଦନ ଦାଖଲ କରିବେ ଏବଂ ସେପରି ଆବେଦନର କାରଣ ସ୍ପଷ୍ଟରୂପେ ନିର୍ଦ୍ଦେଶ କରିବେ। ଦରଖାସ୍ତରେ ନିମ୍ନଲିଖିତ ବିଷୟମାନ ଉଲ୍ଲେଖ କରିବାକୁ ହେବ—

(୧) କେଉଁ ଥାନା ଇଲାକାରେ ଜମିଦାରୀ ଅବସ୍ଥିତ।

(୨) ଜମିଦାରୀ ମଧ୍ୟରେ ମୋଟ ଗ୍ରାମସଂଖ୍ୟା କେତେ।

(୩) କେଉଁ କେଉଁ ଗ୍ରାମରେ ବନ୍ୟାଦ୍ୱାରା କ୍ଷତି ହୋଇଅଛି, ତାହାର ବିବରଣ, ଯଥା—ଥାନା ନମ୍ବର, ଗ୍ରାମ ଓ କ୍ଷତିର ପରିମାଣ।

ଆବେଦନ ସଙ୍ଗରେ ଏ କଥା ମଧ୍ୟ ସ୍ପଷ୍ଟରୂପେ ଉଲ୍ଲେଖ କରିବାକୁ ହେବ ଯେ, ରାଜସ୍ୱ ମୁଲତବି ରଖାଗଲେ ବା ମାଫ୍ ଦିଆଗଲେ ଜମିଦାର ସେହି ପରିମାଣରେ ପ୍ରଜାଙ୍କ ଖଜଣା ମୁଲତବି ରଖିବେ ବା ମାଫ ଦେବେ।

## ସରକାରୀ କୃଷିବିଭାଗ (ବନ୍ୟା ଅଞ୍ଚଳରେ ବିହନ ବିତରଣ)

ବନ୍ୟାପୀଡ଼ିତ ଅଞ୍ଚଳରେ ସରକାରୀ କୃଷି-ବିଭାଗ ବିହନ (ମଞ୍ଜି) ବିତରଣ କାର୍ଯ୍ୟ ପ୍ରାୟ ଶେଷ କରିଅଛନ୍ତି। କୋଳଥ ଏବଂ ବିରି ବିହନ ପ୍ରାୟ ୫୦ ମହଣ କଣାସ ଅଞ୍ଚଳରେ ଏବଂ ୧୫୦ ମହଣ କୃଷ୍ଣପ୍ରସାଦ ଅଞ୍ଚଳରେ ବିତରଣ ହୋଇଥିବାର ଖବର ମିଳେ। କଟକଜିଲ୍ଲାରେ ପ୍ରାୟ ୩୦୦ ମହଣ ବିରି, କୋଳଥ ଓ ସୋରିଷ ମଞ୍ଜି ବଣ୍ଟା ହୋଇଅଛି।

ପାରିକୁଦ ଓ ମାଲୁଦ ଅଞ୍ଚଳରେ ରବି ଫସଲ ହେବାର ସମ୍ଭବ ଓ କୃଷି ବିଭାଗ ସେ ସମ୍ବ-ନ୍ଧରେ କ'ଣ କଲେ କିଛି ଜଣାପଡ଼ୁନାହିଁ।

ବର୍ତ୍ତମାନ କେତେକ ଦିନହେଲା ଓଡ଼ିଶାରେ ପ୍ରାୟ ସର୍ବତ୍ର ବର୍ଷା ହୋଇଥିବାରୁ ରବି ଫସଲ-ମାନଙ୍କର କ୍ଷତି ହେବାର ଆଶଙ୍କା।

## ବାଲିକୁଦା ସରକାରୀ ଧାନଗୋଲା ଦେଢ଼ିଦୋଳକୁ ଉଠିପିବ

ସରକାରୀ ଧାନଗୋଲା ବାଲିକୁଦା ଠାରୁ ଦେଢ଼ି ଦୋଳକୁ ଉଠିଯିବାର ପ୍ରସ୍ତାବ ହେଉଥିବାର ଶୁଣାଯାଏ। ଏ ଖବରରେ ସ୍ଥାନୀୟ ଲୋକେ ଚିନ୍ତିତ ହୋଇ ପଡ଼ି ଅଛନ୍ତି। କାରଣ ମହାଜନ-ମାନେ ଧାନର ଦର ବେଶୀ କରିବା ଉଦ୍ଦେଶ୍ୟରେ ରଖୀ କରୁଅଛନ୍ତି।

Digitized by srujanika@gmail.com

Split by PDF Splitter



# ମହାତ୍ମା ଗାନ୍ଧି

## ଭାରତ ଭ୍ରମଣ

ନଭେମ୍ବର ତା ୮ ରିଖରୁ ମହାତ୍ମା ଗାନ୍ଧି ହରିଜନ କାର୍ଯ୍ୟୋପଲକ୍ଷେ ଭାରତଭ୍ରମଣରେ ବାହାରିବାର ସ୍ଥିର କରିଅଛନ୍ତି । ମଧ୍ୟପ୍ରଦେଶ ଓ ବେରାର ଭ୍ରମଣ ପରେ ସେ ବଙ୍ଗ ଦେଶ ଓ ଆସାମକୁ ଯିବେ । ହରିଜନ ବସ୍ତି ପରିଦର୍ଶନ, ସନାତନ ଧର୍ମୀମାନଙ୍କ ସହିତ ସାକ୍ଷାତ ଓ ହରିଜନ କାର୍ଯ୍ୟ ସକାଶେ ଚାନ୍ଦା ସଂଗ୍ରହ ଏ ଭ୍ରମଣର ଉଦ୍ଦେଶ୍ୟ ।

ମହାତ୍ମାଗାନ୍ଧିଙ୍କ ଭ୍ରମଣ କାଳରେ ଖଦ୍ଦର ବହୁଳ ପ୍ରଚାର ସକାଶେ ବିଶେଷଭାବେ ଉଦ୍ୟମ କରିବା ପାଇଁ କର୍ମୀ ମାନଙ୍କର ଚେଷ୍ଟା ଲାଗିଅଛି ।

---

## ବାବୁ ରାଜେନ୍ଦ୍ର ପ୍ରସାଦ
## ବାଙ୍କିପୁର ଜେଲରେ ରଖାଗଲେ

ବିହାରର ସୁପ୍ରସିଦ୍ଧ କଂଗ୍ରେସ ନେତା ବାବୁ ରାଜେନ୍ଦ୍ର ପ୍ରସାଦ ସାହାଙ୍କର ଅସୁସ୍ଥତା ହେତୁ ହାଜାରିବାଗ ଜେଲରୁ ଆଣି ପାଟଣା ଡାକ୍ତରଖାନାରେ ରଖି ଚିକିତ୍ସା କରାଯାଉଥିଲା ତାଙ୍କୁ ବର୍ତ୍ତମାନ ବାଙ୍କିପୁର ଜେଲରେ ଫେର ରଖାଯାଇଥିବାର ବାଙ୍କିପୁର ଖବରରୁ ପ୍ରକାଶ । ତାଙ୍କର ଶରୀର ଭଲ ହୋଇ ଗଲଣି ।

—o—

# କଂଗ୍ରେସ ପନ୍ଥା

## କାର୍ଯ୍ୟକାରୀ କମିଟିର ବୈଠକ

କେତେକ କଂଗ୍ରେସ କର୍ମୀମାନେ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକ କରି ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ପ୍ରସ୍ତାବ କରୁଥିବାର ପ୍ରକାଶ । ମାତ୍ର ମହାତ୍ମାଗାନ୍ଧି କିମ୍ବା ଯୁକ୍ତପ୍ରଦେଶର ନେତାମାନେ ଏ ପ୍ରସ୍ତାବ ଅନୁମୋଦନ କରୁନାହାନ୍ତି ।

---

## 'ଦିନବନ୍ଧୁ' ଆଣ୍ଡ୍ରୁଜ
## ଭାରତରେ ଶାନ୍ତିସ୍ଥାପନ ଚେଷ୍ଟା

ଅଲ୍ଲାହାବାଦ ଖବରରୁ ପ୍ରକାଶ ଯେ ଦିନବନ୍ଧୁ, ଆଣ୍ଡ୍ରୁଜ ସେଠାରେ ପଣ୍ଡିତ ଜହରଲାଲ ନେହରୁ, ସାର୍ ତେଜବାହାଦୁର ସାପ୍ରୁ, ମିଃ ଚିନ୍ତାମଣି, ଶ୍ରୀଯୁକ୍ତ ରାମାନନ୍ଦ ଚଟ୍ଟୋପାଧ୍ୟାୟଙ୍କ ସହିତ ଭାରତର ରାଜନୈତିକ ଅବସ୍ଥା ସମ୍ବନ୍ଧେ କଥାବାର୍ତ୍ତା କରିଥିଲେ । କଂଗ୍ରେସ ଓ ଭାରତ ସରକାରଙ୍କ ମଧ୍ୟରେ ସାଲିସ କରାଇବାର ଉଦ୍ୟମ ସେ ଏପର୍ଯ୍ୟନ୍ତ ଛାଡ଼ି ନାହାନ୍ତି । ସେ ସେଠାରେ ପଣ୍ଡିତ ମାଲବ୍ୟଙ୍କ ସହିତ କଥାବାର୍ତ୍ତା କରି ସିମଲା ଯିବେ ।

---

## ମହାତ୍ମାଗାନ୍ଧିଙ୍କ ସ୍ୱାସ୍ଥ୍ୟ

ମହାତ୍ମା ଗାନ୍ଧିଙ୍କ ସ୍ୱାସ୍ଥ୍ୟ କ୍ରମେ ଉନ୍ନତ ହେଉଅଛି ।

---

## ନୀଳା ନାଗିନି ଅନ୍ତର୍ଦ୍ଧାନ

ନୀଳାନାଗିନି ଯେଉଁ ଓ୍ୟାରଧା ଆଶ୍ରମରେ ଥିଲେ ସେ ଲୁଚିକରି ଚାଲିଯାଇ ଅଛନ୍ତି ଖବର ମିଳୁନାହିଁ । ସେ ବଙ୍ଗଳୋର ଡାକ୍ତର ଶର୍ମାଙ୍କ ସହିତ ଦେଖାକରିଥିଲେ ଏବଂ ସେଠାରୁ ଯିବାପରେ ତାହାଙ୍କର କୌଣସି ଖବର ମିଳୁନଥିଲା । ବର୍ତ୍ତମାନ ସେ ମଥୁରାଠାରେ ଥିବାର ଖବର ମିଳିଛି ।

---

## ଶ୍ରୀଯୁକ୍ତ ପଟେଲଙ୍କ ଅବସ୍ଥା ଶଙ୍କାପନ୍ନ
## ସ୍ୱାସ୍ଥ୍ୟନେଇ ସମସ୍ତେ ଉତ୍କଣ୍ଠିତ

ଭିଏନା ଖବରରୁ ପ୍ରକାଶ ଯେ ଶ୍ରୀଯୁକ୍ତ ପଟେଲଙ୍କ ସ୍ୱାସ୍ଥ୍ୟ କ୍ରମେ ଖରାପ ଦଗକୁ ଯାଉଅଛି ଏବଂ ସେଥିସକାଶେ ତାଙ୍କର ଆତ୍ମୀୟ ଓ ବନ୍ଧୁବର୍ଗ ସମସ୍ତେ ବଡ଼ ଉତ୍କଣ୍ଠିତ । [illegible] ଦ୍ୱାରା ତାଙ୍କର ଚିକିତ୍ସା କରାଯାଉଅଛି ।

ତାଙ୍କର ଶୀଘ୍ର ଆରୋଗ୍ୟ କାମନାର୍ଥେ ବମ୍ବେର [illegible] ରେ ଗୋଟିଏ ସଭା ହୋଇଥିଲା । ସମସ୍ତେ ଠିଆହୋଇ ଦୁଇମିନିଟ ନୀରବରେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ ।

---

## ହରିଜନ

ମହାତ୍ମାଗାନ୍ଧିଙ୍କ ହରିଜନ ନାମକ ସାପ୍ତାହିକ ପତ୍ରିକା ପୁନାରୁ ପ୍ରକାଶିତ ହେଉଥିଲା । ଏଣିକି ମାନ୍ଦ୍ରାଜରୁ ପ୍ରକାଶିତ ହେବ ।

---

## ଭାରତୀୟ ଶ୍ରମିକ ଦଳ
## କାଉନସିଲ ପ୍ରବେଶ
## ଜହରଲାଲଙ୍କ ନେତୃତ୍ୱ

ଭାରତୀୟ ଶ୍ରମିକମାନେ ନୂତନ କାଉନସିଲ ମାନଙ୍କରେ ପ୍ରବେଶ କରିବା କାରଣ ଚେଷ୍ଟା କରିବା ପାଇଁ ପଣ୍ଡିତ ଜହରଲାଲଙ୍କ ସାହାଯ୍ୟ ଓ ନେତୃତ୍ୱ ଖୋଜୁଥିବାର ନାଗପୁର ସମ୍ବାଦରୁ ପ୍ରକାଶ । ଶ୍ରୀଯୁକ୍ତ ଭି, ଭି, ଗିରି ଓ ମଧ୍ୟପ୍ରଦେଶ ବ୍ୟବସ୍ଥାପକ ସଭାର ଶ୍ରମିକ ମାନଙ୍କ ପ୍ରତିନିଧି ଫୁଲେ ସାହେବ ପଣ୍ଡିତ ଜହରଲାଲଙ୍କୁ ଏସମ୍ବନ୍ଧେ ଲେଖି ଅଛନ୍ତି ।

---

## କଟକ ଓ ବରହମପୁର କଲେଜ
## କାହାଅଧିନରେ ରହିବ
## ପାଟଣା ୟୁନିଭରସିଟି ରାଜି

ପାଟଣା ଖବରରୁ ପ୍ରକାଶ ଯେ ପାଟଣା ୟୁନିଭରସିଟି ବର୍ତ୍ତମାନ ଯେପରି ଓଡ଼ିଶା କଲେଜମାନ ତତ୍ତ୍ୱାବଧାନ କରୁଅଛନ୍ତି ସେହିପରି ନୂତନ ଓଡ଼ିଶା ପ୍ରାନ୍ତର ସମସ୍ତ କଲେଜମାନ ତତ୍ତ୍ୱାବଧାନ କରିବାକୁ ରାଜିଅଛନ୍ତି କି ନା ଏବିଷୟ ଓଡ଼ିଶା କମିଟି ପଚାରିବାରେ ପାଟଣା ୟୁନିଭରସିଟି ସିଣ୍ଡିକେଟ ଏବିଷୟରେ ରିପୋର୍ଟ କରିବା କାରଣ ଗୋଟିଏ କମିଟି ଗଠନ କରିଥିଲେ । ଉକ୍ତ କମିଟିଙ୍କ ପରାମର୍ଶରେ ପାଟଣା

ଅବଶିଷ୍ଟ ପ୍ରଥମ କଲମ ନିମ୍ନରେ

ୟୁନିଭରସିଟି ଓଡ଼ିଶା କମିଟିକୁ ଜଣାଇ ଅଛନ୍ତି ଯେ ନୂତନ ଓଡ଼ିଶା ପ୍ରଦେଶର ସମସ୍ତ କଲେଜମାନଙ୍କର ତତ୍ତ୍ୱାବଧାନ କରିବା ପକ୍ଷେ ତାଙ୍କର କୌଣସି ଆପତ୍ତି ନାହିଁ ।

---

## କଟକ ଡିଷ୍ଟ୍ରିକ୍ଟ ବୋର୍ଡ ଇଲେକ୍‌ସନ

ଇଲେକ୍ଟେଡ଼ ମେମ୍ବର ନିର୍ବାଚନ ସକାଶେ ତା ୧୮ ଅକ୍ଟୋବର ବିଭିନ୍ନ କେନ୍ଦ୍ରରେ ଭୋଟ ନିଆଯାଇଥିଲା । ସବୁ କେନ୍ଦ୍ରରେ ଭୋଟଦେଇ ବଡ଼ ସହଯୋଗିତା ଲାଗିଥିଲା । ତା ୧୯ ରିଖ ଦିନ କେନ୍ଦ୍ରାପଡ଼ାରେ ଓ ଅନ୍ୟ କଟକରେ ଭୋଟ ଗଣନାରେ ନିମ୍ନଲିଖିତ ମତେ ମେମ୍ବର ନିର୍ବାଚିତ ହୋଇଅଛନ୍ତି ।

ଅଲ—ଶ୍ରୀଯୁକ୍ତ ବାବୁ ଇନ୍ଦ୍ରମଣି ମହାନ୍ତି ।
ପଟ୍ଟାମୁଣ୍ଡେଇ — ,, ରମାନାଥ ନନ୍ଦ ।
ପାଟକୁରା — ,, ପ୍ରହ୍ଲାଦଚନ୍ଦ୍ର ପଟ୍ଟନାୟକ ।
କେନ୍ଦ୍ରାପଡ଼ା— ,, ରତ୍ନମଣି ମଙ୍ଗରାଜ ।
,, ରଘୁନାଥ ମହାନ୍ତି ।
ସଦର— ବାବୁ ମାଧବଚନ୍ଦ୍ର ମିଶ୍ର
,, ହୃଷିକେଶ ମହାନ୍ତି ।
ଟାଙ୍ଗି— ,, ଚୌଧୁରୀ ରାଧାନାଥ ମିଶ୍ର ।
ମହାଙ୍ଗା— ,, ନିକୁଞ୍ଜ କିଶୋର ଦାସ ।
ସାଲେପୁର— ,, ଗୋପବନ୍ଧୁ ମିଶ୍ର ।
,, ଅଟଳବିହାରୀ ଆଚାର୍ଯ୍ୟ ।
ଗୋବିନ୍ଦପୁର— ,, ମାଧବଚନ୍ଦ୍ର ମିଶ୍ର ।
ଜଗତସିଂହପୁର- ,, ଶ୍ୟାମଚରଣ ଉପାଧ୍ୟାୟ ।
,, ନୃସିଂହ ଚରଣ ମହାନ୍ତି ।
ବାଲିକୁଦା — ,, ରାଜକିଶୋର ଦାସ ।
ଏରସମା — ,, ଲକ୍ଷ୍ମଣ ଶଙ୍କର ସାମନ୍ତ ।
ତାଙ୍ଗୀ—ରାଏସାହେବ ଶଚୀନ୍ଦ୍ରନାଥ ମହାପାତ୍ର ।
ଯାଜପୁର ଖବର ମିଳିନାହିଁ ।

---

## କଟକରେ ଦେଓ୍ୟାଲି

ପୂର୍ବବର୍ଷମାନଙ୍କପରି ଏ ବର୍ଷ ମଧ୍ୟ ଦେଓ୍ୟାଲି ଉପଲକ୍ଷେ ଦୋକାନ ବଜାରମାନ ସୁନ୍ଦର ଭାବେ ସାଜସଜ୍ଜା କରାଯାଇଥିଲା । ମାତ୍ର କ୍ରମାଗତ ବର୍ଷା ହେତୁ ଜନସାଧାରଣଙ୍କର ଆଗ୍ରହ କମି ଯାଇଥିଲା ।

କାଳୀ ମେଢ଼ ମଧ୍ୟ କେତେକ ଜାଗାରେ ହୋଇ ଯଥାବିଧି ପୂଜା କରାଯାଇଥିଲା । କାଳୀମେଢ଼ ଗୁଡ଼ିକ ମଧ୍ୟ ମନ୍ଦ ହୋଇ ନ ଥିଲା । ସବୁଠାରୁ ଚୌଧୁରୀ ବଜାର ମନ୍ଦିର ଓ ସାଜସଜ୍ଜା ଭଲ ହୋଇଥିଲା ।

## କାଳିମେଢ଼ ନେଇ ମାରପିଟ

ଆମ୍ଭମାନଙ୍କର ସଂବାଦ ଦାତାଙ୍କଠାରୁ ଜାଣି ପାରିଲୁ ଯେ, ବାଲୁବଜାର ରାତି ଉପରେ ବିନୋଦ ବିହାରୀ କାଳି ଓ ଚୌଧୁରୀ ବଜାର କାଳି ଭେଟ ହେବା ସମୟରେ ଉଭୟ ପକ୍ଷ ମଧ୍ୟରେ ଏକ ଅଗଣିତ ଏହା ସକାଶ କଳହ ଉପସ୍ଥିତ ହେଲା ଏବଂ ଚୌଧୁରୀ ବଜାର ଆଗ ଚାଲିଯିବା ସମୟରେ ସେମାନଙ୍କ ଉପରେ ଟେଳା ପଥର ବୃଷ୍ଟି ହେଲା । ଅନେକ ଲୋକ ଯଖମ ହୋଇ ଅଛନ୍ତି । ପୁଲିସ ତଦନ୍ତ ଚାଲିଛି ।

---

## କଟକକୁ ଉଡ଼ାଜାହାଜ

ମାନ୍ଦ୍ରାଜ ଖବରରୁ ପ୍ରକାଶ ଯେ ମାନ୍ଦ୍ରାଜଠାରୁ କଲିକତାକୁ ଗୋଟିଏ ଉଡ଼ାଜାହାଜ ସପ୍ତାହରେ ଥରେ ଯିବା ଆସିବା କରିବ ଓ ବାଟରେ କଟକଠାରେ ରହିବ । ମାନ୍ଦ୍ରାଜଠାରୁ କଲିକତା ଯିବା ଆସିବା ସ ୧୦ ଘଣ୍ଟା ଲାଗିବ । ନଭେମ୍ବର ଦ୍ୱିତୀୟ ସପ୍ତାହଠାରୁ ଏହା ଆରମ୍ଭ ହେବ ବୋଲି ପ୍ରକାଶ ।

Digitized by srujanika@gmail.com

## ଭାରତ ଓ ଯାପାନ ମଧ୍ୟରେ ବ୍ୟବସାୟ
### ଯାପାନ କେତେ ଲୁଗା ପଠାଇବ ଓ କେତେ ତୁଳା ନେବ
### ଭାରତସରକାରଙ୍କ ପ୍ରସ୍ତାବ

ଭାରତ ଓ ଜାପାନ ମଧ୍ୟରେ ବ୍ୟବସାୟ ନେଇ ଉଭୟ ସରକାରଙ୍କ ପ୍ରତିନିଧିମାନଙ୍କର ସିମଲାଠାରେ ଯେଉଁ ପରାମର୍ଶ ଚାଲିଥିଲା ସେ ସମ୍ବନ୍ଧରେ ଭାରତ ସରକାରଙ୍କ ତରଫରୁ ଗୋଟିଏ ପ୍ରସ୍ତାବ ଆଗତ କରାଯାଇଅଛି । ସରକାର ପ୍ରସ୍ତାବ କରିଛନ୍ତି ଯେ ଜାପାନ ବର୍ଷକେ ୨୫୩୦ କୋଟି ଗଜ ଲୁଗା ଭାରତକୁ ପଠାଉ ଏବଂ ୧୫।୧୬ ଲକ୍ଷ ଗାଣ୍ଠି ତୁଳା ଭାରତରୁ ନେଉ । ଶୁଳ୍କ ସମ୍ବନ୍ଧେ ଏହାପରି ପ୍ରସ୍ତାବ କରିଛନ୍ତି ଯେ ଯେଉଁସବୁ ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ନାହିଁ ବା କେବଳ ଭାରତୀୟ ସମ୍ପତ୍ତି ମଧ୍ୟରେ ହେବାର ସମ୍ଭାବନା ନାହିଁ ସେ ସମସ୍ତ ବ୍ୟବସାୟରେ ଶୁଳ୍କ ସମ୍ବନ୍ଧେ ଯାପାନ ପୂର୍ବପରି ଅତି ପ୍ରିୟଭମ ଜାତି ପରି ବ୍ୟବହୃତ ହେବ ମାତ୍ର ଯେଉଁସବୁ କ୍ଷେତ୍ରରେ ପ୍ରତିଯୋଗିତା ଅଛି ତଥା ଜାପାନ ଭାରତରେ ସେ ସବୁ ମାଲମାନ କମ୍ ପରିମାଣରେ ଆଣି ଜମାଇ ଭଳାର ଦର ଖରାପ କରିବାର ପ୍ରମାଣ ମିଳେ ସେ ସମୟରେ କିନ୍ତୁ ମାଲମାନଙ୍କ ଉପରେ ଶତକଡ଼ା ୭୫ ଟଙ୍କା ଲେଖାଏ ଶୁଳ୍କ ବସାଇବେ । ଏହି ଶୁଳ୍କର ହାର ଜାପାନ ଭାରତ ମୁଦ୍ରା ବିନିମୟର ହାର ୧୦୦ ଇଏନରୁ ୧୩୫ ଟଙ୍କା ଧରି ଧାର୍ଯ୍ୟ କରାଯିବ । ଯଦି ଏହି ବିନିମୟର ହାର ୧୩୫ ରୁ କୌଣସି ସମୟରେ କମ ହୁଏ ତେବେ ଯେତେ କମ ହେବ ସେହିକ ଶୁଳ୍କର ଦର ବଢ଼ାଇ ଦିଆଯିବ ।

ଯାପାନ ପ୍ରତିନିଧିମାନେ ତାହା ଗ୍ରହଣ କରି ନାହାନ୍ତି । ଭାରତ ଓ ଯାପାନ ସରକାର ଏବଂ ଲଙ୍କାଶାୟାରର ପ୍ରତିନିଧିମାନଙ୍କୁ ନେଇ ଦିଲ୍ଲିଠାରେ ପୁନଶ୍ଚ ଏକ ପରାମର୍ଶ ସଭା ଅକ୍ଟୋବର ତା ୨୩ ରଖ ଠାରୁ ଆରମ୍ଭ ହେବ । ଫଳରେ କଣ ଜଣାଉ ହେଉଅଛି ଦେଖାଯାଉ ।

## ହିନ୍ଦୁ ମହାସଭା
### ଆଜମିର ବୈଠକ ଶେଷ

ହିନ୍ଦୁ ମହାସଭାର ବୈଠକ ଅଜମୀର ଠାରେ ଏମାସ ତା ୧୩ ରିଖ ଦିନ ଭାଇପରମାନନ୍ଦଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା ଏବଂ ଭାରତର ପ୍ରତ୍ୟେକ ସ୍ଥାନରୁ ପ୍ରତିନିଧି ଓ ଦର୍ଶକବୃନ୍ଦ ଯୋଗ ଦେଇଥିଲେ ।

ଗୋଟିଏ ଉତ୍ତାରିଣ ଆଗତ କରାଯାଇ ସଭାରେ ଗୃହୀତ ହୋଇଅଛି । ତନ୍ମଧ୍ୟରେ ପ୍ରଧାନ ମନ୍ତ୍ରୀଙ୍କ ସାମ୍ପ୍ରଦାୟିକ ବଣ୍ଟନ ବିରୁଦ୍ଧରେ ପ୍ରତିବାଦ, ଶ୍ରମିକ ଓ ପ୍ରଜାମାନଙ୍କ ତରଫରୁ ଧନୀ ଓ ଜମିଦାରମାନଙ୍କ ବିରୁଦ୍ଧେ ଯେଉଁ ଆନ୍ଦୋଳନ ଆରମ୍ଭ କରାଯାଉଅଛି ତାହାର ଅବରୋଧ, ହିନ୍ଦୁ ଯୁବକମାନଙ୍କ ମଧ୍ୟରେ କର୍ମ ଅଭାବ ପ୍ରତିକାରାର୍ଥେ ବ୍ୟବସାୟ ଶିକ୍ଷାଶ୍ରମ ସ୍ଥାପନ, ବମ୍ବେରୁ ସିନ୍ଧୁରାଜ୍ୟ ପୃଥକ କରଣର ପ୍ରତିବାଦ, ଓ ହିନ୍ଦୁ ମହାସଭା ପକ୍ଷରୁ ସମସ୍ତ କାଉନ୍ସିଲ ମାନଙ୍କ ସକାଶେ ସଭ୍ୟ ନିର୍ବାଚନ ଉଲ୍ଲେଖ ଯୋଗ୍ୟ ।

### ହିନ୍ଦୁ ସେବାସଂଘ
### ଭାଇ ପରମାନନ୍ଦଙ୍କ ଦାନ

ହିନ୍ଦୁ ମହାସଭାର ସଭାପତି ଭାଇ ପରମାନନ୍ଦ ହିନ୍ଦୁ ସେବା ସଂଘର କାର୍ଯ୍ୟ ସକାଶେ ପଚିଶି ହଜାର ଟଙ୍କା ଦାନ କରିଅଛନ୍ତି ।

### ଡାକ୍ତର ଆନସାରି
### ଭାରତକୁ ଫେରି ଆସୁଅଛନ୍ତି

ଜରମାନରୁ ଖବର ଆସିଅଛି ଯେ ଡାକ୍ତର ଅନସାରି ଭାରତକୁ ଶୀଘ୍ର ଫେରି ଆସୁଅଛନ୍ତି । ସେ ନଭେମ୍ବର ତା୧୦ରିଖ ବେଳକୁ ଦିଲ୍ଲିରେ ଆସି ପହଞ୍ଚିବାର ପ୍ରକାଶ ।

## ଭୂତପୂର୍ବ କାଇସରଙ୍କ ଉକ୍ତି

ଭୂତପୂର୍ବ କାଇସର ଏ ସମ୍ବନ୍ଧେ [illegible]ଙ୍କ ପ୍ରତିନିଧିଙ୍କ ନିକଟ ତାଙ୍କର ମତ ପ୍ରକାଶ କରିଅଛନ୍ତି ଯେ କହିଛନ୍ତି ଜର୍ମାନ ଜାତି ଏପର୍ଯ୍ୟନ୍ତ ଯେ ଭାବରେ ପୃଥିବୀ ପଞ୍ଚାୟତର ମେମ୍ବରରୂପେ ଗ୍ରହଣ କରାହୋଇ ନାହିଁ ତାହା ଆଶ୍ଚର୍ଯ୍ୟ ଜନକ । ଜର୍ମାନୀକୁ ଫେରିଯାଇ ସେ ପୁନର୍ବାର ପ୍ରେସିଡେଣ୍ଟ ହେବାର ଯେ ଗୁଜବ ଉଠିଛି ସେ ସମ୍ବନ୍ଧରେ ବର୍ତ୍ତମାନ କୌଣସିପ୍ରଶ୍ନ ଉଠି ନ ପାରେ । ହିଟଲର ଏହିକ୍ଷଣି ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ଓ ପୂର୍ବପରି ଏକାଧିପତ୍ୟ ଶାସନ ପ୍ରଥା ପୁନଃ ପ୍ରବର୍ତ୍ତନ ବିଷୟ ବିଚାର କରିବାକୁ ତାଙ୍କର ସମୟ ନାହିଁ ଏବଂ ଏହାମଧ୍ୟ ତାଙ୍କମାନଙ୍କ କାର୍ଯ୍ୟତାଲିକାର ଅନ୍ତର୍ଭୁକ୍ତ ନୁହେଁ ।

### ଉତ୍କଳଙ୍କର ପ୍ରେସିଡେଣ୍ଟ
### ସରକାରଙ୍କ ଲୋକ

ଅକ୍ଟୋବର ତା ୨୮ରିଖରୁ ଉତ୍କଳର ପ୍ରେସିଡେଣ୍ଟ ଜରମାନ ସରକାରଙ୍କ ଜଣେ ଲୋକ ହେବ ସେହି ତାରିଖରୁ ଉତ୍କଳଙ୍କ କାଉନ୍‌ସିଲ ବନ୍ଦହେବ ।

### ଉଡ଼ାଜାହାଜ ଆକ୍ରମଣରୁ ରକ୍ଷାପାଇବାର ଉଦ୍ୟମ

ଉଡ଼ାଜାହାଜ ଆକ୍ରମଣରୁ ରକ୍ଷା ପାଇବା ସକାଶେ ଜର୍ମାନି ଗୋଟିଏ ନୂତନ ପନ୍ଥା ଧରିବାକୁ ସ୍ଥିର କରିଅଛି ।

୧ । ବିଷାକ୍ତ ବାଷ୍ପ ପ୍ରକୋପରୁ ରକ୍ଷା ପାଇବା କାରଣ ପ୍ରତ୍ୟେକ ପରିବାର ଓ କାରଖାନା ମୁଖାବରଣମାନ ବାଣ୍ଟିବ ।

୨ । ଗ୍ୟାସ ଓ ବୋମା ଆକ୍ରମଣ ସମ୍ଭାବିତ ଉପଯୁକ୍ତ ଗୃହ ଭୂମିତଳେ ନିର୍ମାଣ କରିବା ।

୩ । ଉଡ଼ାଜାହାଜ ଆକ୍ରମଣ ସମ୍ବନ୍ଧେ ଜନସାଧାରଣଙ୍କୁ ସତର୍କ କରାଇ ଦେବାର ଯନ୍ତ୍ର ସ୍ଥାପନ ।

୪ । ଉଡ଼ାଜାହାଜ ଆକ୍ରମଣ ନିବାରଣାର୍ଥେ ଯେଉଁସବୁ ଯନ୍ତ୍ରମାନ ବ୍ୟବହାର ହେବ ତହିଁର ତୁଳନା ନେଇ ପ୍ରଦର୍ଶନୀ ଖୋଲିବ ଶିକ୍ଷା ।

ଜରମାନର ଅର୍ଥ ମନ୍ତ୍ରୀ ଘୋଷଣା ଦେଇଅଛନ୍ତି ଯେ ଯେଉଁମାନେ ଏହି ପନ୍ଥାର ସାଫଲ୍ୟ ସକାଶେ ସରକାରଙ୍କ ସହିତ ସାହାଯ୍ୟ କରିବେ ସେମାନେ ଏ ସମ୍ବନ୍ଧେ ଯାହା ଖର୍ଚ୍ଚ କରିଥିବେ ସେଥି ଉପରେ ଇନ୍‌କମ୍‌ଟାକ୍ସ (ଆୟକର) ଛାଡ଼ ପାଇବେ ।

### ଜର୍ମାନୀର ବର୍ତ୍ତମାନ ଗୋଲମାଲ ଇଂରାଜ ସରକାର ଚିନ୍ତିତ

ଜର୍ମାନର ବର୍ତ୍ତମାନ ରାଜନୀତିକ ଚାଲିଚଳଣରେ ଇଂରେଜ ସରକାର କଣ କରିବେ ଏହା ନେଇ ଭାବନାଗ୍ରସ୍ତ ହୋଇ ପଡ଼ିଅଛନ୍ତି । ବୈଦେଶିକ ମନ୍ତ୍ରୀଙ୍କୁ ସେ ସମ୍ବନ୍ଧେ ଯାହା ପରାମର୍ଶ ଦେବାର ଦରକାର ହୋଇଅଛି ଏବଂ ସେ ଜେନେଭାଠାରେ ପୁଣି ପଞ୍ଚାୟତ ବୈଠକ ସକାଶେ ଯାଉଅଛନ୍ତି । ସେ ଯିବା ପୂର୍ବରୁ ମାକଡୋନାଲ୍ଡ ମନ୍ତ୍ରୀମଣ୍ଡଳରେ ତାଙ୍କ ସହିତ ଦେଖା କରିଥିବେ ।

## ଜରମାନିର ଜବରଦସ୍ତି
### ୟୁରୋପରେ ହୁଲସ୍ଥୁଲ

### ନିରସ୍ତ୍ରସଭା ଓ ଶାନ୍ତି ପଞ୍ଚାୟତରୁ ଇସ୍ତଫା

ଏଥିମଧ୍ୟରେ ଜରମାନି ନିରସ୍ତ୍ରସଭା ଓ ଶାନ୍ତି ପଞ୍ଚାୟତର ସଭ୍ୟପଦ ଇସ୍ତଫା ଦେଇଅଛି । ତାହାର ଏପରି କରିବାର କାରଣ ଯେ ଶାନ୍ତି ମଣ୍ଡଳ ତାହାକୁ ଯେପରି ଭାବରେ ଚଳାଇ ଚାହାନ୍ତି ସେ ସେଥିରେ ରାଜି ନୁହେଁ । ସେ ଦାବିକରେ ଯେ ଅନ୍ୟ ଶକ୍ତିମାନଙ୍କ ସହିତ ସେ ସମାନ ଭାବରେ ଅସ୍ତ୍ରଶସ୍ତ୍ର ରଖି ପାରିବାକୁ ଅନୁମତି ପାଇବା ଉଚିତ, ତଥା ସେ ଯଦି ଶାନ୍ତି ପଞ୍ଚାୟତର ନିର୍ଦ୍ଦେଶାନୁସାରେ ନିରସ୍ତ୍ର ହୁଏ ସେହି ଅନୁପାତରେ ଅନ୍ୟ ଶକ୍ତିମାନ ନିରସ୍ତ୍ର ହେବା ଉଚିତ । ଏ ପ୍ରସ୍ତାବକୁ କେତେକ ରାଷ୍ଟ୍ର ସମର୍ଥନ କରିଥିଲେ ମଧ୍ୟ ଫ୍ରାନ୍ସ ପ୍ରଭୃତି କେତେକ ରାଷ୍ଟ୍ର ରାଜି ହେଉ ନାହାନ୍ତି । ଫଳରେ ଜରମାନି ନିରସ୍ତ୍ରସଭା ଓ ପୃଥିବୀର ଶାନ୍ତି ପଞ୍ଚାୟତରୁ ଅଲଗା ହୋଇ ଯାଇଅଛି । ଏହା ନେଇ ୟୁରୋପର ଶାନ୍ତି ମଣ୍ଡଳରେ ବଡ ଚାଞ୍ଚଲ୍ୟ ଉପସ୍ଥିତ ହୋଇଅଛି ।

### ଜରମାନି ପାର୍ଲିଆମେଣ୍ଟ ଭାଙ୍ଗିଲା

ବର୍ତ୍ତମାନ ଜରମାନ ପାର୍ଲିଆମେଣ୍ଟ (ରିଚଷ୍ଟାଗ) ରଦ କରି ଦିଆଯାଇ ପୁନଃ ନିର୍ବାଚନ ସକାଶେ ନଭେମ୍ବର ତା ୧୨ ରିଖ ଧାର୍ଯ୍ୟ ହୋଇଅଛି ।

ହିଟଲରଙ୍କ କାର୍ଯ୍ୟକ୍ରମ ପ୍ରତି ଦେଶର ମତାମତ ଜାଣିବା ଏହା ଜାଣିବାପାଇଁ ଏହା କରାଯାଇ ପ୍ରକାଶ ସମ୍ଭାବନା । ଯଦି ସମସ୍ତଙ୍କ ହିଟଲରଙ୍କ କାର୍ଯ୍ୟକୁ ଅନୁମୋଦନ କରନ୍ତି ତାହାହେଲେ ପାର୍ଲିଆମେଣ୍ଟ (ରିଚ)ର ପ୍ରେସିଡେଣ୍ଟ ପଦ ଉଠାଇଦେବ ବୋଲି ଇଚ୍ଛା ଦେଇ ଜଣାପଡ଼େ ଏବଂ ହିଣ୍ଡେନବର୍ଗ ଇସ୍ତଫା ଦେବେ ।

### ଯୁଦ୍ଧସଜ୍ଜା

ଇଟାଲିରେ ଉଡ଼ାଜାହାଜ ବିଭାଗୀୟ ବିଷୟରେ ସେ ସ୍ଥାନ ବକ୍ତୃତାରେ ଜଣେ ଜନନାୟକ ଉକ୍ତି ଦେଇ ଯେ ସେ ଦଶ ବର୍ଷ ହେଲା ମୁସୋଲିନୀଙ୍କ କାର୍ଯ୍ୟ କରୁଅଛନ୍ତି ତାଙ୍କ ଉଡ଼ାଇ ବର୍ତ୍ତମାନ ମୂଳକ ଯୁଦ୍ଧ ଜାହାଜ କାରଖାନା ଚଳାଇବାକୁ ରକ୍ଷା କରୁଛି ।

Digitized by srujanika@gmail.com

[illegible] ତା: ସନ ୧୯୩୩ ମସିହା
ଇଃ ପ୍ରା: ମୁ: ଉତ୍କଳ
ଇଃ ତା ୨୩।୧୦।୩୩
[illegible] ମାହାନ୍ତି ବାଦୀ
[illegible] ପ୍ରତିବାଦୀ
୧ । ନଂ ଭାଗବତାଦ ମୌଃ ଖଣ୍ଡପଡ଼ା
[illegible] ୮୧୭ ମୂର ଓ ନ ୧୪୫୪ ମୂର ଓ ନ ୮୬୦ ମୂର
[illegible] ଦଂ ଖାତା ୪୦—୪୨ ଡ଼ିଃ ନିଲାମ ହେବ
[illegible] ୮ ୩୨୮

—·—

[illegible] ୨୬।୧୦।୩୩

## ନୋଟିସ

ଅମ୍ଭେ ଶ୍ରୀଧର ପଣ୍ଡା ଓ କରୁଣାକର ପଣ୍ଡା । ସା । [illegible] ମୁ: ଉଷୁମୁଲ । ଆମ୍ଭ ଶାଳେପୁର ଥାନାର [illegible] ଙ୍କ ପିତାଙ୍କ ନାମରେ ଥିବା ଜାହେଲ, ଜାଗୀର, [illegible] ଓ ସ୍ତ୍ରୀଧନ ପ୍ରଭୃତି ସବୁ ଅମ୍ଭମାନଙ୍କର ମୌରସୀ ସମ୍ପତ୍ତି ଓ ଅମ୍ଭର ପିତା [illegible] ପଣ୍ଡା ଭଲାଭାଇ ବର୍ତ୍ତି ଅପ୍ରାପ୍ତ ବୟସ୍କ ହେବାରୁ ସେ ନେଇଥିଲେ ସମ୍ପତ୍ତିମାନ [illegible] ରେ ଅବସ୍ଥିତ ସମ୍ପତ୍ତିମାନ ତା ୨୭।୧୦।୩୨ ରେ ଅମ୍ଭମାନଙ୍କ ନାମରେ ଗୋଟିଏ ଦାନପତ୍ର [illegible] ଦେଇଅଛନ୍ତି ଏବଂ ତାଙ୍କର ସେଥିରେ କିମ୍ବା [illegible] ରଖିଥିବା ମାନଙ୍କରେ କିଛି [illegible] ନାହିଁ । ଏଣୁ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁ ଯେ ଯଦି କେହି ଉକ୍ତ [illegible] ପଣ୍ଡାଙ୍କ ଠାରୁ କୌଣସି ପ୍ରକାର ହସ୍ତାନ୍ତରରେ [illegible] ତାଙ୍କଠାରୁ ସବୁ ଜାଲି କରିନିଏ ତେବେ ଅମ୍ଭମାନେ କିମ୍ବା ଅମ୍ଭମାନଙ୍କର ଉତ୍ତରାଧିକାରୀ [illegible] ତଥା ଅମ୍ଭମାନଙ୍କର କୌଣସିପ୍ରକାର ଅଧିକାର [illegible] ସେଥିପାଇଁ ଦାୟୀ ହେବେ ନାହିଁ । ଇତି ।

[illegible] } ଶ୍ରୀ ଶ୍ରୀଧର ପଣ୍ଡା
ଶ୍ରୀ କରୁଣାକର ପଣ୍ଡା

## ଶ୍ୟାମରେ ବିଦ୍ରୋହ

### ପାଞ୍ଚଶ ହତ ଓ ଏକହଜାର ଆହତ
### ବିଦ୍ରୋହି ନେତା ଉଡ଼ି ପଳାଇଲେ

[illegible] ସହରରୁ ପ୍ରକାଶ ଯେ ପ୍ରିନ୍ସ ବଭଦେବଙ୍କ ନେତୃତ୍ୱରେ ଶ୍ୟାମ ରାଜ୍ୟରେ ବିଦ୍ରୋହ ଆରମ୍ଭ ହୋଇଅଛି । ବିଦ୍ରୋହୀମାନଙ୍କ ମଧ୍ୟରୁ ୫୦୦ ହତ ଓ ପ୍ରାୟ ଏକହଜାର ଆହତ ହୋଇଅଛନ୍ତି । ଗୋଳା ବାରୁଦ ଓ ରସଦ ପ୍ରଭୃତି ଅଧିକରୁ ବିଦ୍ରୋହୀମାନେ ପଳାଉଅଛନ୍ତି ଏବଂ ସେମାନଙ୍କର ନେତା ଗୋଟିଏ ଏରୋପ୍ଲେନରେ ଉଡ଼ି ଯାଇଥିବାର ପ୍ରକାଶ ।

---

## ପଶ୍ଚିମ ଭାରତରୁ ଅଲଗା ହେବ
## ନେତାମାନଙ୍କ ପ୍ରତିବାଦ

ଭାର ସମ୍ବାଦ ଜୋତର ବେଲ୍ଲୁ ଖବରରୁ ପ୍ରକାଶ ଯେ ଗତ ମିଲେଟ୍ଟେ କମିଟିର ବ୍ୟକ୍ତ କରିଥିଲେ ତାହାର ପ୍ରତିବାଦରେ ଶ୍ରୀହ୍ମଙ୍କ ପ୍ରମୁଖ ବ୍ରହ୍ମଦେଶର ନେତାମାନେ ସିଲେକ୍ଟ କମିଟିର ପ୍ରେସିଡେଣ୍ଟ ଓ ମେମ୍ବରମାନଙ୍କ ନିକଟ ଗୋଟିଏ କର୍ତ୍ତନାପତ୍ର ପଠାଇଅଛନ୍ତି ।

---

# ଓଡ଼ିଶା-କମିଟି

## ନୂତନ ଓଡ଼ିଶା ପ୍ରଦେଶପାଇଁ
## ସ୍ୱତନ୍ତ୍ର ହାଇକୋର୍ଟ ନିଜାମ ସାହେବ
## କମିଟିଙ୍କ ବିଚାରାଧୀନ

ନୂତନ ଓଡ଼ିଶା ପ୍ରଦେଶପାଇଁ ନିଜାମ ସାହେବ ଯେଉଁ ସ୍ୱତନ୍ତ୍ର ହାଇକୋର୍ଟ ପ୍ରସ୍ତାବ କରିଅଛନ୍ତି ତାହା ବର୍ତ୍ତମାନ ଓଡ଼ିଶା କମିଟିଙ୍କ ବିଚାରାଧୀନରେ ଅଛି । ତାଙ୍କର ପ୍ରସ୍ତାବିତ ହାଇକୋର୍ଟର ସୂଚନା କ୍ରମରେ ଦିଆଗଲା ।

୧ । ପ୍ରସ୍ତାବିତ ହାଇକୋର୍ଟରେ ଜଣେ ପ୍ରଧାନ ବିଚାରପତି ଓ ତିନିଜଣ ସହକାରୀ ଜଜ୍ ରହିବେ ।

୨ । ପ୍ରଧାନ ବିଚାରପତି ତିନିହଜାର ପାଞ୍ଚଶହ ଟଙ୍କା ଦରମା ପାଇବେ ଏବଂ ସହକାରୀ ଜଜ୍‌ମାନେ ତିନିହଜାର କରି ପାଇବେ । ସେମାନଙ୍କ ମଧ୍ୟରେ ଥିବା ସିଭିଲିଆନ୍ ଜଜ୍ ଏହାଛଡ଼ା ସମୁଦ୍ର ପାରି ହୋଇ ଆସିଥିବା ଯୋଗୁଁ ଯେ ଅଧିକା ଭତ୍ତା ପାଉଥିଲେ ତାହା ପାଇବେ ।

୩ । ଆରମ୍ଭରେ ପ୍ରଧାନ ବିଚାରପତି ଏବଂ ଏକଜଣ ସହକାରୀ ଜଜ୍ ସିଭିଲିଅନଙ୍କ ମଧ୍ୟରୁ ହେବେ ଏବଂ ଜଣେ ଜଜ୍ ଓକିଲ କାଉନ୍‌ସିଲ ଆଡ୍‌ଭୋକେଟଙ୍କ ମଧ୍ୟରୁ ହେବେ । ଅନ୍ୟଜଣଙ୍କ ପ୍ରାଦେଶିକ ଦେଓ୍ୱାନୀ ବିଭାଗର କର୍ମଚାରୀମାନଙ୍କ ମଧ୍ୟରୁ ନିଆଯିବ ।

୪ । ପ୍ରଧାନ ବିଚାରପତି ଓ ଏକଜଣ ସହକାରୀ ଜଜ୍ ନୂତନ ପ୍ରଦେଶର ରାଜଧାନୀ କଟକଠାରେ ରହିବେ । ତୃତୀୟ ଜଜ୍ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଠାରେ ଏବଂ ଚତୁର୍ଥ ସମ୍ବଲପୁର ଠାରେ ରହିବେ ।

୫ । ସହକାରୀ ତିନି ଜଜ୍‌ଙ୍କୁ ବର୍ତ୍ତମାନ ଜିଲ୍ଲା ଜଜ୍‌ମାନଙ୍କ ପରି ପୃଥକ ପୃଥକ ସୀମା ମଧ୍ୟରେ ମୂଳ ଦେଓ୍ୱାନୀ ଓ ଫୌଜଦାରୀ ଆଇନ ସଂକ୍ରାନ୍ତ ମୋକଦ୍ଦମା ମାନ ବିଚାର କରିବାର କ୍ଷମତା ଦିଆଯିବ । କେବଳ ପ୍ରଧାନ ବିଚାରପତି ସମସ୍ତ ପ୍ରଦେଶରେ ଏହି କ୍ଷମତା ପରିଚାଳନା କରିପାରିବେ ।

## ମୂଳ ମୋକଦ୍ଦମା ବିଚାର
## ଦେଓ୍ୱାନି ବିଭାଗ

୬ । ଅନ୍ୟ ପ୍ରଦେଶମାନଙ୍କପରି ମୂଳ ଦେଓ୍ୱାନୀ ମୋକଦ୍ଦମାର ଅଧିକାଂଶ ଜିଲ୍ଲା ମୁନସଫ୍ ଓ ସବ୍‌ଜଜ୍‌ଙ୍କ ଦ୍ୱାରା ବିଚାର କରାଯିବ । ମାତ୍ର ଗଞ୍ଜାମ ଜିଲ୍ଲା ପରି ଯେଉଁଠାରେ ସବ୍‌ଜଜ୍ ନ ଥିବେ ସେଠାକାର ମୂଳ ମୋକଦ୍ଦମାମାନ ସାଧାରଣ ବେଶୀ ହାଦାର୍ ଯୋଗୁଁ ଏଣିକି ମୁନସଫମାନଙ୍କ କ୍ଷମତାର ବହିର୍ଭୂତ ସେସବୁ ଯେ ଆସିଲେ ଥିବା ହାଇକୋର୍ଟ ସହକାରୀ ଜଜ୍‌ଙ୍କ ଦ୍ୱାରା ବିଚାର କରାଯିବ । ଏ ଦୃଷ୍ଟିରୁ ବ୍ରହ୍ମପୁରର ଜିଲ୍ଲା ମୁନସଫଙ୍କୁ ପୃଥକ ହଜାର ଟଙ୍କା ପର୍ଯ୍ୟନ୍ତ ହାଦାର୍ ମୋକଦ୍ଦମା ବିଚାର କରିବାର କ୍ଷମତା ଦିଆଯାଇପାରେ ।

## ଫୌଜଦାରି ବିଭାଗ

୭ । ହାଇକୋର୍ଟର ଜଣେ ସହକାରୀ ଜଜ୍‌ଙ୍କ ଦ୍ୱାରା ଫୌଜଦାରୀ ଦୋରସ୍ତ ମୋକଦ୍ଦମାମାନ କଟକ, ବ୍ରହ୍ମପୁର ଏବଂ ସମ୍ବଲପୁରଠାରେ ବିଚାର କରାଯିବ । ସମସ୍ତ ସମୟରେ ଜଣେ ସହକାରୀ ଜଜ୍ ପୁରୀ ଓ ବାଲେଶ୍ୱର ଯାଇ ସେଠାକାର ଦୋରସ୍ତ ମୋକଦ୍ଦମା ସବୁ ବିଚାର କରିବେ ।

## ଅପିଲ ବିଭାଗ

(୮) ହାଇକୋର୍ଟର ଦୁଇ କିମ୍ବା ତତୋଧିକ ଜଜ୍‌ମାନଙ୍କ ନେଇ ଗଠିତ ବେଞ୍ଚ ସମସ୍ତ ପ୍ରଦେଶର ଦେଓ୍ୱାନୀ ଏବଂ ଫୌଜଦାରୀ ମୋକଦ୍ଦମାମାନଙ୍କର ଅପିଲ ସମ୍ବନ୍ଧେ ସବୁଠାରୁ ବଡ଼ ମହକୁମା ହେବ ।

## ଅପିଲସବୁ କେଉଁଠାରେ ଦାଖଲ ହେବ

୯ । ଜିଲ୍ଲା ମୁନସଫ ଓ ସବ୍‌ଜଜ୍‌ମାନଙ୍କ ରାୟ ବିରୁଦ୍ଧରେ ଅପିଲମାନ ଯେ ଜିଲ୍ଲାରେ ଅବସ୍ଥିତ ହାଇକୋର୍ଟର ସହକାରୀ ଜଜ୍‌ଙ୍କ ନିକଟରେ ଦାଖଲ ହେବ । ସେହିପରି ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ରାୟ ବିରୁଦ୍ଧରେ ଅପିଲମାନ ସେଠାକାର ଜଜ୍‌ଙ୍କ ନିକଟରେ ଦାଖଲ ହେବ । ଯେଉଁ ଜିଲ୍ଲାମାନଙ୍କରେ ହାଇକୋର୍ଟର ସହକାରୀ ଜଜ୍ ଅବସ୍ଥାନ ନ କରନ୍ତି ସେ ଜିଲ୍ଲାମାନଙ୍କର ସମସ୍ତ ଅପିଲ କଟକ ମୁକାମରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ ହେବ ।

ଅନ୍ୟ ସ୍ଥାନରେ ଅବସ୍ଥିତ ହାଇକୋର୍ଟର ସହକାରୀ ଜଜ୍‌ମାନେ ଦେଓ୍ୱାନୀ ଏବଂ ଫୌଜଦାରୀ ମୋକଦ୍ଦମା ମାନଙ୍କରେ ଦେଇଥିବା ରାୟ ବିରୁଦ୍ଧରେ ଅପିଲମାନ ମଧ୍ୟ କଟକରେ ହାଇକୋର୍ଟ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ ହେବ ।

## ପ୍ରଥମ ଅପିଲ ଶୁଣାଣି

୧୦ । ଜିଲ୍ଲା ମୁନସଫ ଓ ସବ୍‌ଜଜ୍‌ମାନଙ୍କ ରାୟ ବିରୁଦ୍ଧ ଅପିଲମାନ ଯେଉଁ ଜିଲ୍ଲାରେ ଅବସ୍ଥିତ ହାଇକୋର୍ଟ ସହକାରୀ ଜଜ୍ ଶୁଣିବେ ମାତ୍ର ଯେଉଁ ଜିଲ୍ଲାମାନଙ୍କରେ ଏପରି ଜଜ୍ ଅବସ୍ଥିତ ନାହାନ୍ତି ସେଠାକାର ଅପିଲସବୁ ପ୍ରଧାନ ବିଚାରପତି ଶୁଣିବେ କିମ୍ବା ଅନ୍ୟ ଯେ କୌଣସି ସହକାରୀ ଜଜ୍‌ଙ୍କ ନିକଟ ଶୁଣାଣି ନିମନ୍ତେ ସୋପର୍ଦ୍ଦ କରିବେ ବା ପଠାଇ ଦେବେ ।

## ଦ୍ୱିତୀୟ ଅପିଲଶୁଣାଣି

୧୧ । ଏ ସମସ୍ତ ଅପିଲମାନ ଦୁଇଜଣ ହାଇକୋର୍ଟ ଜଜ୍‌ଙ୍କୁ ନେଇ ଗଠିତ ଗୋଟିଏ ବେଞ୍ଚରେ ଶୁଣାଯିବ ମାତ୍ର ଯେଉଁ ସହକାରୀ ଜଜ ପ୍ରଥମ ଅପିଲ ଶୁଣିଥିଲେ ସେ ସେପରି ବେଞ୍ଚରେ ବସି ପାରିବେ ନାହିଁ । ଯଦି କୌଣସି ଅପିଲରେ ଦୁଇ ଜଜ୍‌ଙ୍କ ମଧ୍ୟରେ ମତଭେଦ ହୁଏ ତେବେ ସେଥିରେ ସିଦ୍ଧାନ୍ତ ଜଜ୍‌ଙ୍କ ରାୟ କାର୍ଯ୍ୟକାରୀ ହେବ କିମ୍ବା ଉକ୍ତ ବିଷୟ ତୃତୀୟ ଜଣେ ଜଜ୍‌ଙ୍କ ନିକଟ ପଠାଯିବ ।

୧୨ । ଅନ୍ୟ ସ୍ଥାନରେ ଅବସ୍ଥିତ ହାଇକୋର୍ଟର ସହକାରୀ ଜଜ୍‌ଙ୍କ ରାୟ ବିରୁଦ୍ଧରେ ଅପିଲ ଥିଲେ ମାତ୍ର ଦୁଇ କିମ୍ବା ତିନିଜଣ ଜଜ୍‌ଙ୍କୁ ନେଇ ଗଠିତ ହାଇକୋର୍ଟ ବେଞ୍ଚରେ ଶୁଣାଯାଇପାରେ । ଯଦି ଭାରତବର୍ଷରେ କୌଣସି ସମୟରେ ଫେଡେରାଲ କୋର୍ଟ ସ୍ଥାପନ ହୁଏ ସେତେବେଳେ ଉକ୍ତ ରାୟ ବିରୁଦ୍ଧରେ ଦ୍ୱିତୀୟ ଅପିଲ ସମ୍ବନ୍ଧେ କୌଣସି ବ୍ୟବସ୍ଥା କରିବା ସମ୍ଭବ ହୋଇପାରେ କିନ୍ତୁ ହାଇକୋର୍ଟର ପରବର୍ତ୍ତୀ ଜଣେ ଜଜ୍‌ଙ୍କ ରାୟ ବିରୁଦ୍ଧରେ ଦ୍ୱିତୀୟ ଅପିଲ ନେଇ ବଡ଼ ବ୍ୟବସ୍ଥା କରିବାର ଆବଶ୍ୟକତା ନାହିଁ ।

Split by PDF Splitter
Digitized by srujanika@gmail.com

Split by PDF Splitter



## ଫୌଜଦାରୀ ମୋକଦ୍ଦମାରେ ଅପିଲ

୧୩ । ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ କ୍ଷମତା ପ୍ରାପ୍ତ ମାଜିଷ୍ଟ୍ରେଟ ମାନଙ୍କ ରାଏ ବିରୁଦ୍ଧରେ ଅପିଲମାନ ଜିଲା ମାଜିଷ୍ଟ୍ରେଟମାନେ ଶୁଣିବେ କିମ୍ବା ଫୌଜଦାରୀ କାର୍ଯ୍ୟବିଧି ଆଇନ ଅନୁସାରେ ଏ: ଡି: ମାଜିଷ୍ଟ୍ରେଟ ମାନଙ୍କ ନିକଟ ଶୁଣାଣି ନିମନ୍ତେ ପଠାଇ ପାରିବେ । ମାନ୍ଦ୍ରାଜରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ କ୍ଷମତା ପ୍ରାପ୍ତ ମାଜିଷ୍ଟ୍ରେଟ ମାନଙ୍କ ରାଏ ବିରୁଦ୍ଧରେ ଦାଖଲ ହେବା ଅପିଲମାନ ଅପିଲ ଶୁଣିବାପାଇଁ କ୍ଷମତା ପାଇଥିବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟମାନେ ଶୁଣନ୍ତି ।

୧୪ । ପ୍ରଥମଶ୍ରେଣୀ କ୍ଷମତା ପ୍ରାପ୍ତ ମାଜିଷ୍ଟ୍ରେଟ ଓ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟମାନଙ୍କ ରାଏବିରୁଦ୍ଧରେ ଦାଖଲ ହେବା ଅପିଲମାନ ସେ ଜଜ ହାଇକୋର୍ଟର ସବୁକାଳ ଜଜ ଶୁଣିବେ ମାତ୍ର ଯେଉଁ ଜିଲାରେ ଏପରି ସବୁକାଳ ଜଜ ନାହାନ୍ତି ସେଠାକାର ଅପିଲ ସବୁ ସ୍ଥାନ ବିଶେଷରେ ଶୁଣିବେ କିମ୍ବା ଅନ୍ୟକୌଣସି ସବୁକାଳ ଜଜଙ୍କ ନିକଟ ପଠାଇ ପାରିବେ ।

ହାଇକୋର୍ଟର ତୃତୀୟଜଣ ଜଜଙ୍କୁ ନେଇ ଗଠିତ ବେଞ୍ଚ ସବୁକାଳ ଜଜଙ୍କ ଅପିଲ ସବୁକୁ ରଦ୍ କରିପାରନ୍ତି ।

୧୫ । ଦୋହରା ମୋକଦ୍ଦମା ମାନଙ୍କରେ ଜଣେ ସବୁକାଳ ଜଜଙ୍କ ରାଏ ବିରୁଦ୍ଧରେ ଅପିଲ ଦୁଇ କିମ୍ବା ତତୋଧିକ ଜଜଙ୍କୁ ନେଇ ଗଠିତ ହାଇକୋର୍ଟ ବେଞ୍ଚରେ କରାଯାଇ ପାରିବ ।

## ସ୍ୱତନ୍ତ୍ର ହାଇକୋର୍ଟ ସ୍ଥାପନ
### ସଙ୍କାସେ ଆଇନ

୧୬ । ଓଡ଼ିଶା ସଙ୍କାଶେ ସ୍ୱତନ୍ତ୍ର ହାଇକୋର୍ଟ ସ୍ଥାପିତ ବ୍ୟବସ୍ଥାପକ ସଭାଦ୍ୱାରା ଅନୁମୋଦିତ ଆଇନ ଦ୍ୱାରା ସ୍ଥାପିତ ହେବ । ଫୌଜଦାରୀ କାର୍ଯ୍ୟବିଧି ଆଇନର ୬୨୬ ଦଫା ଅନୁସାରେ ହାଇକୋର୍ଟରେ ବିଚାର କରିବାକୁ ସମସ୍ତ ଫୌଜଦାରୀ ମୋକଦ୍ଦମା ମାନ ଜୁରି ସାହାଯ୍ୟରେ ବିଚାରକାର ବ୍ୟବସ୍ଥା ଅଛି ମାତ୍ର ମଫସଲରେ ଜୁରି ସାହାଯ୍ୟରେ ମୋକଦ୍ଦମା-ବିଚାର କରିବା ଜରୁରୀ ନୁହେଁ ଏହି କାରଣ ହେତୁ ହେତୁ ଏହି ପ୍ରସ୍ତାବ ବିରୁଦ୍ଧରେ ଆପତ୍ତି କରନ୍ତି । ପ୍ରଥମେ ସମ୍ପତ୍ତି ସଂକ୍ରାନ୍ତ ନେକେତିକ ଅପରାଧ ସକାଶେ ଜୁରିଦ୍ୱାରା ବିଚାର ପ୍ରଯୁକ୍ତ୍ୟ ହେବା ପାଇଁ କମିଟି ଦୃଢ଼ଭାବେ ସୁପାରିଶ କରନ୍ତି ।

---

## କେନ୍ଦୁଝର ରାଜା ଓ ପାଗଳା ହାତୀ

କେନ୍ଦୁଝର ଅଳିଆପୁର ଗଡ଼ରୁ ପ୍ରକାଶ ଯେ ଜଣେ ଦ୍ରାଇଭରଙ୍କ ହାତୀ ପାଗଳ ହୋଇ ରାଜା ଓ ବେଙ୍ଗାଳ ତା ୧୮ରିଖ ଦିନ ସନ୍ଧ୍ୟାରେ ସାଇକେଲ ସମ୍ମୁଖରେ ସେମାନଙ୍କୁ ଆକ୍ରମଣ କରିବାକୁ ଆସିବାରୁ ସେମାନେ ପଳାଇଗଲେ ଓ ନିକଟବର୍ତ୍ତୀ ବୃକ୍ଷ ଉପରେ ଲୁଚି ରହିଲେ । ପାଗଳା ହାତୀ ସାଇକେଲକୁ ଚୂର୍ଣ୍ଣବିଚୂର୍ଣ୍ଣ କରିଦେଲା ଏବଂ ତା ପରେ ରାଜା ଯେଉଁ ବୃକ୍ଷରେ ଯାଇ ଲୁଚିଥିଲେ ସେ ବୃକ୍ଷକୁ ଆକ୍ରମଣ କଲା । ରାଜା ଗାଡ଼ୀର ପୂର୍ବକ ଗୁଳି ଫୁଟାଇ ହାତୀକୁ ତାହା ପଳାଇଲା । ଉତ୍ତାରେ ଅନ୍ୟ ଦିନ ସେ ହାତୀକୁ ରାଜା ଗୁଳିକରି ମାରିଦେଇ ଅଛନ୍ତି ।

---

୧୫୪ ୨୧-୧୦-୩୩

# ୫୦୦ ଟଙ୍କା ପୁରସ୍କାର

ଗତକାଲ ରବିବାରେ ଜଣେ ଗୋପାଳ ଓରଫ ଭରତ ସିଂ ନାମଧାରୀ ଓଡ଼ିଶାବାସୀ କାଳସ୍ଥ ଶ୍ୟାମବର୍ଣ୍ଣ ନ ୨୮ ବର୍ଷ ବୟସ୍କ ଲୋକର ଉପରର ଠୋଟରେ କଟା ଦାଗ ଅଛି । ମାଗନା, ୩୮ ନଂ ଖଦାର ଟୋଷ୍ଟା ଇଷ୍ଟଲେନ କଲିକତାର ବେ, ସକାଳେ ପରୁ ପ୍ରାୟ ୧୦୦୦୦ (ଦଶହଜାର) ଟଙ୍କାର ଗ୍ରାହ୍ୟ ଓ ସୁବର୍ଣ୍ଣାଳଙ୍କାର ନେଇ ପଳାଇ ଅଛି । ସେ ବେହି ଆମ୍ଭଙ୍କୁ ଉପରୋକ୍ତ ଠିକଣାରେ ସଠିକ ଖବର ଦେଇ ଧରାଇ ଦେଇ ପାରିବ ତାଙ୍କୁ ଦିଆଯିବ, ସରକାରଙ୍କଠାରୁ ୫୦୦୦ ପୁରସ୍କାର ମିଳିବ ।

ଠିକଣା
ସେକ୍ରେଟେରୀ
ବେଙ୍ଗଲ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିଏଲ ଇନଷ୍ଟିଚ୍ୟୁସନ
ପୋ: ସେରାଇ କେଲା, ଜି: ସିଂହଭୂମ, ଭାୟା ଚକ୍ରଧରପୁର

---

୩୫ ୧୨।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ
## ଟେଲରିଂ ଏବଂ ଗୃହଶିଳ୍ପ ସ୍କୁଲ
### ସରାଇକେଲା

ଆମ୍ଭେ ୫ ୩୦ ଟଙ୍କା ନେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ଷ ଟେଲରିଂ; ୫ ୨୫ ଟଙ୍କା ନେଇ ୨ ମାସରେ ଫୁଲକୋର୍ଷ ଫଟୋଗ୍ରାଫ, ୫ ୩୦ ଟଙ୍କା ନେଇ ଏକମାସରେ ନାନା ପ୍ରକାର ସାବୁନ ଓ ନାମ ମାର୍କ ଦେଇ ହାତ, ନେଟଗେଲି ପ୍ରଭୃତି ନାନା ପ୍ରକାର ସୂଚୀଶିଳ୍ପ ଅତି ସୁନ୍ଦର ଭାବରେ ଶିକ୍ଷା ଦେଇଥାଉଁ । ଆମ୍ଭେମାନେ ଝିଅର ଲୁଗା ସେଲାଇ କାମ ଓ ସେଲାଇ ଶିକ୍ଷା ଦେଇଥାଉଁ । ବାସସ୍ଥାନ ପାଇଁ ଏବଂ ବେମାରୀ ହେଲେ ଡାକ୍ତର ଓ ଔଷଧ ଲାଗି ଏକପଇସା ମୂଲ୍ୟ ଲାଗେ ନାହିଁ । ଜଳବାୟୁ ଉତ୍ତମ । ଏଠାରେ ଶିକ୍ଷା କରିଗଲେ ଅନ୍ୟର ଆଶ୍ରୟ ନ ନେଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ । ଅନୁସନ୍ଧାନ କଲେ ଜାଣିପାରିବେ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ । ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୭ ମାଇଲ ଦୂରରେ ଅବସ୍ଥିତ । ସେଥିପାଇଁ ଏହିଁ ଲାଭ ସର୍ବଦା ସାକ୍ଷାତ୍ କରନ୍ତୁ । ବିସ୍ତାରିତ ବିବରଣ ପାଇଁ ୫ ୦ ୯୯ ଡାକ ଟିକଟସହ ପତ୍ର ଲେଖନ୍ତୁ ।

ବେଙ୍ଗଲ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିଏଲ ଇନଷ୍ଟିଚ୍ୟୁସନ
ପୋ: ସରାଇକେଲା, ଭାୟା ସିନି, ଜିଲା ସିଂହଭୂମ

---

୩୬ ଡିସେମ୍ବର ୧୯୩୩

# ଗୋବର, ଖୋରଣ୍ଡି ଓ ଏକଜ୍ୱରାର
### ଅବ୍ୟର୍ଥ ମହୌଷଧ

ନୂତନ ଓ ପୁରାତନ ଯେପରି ରୋଗର ଗୋବ ଖୋରଣ୍ଡି ଓ ଏକଜ୍ୱର ହେଉ ନା କାହିଁକି ଏକମାତ୍ର ମଧ୍ୟରେ ଆଶ୍ଚର୍ଯ୍ୟ ଫଳ ଦେବ । ସେବନ ବିଧି ଫେରସ୍ତ ଡାକରେ । ପ୍ରତ୍ୟେକର ମୂଲ୍ୟ ୫ ୧୯/୦ ମାତ୍ର ।

ଭାରତୀୟ ବୈଦ୍ୟ
ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ସରାଇକେଲା
ଭାୟା-ସିନି । ସିଂହଭୂମ ଜିଲା

## ଛାପାଖାନା ଜମିନ୍
### ଫେରସ୍ତ ସମ୍ବାଦ ଅମୃତର

ଗତ ସପ୍ତାହରେ ଆମ୍ଭେମାନେ ପ୍ରକାଶ କରିଥିଲୁଁ ଯେ କଲିକତାର ଅମୃତବଜାର ପତ୍ରିକା ମାନଙ୍କଠାରୁ ଜଣ ସରକାର ଯେଉଁ ଜାମିନ ଟଙ୍କା ନେଇଥିଲେ ତାହା ଫେରସ୍ତ ଦେବା ବିଷୟ ବିଚାର କରୁଅଛନ୍ତି, ମାତ୍ର ଏସୋସିଏଟେଡ୍ ପ୍ରେସର ଡାଇରେକ୍ଟରଙ୍କ ଖବରକୁ ପ୍ରକାଶ ଯେ ସରକାରୀମହଲରେ ଏ ସମ୍ବାଦ ବିଷୟ ଯୋଗ୍ୟ ନୁହେଁ ବୋଲି ପ୍ରକାଶ ।

---

୧୪୦ ୨୮।୧୦।୩୩

# ତିନିଟଙ୍କାରେ
## ତିନୋଟି ମୂଲ୍ୟବାନ ଘଣ୍ଟା ଓ
### ୫୯୦ ଟି ଉପହାର




ସନ୍ତୋଷମୋଦିଅ ଫରୁବାରେ ଜାନୁ ଓ ଅତ ସୁନ୍ଦର । ଭିପିଟାଙ୍କରେ ୭ ଟଙ୍କା ଦିଅଁଲେ ଗିଲିଟ ସୁନାର ହାତଘଣ୍ଟା ଗୋଟି, ଜର୍ମାନ 'ଟି' ଟାଇମ୍‌ପିସ (ଜଳ ଚଢ଼ିବା ମଜବୁତ, 'ବର୍ଷପାଇଁ ଗ୍ୟାରେଣ୍ଟି') ଓ ରେଲଓ୍ୱେ ଟାଇମକିପ୍ ବାଲାଘଣ୍ଟା ଗୋଟିଏ । ଏହାଛଡ଼ା ୫୯୦ଟି ପୁରସ୍କାର ଓ ଗୋଟିଏ ଶାଉଡ଼ୋଲ ଫେଉ ଉନ୍ନା ମହାନେଇ ପାଇବେ । ସମସ୍ତ ଓ ଖୋଲ୍ଦିବା ବୃଥା ।

General Trading Agency
15-1 Joymitter street
P. O. Hatkhola
Calcutta.



Digitized by srujanika@gmail.com

REGISTERED NO. P 6


# ଉତ୍କଳଦୀପିକା

ଉତ୍କଳର ସର୍ବପ୍ରଥମ ସାପ୍ତାହିକ ସମ୍ବାଦପତ୍ରିକା
ସ୍ଥାପିତ—ସନ ୧୮୬୬ ସାଲ

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ., ଏମ୍. ଏଲ୍. ସି

THE UTKAL DIPIKA
Established 1866

ବାର୍ଷିକ ଅଗ୍ରୀମ ମୂଲ୍ୟ [illegible]
ପ୍ରତିଖଣ୍ଡ [illegible]

୬୭ ଭାଗ | Cuttack, Saturday the 28th October 1933
କାର୍ତ୍ତିକ ୧୩ ଦିନ ସନ ୧୩୪୦ ସାଲ ଶନିବାର | ୪୦ଶ ସଂଖ୍ୟା



OUR

## SPECIAL DEPARTMENT

for

## Advertisements

Will arrange your Advertisement

*to give you surest return.*

All letters are promptly replied.

*Write to*
THE MANAGER
UTKAL DIPIKA
Cuttack.

## ଆଶାତୀତ ଲାଭ

ପଚିଶହଜାର ଟଙ୍କାର ବହି ନାମମାତ୍ର ମୂଲ୍ୟରେ ଦିଆଯିବ

ପ୍ରିଣ୍ଟିଂକମ୍ପାନୀର ଅନେକ ନୂତନ ପୁସ୍ତକ ବିକ୍ରୟ ସକାଶେ ଜମା ହୋଇଅଛି ଏବଂ ସେ ସବୁ ନାମମାତ୍ର ମୂଲ୍ୟରେ ଦିଆଯିବ ଏ ନିମନ୍ତେ ଆମ୍ଭେମାନେ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଯେଉଁମାନେ ଏହି ସୁଯୋଗରେ ନାନାଦି ଚରିତ, ପୁରାଣ, ନାଟକ ପ୍ରଭୃତି ନୂତନ ପୁସ୍ତକମାନ ନାମମାତ୍ର ମୂଲ୍ୟରେ ନେବାକୁ ଇଚ୍ଛାକରନ୍ତି ସେମାନେ ଶୀଘ୍ର ପତ୍ର ଲେଖନ୍ତୁ କିମ୍ବା ନିଜେ ଆସି ନିଅନ୍ତୁ ।

ମ୍ୟାନେଜର
କଟକ ପ୍ରିଣ୍ଟିଂକମ୍ପାନୀ ଲିମଟେଡ଼

## ବିଜ୍ଞାପନ

ଉତ୍କଳଦୀପିକା ସକାଶେ ଓଡ଼ିଶାର ପ୍ରତ୍ୟେକ ସ୍ଥାନରେ ସମ୍ବାଦଦାତା ଆବଶ୍ୟକ । ଯେ କେହି ସମ୍ଭ୍ରାନ୍ତ ସମ୍ବାଦଦାତା ହେବାକୁ ଇଚ୍ଛା କରନ୍ତି ସେ ଦୀପିକାର ସମ୍ବାଦଦାତା ହୋଇପାରନ୍ତି । ଯେଉଁମାନେ ନିୟମିତ ରୂପେ ସମ୍ବାଦ ପଠାଇବେ ସେମାନଙ୍କ ନିକଟକୁ ଉତ୍କଳଦୀପିକା କମ ମୂଲ୍ୟରେ ପଠାଯିବ ।

ମ୍ୟାନେଜର

୨୦।୧୦।୩୩

## କର୍ମଖାଲି

ଉତ୍କଳଦୀପିକା ବିକ୍ରୟ ସକାଶେ ଓଡ଼ିଶାର ସର୍ବତ୍ର ଏବଂ ସମସ୍ତ ଗଡ଼ଜାତ ମାନଙ୍କରେ ଏଜେଣ୍ଟ ଆବଶ୍ୟକ । ଏଜେଣ୍ଟମାନଙ୍କୁ ଉଚିତ କମିସନ ଦିଆଯିବ । ଏଜେଣ୍ଟ ହେବାକୁ ଇଚ୍ଛୁକ ଲୋକେ ଶୀଘ୍ର ପତ୍ର ଲେଖନ୍ତୁ ।

## ବିନାମୂଲ୍ୟରେ

ଟ ୫ ଙ୍କାର ବହି
ଉତ୍କଳ ଦୀପିକା ଗ୍ରାହକଙ୍କପ୍ରତି
ଅଭାବନୀୟ ସୁବିଧା

ପ୍ରିଣ୍ଟିଂକୋମ୍ପାନୀର ଅନେକ ନୂତନ ବହି ରହିଛି ଥିବାହେତୁ ତାହା ନାମମାତ୍ର ମୂଲ୍ୟରେ ଦିଆଯାଉଅଛି ।

ମାତ୍ର ଯେଉଁମାନେ ଦୀପିକାର ନୂତନ ଗ୍ରାହକ ହେବେ ସେମାନଙ୍କୁ ଟ ୫ଙ୍କା ମୂଲ୍ୟର ବହି ବିନା ମୂଲ୍ୟରେ ପୁରସ୍କାର ସ୍ୱରୂପ ଦିଆଯିବ । ପୁରାତନ ଗ୍ରାହକମାନେ ମଧ୍ୟ ଉକ୍ତ ପୁରସ୍କାରମାନ ପାଇବାର ଦାବୀକରି ପାରନ୍ତି ମାତ୍ର ସେମାନେ ସେମାନଙ୍କ ଠାରେ ବାକିଥିବା ଦୀପିକାର ବାର୍ଷିକ ମୂଲ୍ୟ ପଠାଇ ଦାଖଲ ହେବ ।

ଦୀପିକାର ମୂଲ୍ୟ ଅଗ୍ରିମ ଦେୟ । ପୁରସ୍କାର ବହିମାନ ଗ୍ରାହକ ମାନଙ୍କ ଖରଚରେ ପଠାଯିବ । । ଇତି ।

ମ୍ୟାନେଜର


159 4-11-33

## Wanted

A Mid-wife for the Sadar dispensary of the Baramba State on a pay of 25-1-35/-p. m. with benefit of State Provident Fund.

Candidates trained in the Midwifery in any recognized school should apply to the undersigned stating their age and previous experience on or before the 20th November next.

Superintendent,
Baramba State.

Digitized by srujanika@gmail.com

# ନୀଲାମ ଇସ୍ତାହାର

ନ ୭୧୭ ମ୍ବର ଡିକ୍ରୀଜାରି ସନ ୧୯୦୩ ମସିହା
କେନ୍ଦ୍ରାପଡ଼ା ମୁନସଫିଙ୍କ ଅଦାଲତ
ନିଲାମ ତାରିଖ ଧାର୍ଯ୍ୟ ତା ୧୬।୧୧।୦୩
ଶ୍ରୀ ଲକ୍ଷ୍ମୀପ୍ରିୟା ମଦନମୋହନ ଦାସ ଡିକ୍ରୀଦାର
କୁଦାନନ୍ଦ ପଣ୍ଡା ଓଗେର ଦେଃ ମାନେ

୧। କଟକ ଜିଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଓ ସବ୍‌ରେଜିଷ୍ଟ୍ରି ଓ ଉକ୍ତ ପୁଲିସ ଇଲାକାର ପ୍ରଃ ଘଣ୍ଟଣି ନ ୩୮୪୫ ମ୍ବର ତଃ ତାଃ କଲଦକ୍ଷ୍ମପୁର ତଃ ତାଃ ମୌଃ ସାମନ୍ତଗୁଡ଼ିଆ ଇଜାରାରେ ଥିବା ନ ୧।୨।୩ ମ୍ବର ଦେଣଦାରଙ୍କ ନାମର ବନ୍ଦୋବସ୍ତି ନ ୫୩୦ ମ୍ବର ଖାତା ବାଃ ୫୦—୪୪ ଶଃ କୁ ଜମା ଟ ୨୩ ଓ ନ ୫୭୩ ଖାତା ବାଃ ୫୦—୩୩ ଶଃ କୁ ଜମା ଟ ୧୩ ଏରୂପ ୫୦—୭୭ ଶଃ କୁ ଓ ଉପସ୍ଥିତ ବୃକ୍ଷାଦି ସହିତ ଏ ମୋକଦ୍ଦମାରେ ତୋରଣ ଓ ନିଲାମ ହେବ ଜମିର ଅଃ ମୂଲ୍ୟ ଟ ୫୦୯ ଙ୍କା ଅଟେ।

୨। ପ୍ରଃ ମଦକୁଦ ତାଃ ମସଲୁର ମୌଃ ସାମନ୍ତଗୁଡ଼ିଆ ଇଜାରାରେ ଥିବା ନ ୭ ମ୍ବର ଲଭାଧ ଦେଣଦାର ନାମର ବନ୍ଦୋବସ୍ତ ନ ୫୨୭ ମ୍ବର ଖାତା ବାଃ ସ୍ଥିତିବାନ ୫୦—୩୫ ଶଃ କୁ ଜମା ଟ ୨। ଅଟେ ଉକ୍ତ ଜମି ଓ ଜମି ଉପରେ ଥିବା ନ ୭ ମ୍ବର ଦେଃ ବସ୍ତବାସ ଡାଲିଘର ଛପର ଗୋ ୧ ଟା କୁ ବ ୨ ଖଣ୍ଡ ଓ ଜମିରେ ଲଗିଥିବା କବାଟ ଚଉକାଠ ଘରଚ୍ଛର ଓ ବୃକ୍ଷାଦି ସହିତ ତୋରଣ ନିଲାମ ହେବ ଜମିର ଅଃ ମୂଲ୍ୟ ଟ ୪୫୯ ଙ୍କା

---

ନ ୭୧୭ ମ୍ବର ଡିକ୍ରୀଜାରି ସନ ୧୯୦୩ ମସିହା
କେନ୍ଦ୍ରାପଡ଼ା ମୁନସଫଙ୍କ ଅଦାଲତ
ନିଲାମ ତାରିଖ ଧାର୍ଯ୍ୟ ତା ୧୬।୧୧।୦୩
ଶ୍ରୀ ଲକ୍ଷ୍ମୀପ୍ରିୟା ମଦନମୋହନ ଦାସ ଡିକ୍ରୀଦାର
କୁଦାନନ୍ଦ ପଣ୍ଡା ଓଗେର ଦେଃ ମାନେ

୧। କଟକ ଜିଲା ଅନ୍ତର୍ଗତ କେନ୍ଦ୍ରାପଡ଼ା ସବ୍‌ଡିଭିଜନ ଓ ସବ୍‌ରେଜିଷ୍ଟ୍ରି ପୁଲିସ ଇଲାକାର ପ୍ରଃ ଘଣ୍ଟଣି ନ ୩୮୪ ମ୍ବର ତଃ ମୌଃ ସାମନ୍ତଗୁଡ଼ିଆ ଇଜାରାରେ ଥିବା ଦେଃ ମାନଙ୍କ ନାମର ବନ୍ଦୋବସ୍ତି ନ ୫୨୩ ମ୍ବର ଖାତା ବାଃ ସ୍ଥିତିବାନ ୫୦—୦୬ ଶଃ କୁ ଜମା ଟ ୦୩ ଉକ୍ତ ଜମି ଜମି ଉପରେ ଥିବା ଅମ୍ବ ଗ ୨ ଛ ଓ ପଣସ ଗ ୨ ଛ ଓ ସୁନ ଗୋ ୧ ଟିକୁ ବ ୧ ଖଣ୍ଡ ଡାଳ ଏ ମୋକଦ୍ଦମାରେ ନିଲାମ ହେବ ଜମିର ଅଃ ମୂଲ୍ୟ ଟ ୨୫୯ ଙ୍କା ଅଟେ

---

ସନ ୧୯୦୩ ମସିହାର ନ ୨୬୦ ମ୍ବର ଡିଃ
ଶ୍ରୀ ଲକ୍ଷ୍ମୀନିଧି ସାମନ୍ତ ଡିଃ
ଅନନ୍ତଚରଣ ଦାସ ଓଗେର ଦେଃ
ନିଲାମ ତା ୧୬।୧୧।୦୩
ଦାବି ଟ ୩୭।୵୩

ଜିଃ କଟକ କେନ୍ଦ୍ରାପଡ଼ା ସବ ରେଃ ଓ ପୁଃ ଷ୍ଟେଃ ପାଏବା ନ ୯୬୦ ମ୍ବର ତଃ ମୌଃ ଭଗବତୀପୁରରେ ଥିବା ନ ୨ ମ୍ବର ଦେଣଦାର ସଦାନନ୍ଦ ଅଗ୍ନି ନାମର ବନ୍ଦୋବସ୍ତି ନ ୨୬୪ ମ୍ବର ଖାତା ୫୨—୦୮ ଶଃ ମଧ୍ୟେ ୫୧—୬୭ ଶଃ କୁ ଜମା ଟ ୨୩୵ ନିଲାମ ହେବ। ଅଃ ମୂଃ ଟ ୫୦୯

---

ନ ୧୨୫ ମ୍ବର ଡିଃ ଜାରି ସନ ୧୯୦୩ ମସିହା
ଜିଃ ପ୍ରଥମ ମୁନସଫି କଟକ
ସୁଧାମୋହନ ମଲ୍ଲିକ ଡିଃ
କମଳାଚରଣ ସର୍ଦ୍ଦାର ଓଗେର ଦେଃ ମାନେ

ଉପରୋକ୍ତ ନମ୍ବର ମକଦ୍ଦମାର ଦେଃ ମାନଙ୍କର ନିମ୍ନ ଲିଖିତ ସମ୍ପତ୍ତିମାନ ଅତ୍ର ଅଦାଲତ ଦରବାର ମୁଃ ତେ ତା ୧୬।୧୧।୦୩ ଭଙ୍ଗ ଦିନ ନିଲାମ ହେବ।

୧। ଜିଃ କଟକ ପୋଃ ଓ ସଃ ରେଃ ମୁଃ ଇଲାକାଧୀନ ନ ୨୨୭ ମ୍ବର ଥାନା ପ୍ରଃ ପାଏକା ନ ୨୭୧୭ ମ୍ବର ତଃ ମୌଃ ସାରଙ୍ଗ ନ ୧ ମ୍ବର ଦେଣଦାର ନାମର ନ ୧୬୧ ମ୍ବର ଖାତା ଦାଖଲସ୍ତି ସ୍ଥିତିବାନ ମୋଟ ୫୨—୧୭ କୁ ଜମା ଟ ୨୩୵ ଉକ୍ତ ଭୂମି ଜମିରେ ଥିବା ଅମ୍ବ ଗ ୧ ଛ ପଣସ ଗଛ ଖଜୁରି ଗଛ ଦାଉଁଶ କୁ ୨ ବା ନିଲାମ ହେବ। ଅଃ ମୂଃ ଟ ୫୦୯

୨। ଥାନା ପ୍ରଃ ମୌଃ ଏକନ ଦାଖଲସ୍ତି ସ୍ଥିତିବାନ ନ ୧୬୪ ଖାତା ୫୨—୦୮ ମଧ୍ୟରୁ ନ ୧ ଦେଃ ଙ୍କ ଭୋଗଦଖଲ ସ୍ଥାଃ ଟ ୦୩।୮ କୁ ୫୧—୩୪୫ କୁ ଜମା ଟ ୨।/୫ ଅଟେ ଉକ୍ତ ଭୂମି ଓ ଉପସ୍ଥିତ ଭାଦ୍ର ଛପରଘର ଓ କଣ୍ଟା ଗଛ ତାଳ ଗ ୧ ଛ ଅମ୍ବ ଗଛ ପଣସ ଗ ୧ ଛ ବାଉଁଶ ବୁଦା ଉପସ୍ଥିତ ସର୍ବପ୍ରକାର ସତ୍ତ୍ୱ ନିଲାମହେବ ଅଃ ମୂଃ ଟ ୩୫୯

୩। ଜିଃ କଟକ ପୁଃ ଓ ସଃ ରେଃ ମୁଃ ସାଲେପୁର ନ ୨୨୯ ଥାନା ପ୍ରଃ ସୁବାଙ୍କ ମୌଃ ବ୍ରାହ୍ମଣଶାସନ ନ ୧ ଦେଃ ନାମ ସାମିଲ ଅନ୍ୟ ଅଂଶୀଦାର ମାନଙ୍କ ନାମର ନ ୧୮୧ ଖାତା ସ୍ଥିତିବାନ ୫୮—୨୧ ଅଟେ ଉକ୍ତ ଭୂମି ଓ ଉପସ୍ଥିତ ନ ୧ ଦେଃ ର ଭୋଗଦଖଲ (Right taital and intrest) ନିଲାମହେବ ଅଃ ମୂଃ ଟ୫୦୯

୪। ଥାନା ପ୍ରଃ ମୌଃ ଏକନ ନ ୧ ଦେଃ ନାମର ନ ୨୮୨ ଖାତା ସ୍ଥିତିବାନ ୫୩—୮୨ ଶଃ ଅଟେ ଉକ୍ତ ଭୂମି ଓ ଉପସ୍ଥିତ ବୃକ୍ଷାଦି ଓଗେର ସର୍ବପ୍ରକାର ସତ୍ତ୍ୱ ନିଲାମହେବ ଅଃ ମୂଃ ଟ୫୦୯

୫। ଥାନା ପ୍ରଃ ମୌଃ ଏକନରେ ଥିବା ଅନ୍ୟାନ୍ୟ ବ୍ୟକ୍ତିମାନଙ୍କ ନାମ ସାମିଲ ନ ୧ ମ୍ବର ଦେଃ ଙ୍କର ଦାଖଲସ୍ତି ମଧ୍ୟସ୍ୱତ୍ୱାଧିକାରୀ ଅଧୀନ ଭୂଏର ଖାତା ବାଃ, ୫୨—୧୩ କୁ ଦେୟ ଖାଃ ଟ୩।୵ ଅଟେ ଉକ୍ତ ଭୂମିରେଥିବା ନ ୧ ଦେଃ ର ଭୋଗଦଖଲ (Right taital and intrest) ନିଲାମହେବ ଅଃ ମୂଃ ଟ ୨୦୯

୬। ଥାନା ପ୍ରଃ ମୌଃ ଏକନ ନ ୧ ଦେଃ ଙ୍କ ନାମର ନ ୬୪୯ ଖାତା ଦାଖଲସ୍ତି ମଧ୍ୟସ୍ୱତ୍ୱାଧିକାରୀ ୫୦—୬୪ ଶଃ କୁ ଦଖଲ ଖାଃ ଟ ୫। ଅଟେ ଉକ୍ତ ଭୂମି ଓ ଉପସ୍ଥିତ ସର୍ବପ୍ରକାର ସତ୍ତ୍ୱ ନିଲାମହେବ ଅଃ ମୂଃ ଟ ୨୦୯

୭। ଜିଃ କଟକ ପୁଃ ଓ ସଃ ରେଃ ମୁଃ ସାଲେପୁର ଇଲାକାଧୀନ ନ ୬୨୯ ଥାନା ପ୍ରଃ ସୁଲ୍ତାନପୁର ମୌଃ ବ୍ରାହ୍ମଣଶାସନ ନ ୬୩୦ ଖତିୟାନ ମଧ୍ୟସ୍ୱତ୍ୱାଧିକାରୀ ଶମ୍ଭୁଙ୍କ ଠେଓପାଟ ବାଃ ନ ୧ ଦେଣଦାରଙ୍କ ନାମ ସାମିଲ ଅନ୍ୟ ଅସାମୀ ମାନଙ୍କ ୫୧୧—୧୬ କୁ ଜମା ଟ ୧୬। ମଧ୍ୟରୁ ନ ୧ ମ୍ବର ଦେଃ ଙ୍କ ଅଂଶ ଟ ୦।୵ କୁ ୫୪—୪୧।୵ କୁ ମଧ୍ୟେ ଜମା ଟ ୬।୵୬ ଅଟେ ଉକ୍ତ ଭୂମି ଓ ଉପସ୍ଥିତ ସର୍ବ ପ୍ରକାର ସତ୍ତ୍ୱ ନିଲାମ ହେବ ଅଃ ମୂଃ ଟ ୧୦୦୯।

୮। ଥାନା ଓ ପ୍ରଃ ରେ ଜଗନ୍ନାଥ ଚୂଡ଼ାମଣି ଦେଉଳ ପ୍ରଃ ଦେଓଗାଁ ନ ୩୮୬ ମ୍ବର ଥାଃ ମୌଃ ପୁରୁଷୋତ୍ତମପୁର ଇଜାରାରେ ଥିବା ଖଏରିଆ ଖଃ ବାଙ୍ଗେର ନ ୩୨୨୫୩ ମ୍ବର ତଃ ଖାବର ବନ୍ଦୋବସ୍ତ ନ ୬ ମ୍ବର ଖାତା ଅନ୍ୟ ବ୍ୟକ୍ତି ନାମସାମିଲ ନ ୧ ମ୍ବର ଥିବା ଲକ୍ଷ୍ମୀଧର ସର୍ଦ୍ଦାର ନାମର ୫୨—୪୫ ଅଟେ ଜମି ମଧ୍ୟରୁ ନ ୧ ଦେଃ ଙ୍କ ଭୋଗ ଦଖଲ (Right taital and intrest) ସମସ୍ତ ପ୍ରକାର ସତ୍ତ୍ୱ ନିଲାମ ହେବ ଅଃ ମୂଃ ଟ ୨୦୯

---

## ରେଲ ଯିବାଆସିବା ସମୟ

| ଷ୍ଟେସନର ନାମ ଓ ରେଲର ନାମ | ପୁରୀ ଅଭିମୁଖେ ଘଃ ମିଃ | | ପୁରୀ ଅଭିମୁଖୁ ଘଃ ମିଃ | |
|---|---|---|---|---|
| **ବାଲେଶ୍ୱର—** | | | | |
| ମାନ୍ଦ୍ରାଜମେଲ | ଦିନ | ୧୧।୧୬ | ରାତ୍ରର | ୫।୨୫ |
| ପୁରୀ ଏକ୍‌ସପ୍ରେସ | ଦିନ | ୧।୨୮ | ଦିନ | ୧।୩୫ |
| ପୁରୀ ପାସେଞ୍ଜର | ସନ୍ଧ୍ୟା | ୮।୯ | ସନ୍ଧ୍ୟା | ୫।୨୦ |
| ” | ରାତ୍ରର | ୭।୩୪ | ରାତ୍ରର | ୩।୧୧ |
| **ଭଦ୍ରକ—** | | | | |
| ମାନ୍ଦ୍ରାଜମେଲ | ଦିନ | ୧।୨।୩ | ରାତ୍ରର | ୩।୫ |
| ପୁରୀ ଏକ୍‌ସପ୍ରେସ | ଦିନ | ୧।୨୨ | ଦିନ | ୧୧।୪୩ |
| ପୁରୀ ପାସେଞ୍ଜର | ସନ୍ଧ୍ୟା | ୯।୫୯ | ଦିନ | ୨।୪୬ |
| ” | ରାତ | ୯।୧୯ | ରାତ | ୩।୪୫ |
| **ଯାଜପୁର ରୋଡ଼—** | | | | |
| ମାନ୍ଦ୍ରାଜମେଲ | ଦିନ | ୧।୪୨ | ଦିନ | ୩।୧୨ |
| ପୁରୀ ଏକ୍‌ସପ୍ରେସ | — | | ଦିନ | ୧୦।୫୦ |
| ପୁରୀ ପାସେଞ୍ଜର | ଦିନ | ୧୧।୫୫ | ରାତ | ୧।୨୫୦ |
| ” | ରାତ | ୧୧।୦ | ରାତ | ୨।୨୪ |
| **କଟକ—** | | | | |
| ମାନ୍ଦ୍ରାଜମେଲ | ଦିନ | ୩।୭ | ଦିନ | ୧।୧୬ |
| ପୁରୀ ଏକ୍‌ସପ୍ରେସ | ଦିନ | ୩।୫୭ | ଦିନ | ୯।୧୪ |
| ପୁରୀ ପାସେଞ୍ଜର | ଦିନ | ୨।୫୬ | ଦିନ | ୧୦।୨୪ |
| ” | ରାତ | ୧।୨୯ | ରାତ | ୧୧।୩୯ |
| ତାଳଚେର | ସନ୍ଧ୍ୟା | ୬।୫୦ | ସକାଳ | ୬।୩୦ |
| **ଖୋର୍ଦ୍ଧାରୋଡ଼—** | | | | |
| ମାନ୍ଦ୍ରାଜମେଲ | ଦିନ | ୪।୧୬ | ରାତ | ୧୨।୨୦ |
| ପୁରୀ ଏକ୍‌ସପ୍ରେସ | ରାତ | ୫।୧୩ | ଦିନ | ୭।୪୧ |
| ପୁରୀ ପାସେଞ୍ଜର | ଦିନ | ୫।୪୮ | ଦିନ | ୮।୪୦ |
| ” | ରାତ | ୫।୧୦ | ରାତ | ୯।୪୦ |
| ତାଳଚେର | ସନ୍ଧ୍ୟା | ୭।୨୬ | ସକାଳ | ୫।୧୬ |
| **ପୁରୀ—** | | | | |
| ପୁରୀ ଏକ୍‌ସପ୍ରେସ | ରାତ୍ରର | ୬।୪୫ | ସନ୍ଧ୍ୟା | ୬।୩୮ |
| ପୁରୀ ପାସେଞ୍ଜର | ରାତ୍ରର | ୬।୧୬ | ସକାଳ | ୮।୨୦ |
| ପୁରୀ ପାସେଞ୍ଜର | ସନ୍ଧ୍ୟା | ୫।୧୭ | ସନ୍ଧ୍ୟା | ୬।୨୦ |
| ତାଳଚେର | ଦିନ | ୧୦।୨୩ | ଦିନ | ୨।୫୬ |

---

## ସୁନା ରୂପାର ଦର

| | | |
|---|---|---|
| ସୁନା | ତୋଳାପ୍ରତି | ଟ ୩୨। |
| ରୂପା | ୧୦୦ ତୋଳାକୁ | ଟ ୩୬। |

---

Digitized by srujanika@gmail.com

Split by PDF Splitter



## ଭାରତ ଓ ଯାପାନ

### ତୁଳା ଓ ଲୁଗା ବ୍ୟବସାୟ

### ବୁଝାମଣା କେବେ କେତେ ବେଳେ ଦେଖିବ

ଏହି ଶବ୍ଦରୁ ପ୍ରକାଶ ଯେ ଭାରତ ଓ ଯାପାନ ସରକାରଙ୍କ ପ୍ରତିନିଧିମାନଙ୍କ ମଧ୍ୟରେ ଭାରତର ଲୁଗା ବ୍ୟବସାୟ ସମ୍ବନ୍ଧେ ଯେଉଁ ଚୁକ୍ତି ଥିଲା ତାହା ଏଥର ବଦଳିବ ବୋଲି ଶୁଣାଯାଉଛି। ତଦନୁସାରେ ଯାପାନ ଭାରତରୁ ୧୫ ଲକ୍ଷ ଗାଣ୍ଠି ତୁଳା ନେବ। ମାତ୍ର ତୁଳା ବ୍ୟବସାୟୀମାନେ କହୁଛନ୍ତି ଯେ ଯାପାନ ୧୭ ଲକ୍ଷ ଗାଣ୍ଠି ନେଉ। ଭାରତ ସରକାର କହୁଛନ୍ତି ଯେ ଯାପାନ ଭାରତକୁ ୪୧ କୋଟି ଗଜ ଲୁଗା ପଠାଉ ମାତ୍ର ଯାପାନ ସରକାରଙ୍କ ପ୍ରତିନିଧିମାନେ ୫୭ କୋଟି ୫୦ ଲକ୍ଷ ଗଜ ପଠାଇବାର ଦାବି କରୁଅଛନ୍ତି ଏବଂ ଶୀଘ୍ର ଗୋଟିଏ ନିଷ୍ପତ୍ତି ହେବାର ଆଶା।

ଯାପାନରୁ ଭାରତକୁ ଆମଦାନି ହେବା ଲୁଗା ଉପରେ କେତେ ଶୁଳ୍କ ବସିବ ତାହାର ମଧ୍ୟ ଗୋଟିଏ କଥା ହୋଇଅଛି ବୋଲି ଶୁଣାଯାଏ କିନ୍ତୁ ଠିକ ଖବର କିଛି ମିଳୁନାହିଁ। ସାଧାରଣ ବିଶ୍ୱାସ ଯେ ଏହା ବର୍ତ୍ତମାନ ପ୍ରଚଳିତ ଶୁଳ୍କ ଟଙ୍କା ଓ ଯାପାନ ଅନୁସାରେ ଦ୍ୱିଗୁଣ ନ୍ୟାୟ ଶତକଡ଼ା ୫୦ ହେବ। ଅର୍ଥାତ୍ ଏକଶ ଟଙ୍କା ଲୁଗା ଆସିଲେ ଏହାର ପଚାଶ ଦେବାକୁ ହେବ।

## ଲୁଗା ବ୍ୟବସାୟ

### ବିଲାତ ପ୍ରତିନିଧିମାନେ ଫେରିଲେ

ଭାରତ, ଯାପାନ ଓ ବିଲାତ ଲୁଗା ବ୍ୟବସାୟ ସମ୍ବନ୍ଧେ ଭାରତରେ ଯେଉଁ ପରାମର୍ଶ ଚାଲିଥିଲା ବର୍ତ୍ତମାନ ତାହା ଶେଷ ହୋଇଅଛି ଯେଉଁଥିରେ ଯୋଗ ଦେବାକୁ ଆସିଥିବା ବିଲାତ ପ୍ରତିନିଧିମାନେ ଫେରିଯିବା ଉଦ୍ଦେଶ୍ୟରେ ବମ୍ବେ ଯାତ୍ରା କରିଅଛନ୍ତି। ସେଠାରେ ଭାରତୀୟ ବ୍ୟବସାୟୀମାନଙ୍କ ସହିତ କଥାବାର୍ତ୍ତା କରିବେ। ମାତ୍ର ବିଲାତ ଲୁଗା ବ୍ୟବସାୟ ସମ୍ବନ୍ଧେ ସେମାନେ କଣ କଥାବାର୍ତ୍ତା କଲେ ଓ କ'ଣ ନିଷ୍ପତ୍ତି ହେଲା ତାହାର କିଛି ଖବର ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

—o—

## ବିଲାତ ଓ ଭାରତ ବ୍ୟବସାୟ

### କ୍ରମୋନ୍ନତିର ସୂଚନା

### ଭାରତବର୍ଷର ଅଧୋଗତି ବନ୍ଦ

ଭାରତବର୍ଷର ଟ୍ରେଡ୍ କମିଶନରଙ୍କ ୧୯୩୬-୩୭ ସାଲ ରିପୋର୍ଟରୁ ପ୍ରକାଶ ଯେ ବିଲାତରୁ ଭାରତକୁ ଆସୁଥିବା ମାଲର ପରିମାଣ ଏବର୍ଷ ବଢ଼ିଅଛି। ଗତ ବାରବର୍ଷ ମଧ୍ୟରେ ଏ ବ୍ୟବସାୟ କ୍ରମେ କମୁଥିଲା କିନ୍ତୁ ଏବର୍ଷ ତାହା ନ ହୋଇ ପ୍ରଥମ ଥର ଉନ୍ନତ ମାର୍ଗରେ ଯାଇଅଛି।

## କାବୁଲ ବିଶ୍ୱ-ବିଦ୍ୟାଳୟ

ଅଫଗାନର ରାଜା କାବୁଲ ସହର ନିକଟରେ ଗୋଟିଏ ନୂତନ ବିଶ୍ୱ-ବିଦ୍ୟାଳୟ ସ୍ଥାପନ କରିବାକୁ ସ୍ଥିର କରିଛନ୍ତି। ସେଥିପାଇଁ ଭାରତର ମୁସଲମାନ ନେତାମାନଙ୍କୁ କାବୁଲକୁ ନିମନ୍ତ୍ରଣ କରାଯାଇଛି। ସେଥିପାଇଁ ଡାକ୍ତର ମହମ୍ମଦ ଇକବାଲ, ଡାକ୍ତର ସର୍ ମହମ୍ମଦ ଓ ସୁଲେମାନ ସାହେବ କାବୁଲ ଅଭିମୁଖେ ଯାତ୍ରା କରିଅଛନ୍ତି।

---

## ଆମେରିକାରେ ଗଣ୍ଡଗୋଳ

### ଶ୍ରମୀମାନେ ଏକଜୁଟ

### ସରକାରଙ୍କ ସଙ୍ଗେ ଅସହଯୋଗ

ଆମେରିକା ଯୁକ୍ତପ୍ରଦେଶର ପ୍ରେସିଡେଣ୍ଟ ରୁଜଭେଲ୍ଟ ଶ୍ରମିକମାନଙ୍କ ଉନ୍ନତି ନିମନ୍ତେ ଓ ବେକାରୀ ଦୂର କରିବା ସକାଶେ ସରକାରୀ ତରଫରୁ ସାହାଯ୍ୟ ଓ ଧନ ସମ୍ବନ୍ଧେ ଯେଉଁ ନୀତି ଅବଲମ୍ବନ କରି ଅଛନ୍ତି ତହିଁରେ ସେମାନେ ଅସନ୍ତୁଷ୍ଟ ହୋଇ ଧର୍ମଘଟ କରିବାର ସ୍ଥିର କଲେ। ଏଥିରେ ୪୦ ଲକ୍ଷ ଶ୍ରମୀ ସଂଶ୍ଳିଷ୍ଟ ଅଛନ୍ତି। ସେମାନେ କେବଳ କର୍ମଚାରୀମାନଙ୍କ ସହାନୁଭୂତି ଲୋଡ଼ୁଅଛନ୍ତି।

---

## ଫ୍ରେଞ୍ଚ ସରକାର ପତନ

### ପ୍ରଧାନ ମନ୍ତ୍ରୀ ଇସ୍ତଫା ଦେଲେ

### ଏମ୍ ସାରଟ ପ୍ରଧାନ ମନ୍ତ୍ରୀ

ଫ୍ରାନ୍ସର ପ୍ରଧାନ ମନ୍ତ୍ରୀ ଏମ୍-ବ୍ଲୁମ୍ ଇସ୍ତଫା ଓ ତାଙ୍କର ସହକାରୀମାନେ ଇସ୍ତଫା ଦେଇଅଛନ୍ତି ଓ ଏମ୍ ସାରଟ ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ। ରାଜ କର୍ମଚାରୀମାନଙ୍କ ବେତନ ଓ ପେନସନ ଉପରେ ହ୍ରାସ ନେଇ ଟଣା ଓଟରେ ମତଭେଦ ଏବଂ ତାଙ୍କର ସହକାରୀମାନେ ପରାସ୍ତ ହେବାରୁ ଏପରି ଘଟିଅଛି ବୋଲି ପ୍ରକାଶ।

---

୧୮୭୬ ସାଲ ଉତ୍କଳଦୀପିକାରୁ ଉଦ୍ଧୃତ

# ସରକାରୀ ଚାଉଳ ବିକ୍ରୀ

ସରକାରୀ ଚାଉଳର କମା ଖର୍ଚ୍ଚ ଓ ଲୁଟ ଇତ୍ୟାଦି ବୁଝିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଶ୍ରୀଯୁତ ମେକନିଲ ସାହେବଙ୍କୁ ନିଯୁକ୍ତ କରି ଏ ଦେଶକୁ ପଠାଇ ଅଛନ୍ତି। ମାତ୍ର ଉକ୍ତ ସାହେବ ଚାଉଳ ବିକ୍ରୀର ଯେ ବନ୍ଦୋବସ୍ତ କରିଅଛନ୍ତି ସେଥିରେ ସରକାରର ବହୁତ ଲୁଟ ହେବାର ସମ୍ଭାବନା। କାରଣ ଗୁଦାମଗୋଟିକକୁ ଚାଉଳ ଆସିବାବେଳେ ଓଜନ କରାଯାଇ ସରକାରୀ ଏବଂ ବ୍ୟାପାରୀମାନଙ୍କ ସମ୍ମୁଖରେ ବସ୍ତା ବସ୍ତା ହୋଇ ରହିଅଛି। ଯୋଗାଇବାମାନେ ପ୍ରତେକ ବସ୍ତାରେ ଦାମ ନେଉଛନ୍ତି ଓ ବଣ୍ଡିଦାର ଓଜନ କରୁଛି। ଆମ୍ଭେମାନେ ସେଠାରେ ବସି ଦେଖୁଅଛୁ ଓଜନର କମି ଥିବାର ଅଥବା ରହି ଦେଖୁଥାନ୍ତି। ବହି ବନ୍ଦ ହେବାରୁ ମୋହରର ଓ ବଣ୍ଡିଦାରମାନେ ଟଙ୍କ ତୋଳା ସମସ୍ତ ତାହାଙ୍କ ସିମା ଭିତର ଯୁଜବକୁ ଛାଣିଦେଇ ବାହାର କରନ୍ତି। ଏ ପ୍ରକାର୍ଯ୍ୟରେ କୋଧ ହୁଏ ଯେ ଏପରି ଅବସ୍ଥାରେ ଅସଦ୍ବ୍ୟବହାରର କିଛି ଉପାୟ ନାହିଁ ମାତ୍ର ବଣ୍ଡିଦାରମାନେ ଆପଣା ଇଚ୍ଛାପୂର୍ବକ ଲୋକଙ୍କଠାରୁ ଅଠଅଣା ନେଇ ଏକଟଙ୍କା ବା ଅଧିକ ମୂଲ୍ୟର ଚାଉଳ ଦେଇ ପଛରୁ ତାହାଙ୍କଠାରୁ ବହୁତ ଭଲ ମୂଲ୍ୟ ନେବାରେ କି ପ୍ରତିବନ୍ଧକ ଅଛି। ଯେଉଁମାନେ ବଣ୍ଡିଦାରଙ୍କ କଥା ଜାଣନ୍ତି ସେମାନେ ଅବଶ୍ୟ ଏକଥା ସମ୍ଭବ କହିବେ ଓ ଏହିପରି କିଛି ଅସଦ୍ବ୍ୟବହାର ବ୍ୟାପିବେ ଏତେ ବଡ଼ିର ଯାଇ କି କାରଣ ହୋଇପାରେ। ଗତ ମାସ ତା ୧୧ ରଖରେ ଶେଷ ହେବା ସପ୍ତାହ ମଧ୍ୟରେ ୬୨୯୪ ଚାଉଳ ବିକ୍ରି ହେଲା ତହିଁର ଅନୁମାନିତ ମୂଲ୍ୟ ଟ ୩୩୭୯ ଙ୍କା ହିସାବରେ ଟ ୨୨୮୫ ଙ୍କା ଆଦାୟ ହେଲା ଅର୍ଥାତ୍ ପ୍ରତି ବସ୍ତାରେ ଲୁଟ ପ୍ରାୟ ସେ ୧୦ ରତ୍ତି ଟ ୨ ଙ୍କା ଲୋକସାନ ହୋଇ ଅଛି। ଆମ୍ଭମାନଙ୍କର ସମ୍ପୂର୍ଣ୍ଣ ଭରସା ଯେ ଚାଉଳ ବିକ୍ରିରେ କୌଣସି ପ୍ରକାର ଅପବ୍ୟୟ ନ ହେଉ ମାତ୍ର ଅଳ୍ପ ବେତନ ଲୋକଙ୍କ ହସ୍ତରେ ଅଧିକ କ୍ଷମତା ଦେବାରୁ ଆମ୍ଭେମାନେ ସର୍ବଦା ଅସନ୍ତୁଷ୍ଟ ଓ ଏମନ୍ତ ଜାଣିବାରେ ଯେଉଁଥିରୁ ସର୍ବଦା ମନ୍ଦଫଳ ଘଟେ। ଏ ସକାଶେ ଆମ୍ଭେମାନେ ଉପଦେଶ ଦେଉଅଛୁଁ ଯେ ଗୋଦାମକୁ ଚାଉଳ ଆଣିବାବେଳେ ଅଥବା ବିକ୍ରି ସକାଶେ ଲୋକଙ୍କ ଜିମା କରିବା ପୂର୍ବରୁ ଓଜନ କରିବେକେ ଅପବ୍ୟୟ ନିବାରଣର ଯଥାସାଧ୍ୟ ଉପାୟ ହେବ।

× × × ×

"ଦୁର୍ଭିକ୍ଷ ପୀଡ଼ିତ ସ୍ତ୍ରୀମାନଙ୍କୁ ସୂତା କାଟିବା ସକାଶେ ତୁଳା ଦିଆଯିବ ଓ ତାହା ସେମାନେ କାଟି ଦେବେ ସେମାନଙ୍କ ଭରଣପୋଷଣ ଅନୁଯାୟୀ ଚାଉଳ ଦିଆଯିବ।"

---

## ବଡ଼ଲାଟ ପୁତ୍ରଙ୍କ ବାସ ଭବନରେ

### ସଶସ୍ତ୍ର ଭାରତବାସୀ

### ପୁଲିସ ତଦନ୍ତ

ଅକ୍ଟୋବର ତା ୨୭ ରଖ ଲାହୋରରୁ ପ୍ରକାଶ ଯେ ବଡ଼ଲାଟ ଲର୍ଡ ଲିନ୍ଲିଥଗୋଙ୍କ ପୁତ୍ରଙ୍କର ଲାହୋର କ୍ୟାଣ୍ଟୋନ୍ମେଣ୍ଟ ସ୍ଥିତ ବାସ ଭବନରେ ଜଣେ ସଶସ୍ତ୍ର ଭାରତବାସୀ ତାଙ୍କର ଅନୁପସ୍ଥିତ ସମୟରେ ପ୍ରବେଶ କରି ଲୁଚିରହିଥିଲା। ରକ୍ଷୀ ସନ୍ଧ୍ୟାକୁ କରିଥିଲା ମାତ୍ର ତାଙ୍କର ଜଣେ ପ୍ରହରୀ ତାକୁ ଦେଖିଯାଇ ଗୋଳମାଳ ଆରମ୍ଭ କରିବାରୁ ପ୍ରବେଶକାରୀର ଚେଷ୍ଟା ବିଫଳ ହୋଇଅଛି। ପୁଲିସ ତଦନ୍ତରେ ଗୋଟିଏ ୧୮ ଇଞ୍ଚ ଲମ୍ବା ଛୁରି ଏବଂ ଗଣ୍ଡେ ବନ୍ଧୁକ ଗୁଳି ପାଇଅଛି।

ବଡ଼ଲାଟଙ୍କ ପୁତ୍ର ଲର୍ଡ ହୋପ ଆଗାମୀ ସୋମବାର ଏଠାରୁ ଯାତ୍ରା କରୁଅଛନ୍ତି।

Digitized by srujanika@gmail.com

# ଉତ୍କଳଦୀପିକା

ଅକ୍ଟୋବର ୨୮ ତାରିଖ ଶନିବାର

## ନୂତନ ଓଡ଼ିଶା ପ୍ରଦେଶର ଶାସନ ବ୍ୟବସ୍ଥା

(୩)

ଓଡ଼ିଶା ଶାସନ କମିଟି ଶିକ୍ଷା ପ୍ରତିନିଧିମାନଙ୍କ ଠାରୁ ସେସବୁ ବକ୍ତବ୍ୟରେ ମତାମତ ନେଇଥିଲେ ତନ୍ମଧ୍ୟରେ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ବିଷୟ ସର୍ବପ୍ରଧାନ । ନୂତନ ପ୍ରଦେଶ ନିମନ୍ତେ ସ୍ୱତନ୍ତ୍ର ହାଇକୋର୍ଟ କିମ୍ବା ଅନ୍ତତଃ ପକ୍ଷେ ଚିଫକୋର୍ଟ ହେବା ଉଚିତ ବାଞ୍ଛନୀୟ ବୋଲି ଆମ୍ଭେମାନେ ତାସ ମିଟିରେ ପ୍ରକାଶ କରିଅଛୁଁ ।

ନୂତନ ଓଡ଼ିଶା ପ୍ରଦେଶ ନିମନ୍ତେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଆବଶ୍ୟକ ଏ ବିଷୟରେ କୌଣସି ମତଭେଦ ହୋଇନପାରେ । ଓଡ଼ିଶାର ଶିକ୍ଷାଶିଳ୍ପ ଓ ସାହିତ୍ୟ ଯେ ଏକସମୟରେ ଗୌରବର ଶିଖରରେ ଥିଲା ଏହା କହିବା ବାହୁଲ୍ୟମାତ୍ର । ଓଡ଼ିଶାର ହିନ୍ଦୁ ରାଜାମାନେ ତାହାର ଉତ୍କର୍ଷ ସାଧନ ନିମନ୍ତେ ସର୍ବଦା ସଚେତନ ଥିଲେ ଓ ସେଥିନିମନ୍ତେ ପ୍ରଭୂତ ଅର୍ଥବ୍ୟୟ କରୁଥିଲେ । ମାତ୍ର ହିନ୍ଦୁରାଜାମାନଙ୍କର ପତନ ସଙ୍ଗେ ସଙ୍ଗେ ଓଡ଼ିଆ ସାହିତ୍ୟ ଓ ଶିଳ୍ପ କ୍ରମେ କ୍ରମେ ଦୁରବସ୍ଥା ପ୍ରାପ୍ତ ହୋଇଅଛି ।

ଓଡ଼ିଶା ବ୍ରିଟିଶ ସାମ୍ରାଜ୍ୟ ଅଧୀନରେ ଆସିବା ଦିନୁ ପ୍ରାଥମିକ ଶିକ୍ଷା କ୍ରମେ କ୍ରମେ ବିସ୍ତାର ଲାଭ କରୁଥିଲେହେଁ ଓଡ଼ିଶାର ସେହି ଶିକ୍ଷା ଶିଳ୍ପ ଓ ସାହିତ୍ୟ ଥିଲା ତାହାର ବିଶେଷ କିଛି ଉତ୍କର୍ଷ ସାଧନ ହୋଇନାହିଁ । ଏହାର କାରଣ ଏପର୍ଯ୍ୟନ୍ତ ଯେ ସରକାର ଏଥିପ୍ରତି ଉଦାସୀନ । ସରକାରଙ୍କ ଶାସନ ପଦ୍ଧତି ଅନୁଯାୟୀ ଅନ୍ୟାନ୍ୟ ପ୍ରଦେଶରେ ଶିକ୍ଷା ସାହିତ୍ୟ ଓ ଶିଳ୍ପର ତତ୍ତ୍ୱାବଧାନ ଓ ଉନ୍ନତି ଉଦ୍ଦେଶ୍ୟରେ ପ୍ରାୟ ସମସ୍ତ ପ୍ରଦେଶରେ ଗୋଟିଏ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ କରିଅଛନ୍ତି । ଓ ତାହାର ଅଧୀନରେ ... ଅନେକଗୁଡ଼ିଏ ସରକାର ଯୋଗାନ୍ତି । ଏତଦର୍ଥରୁ ପାଟଣା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଓ ଓଡ଼ିଶା ସମସ୍ତ ତାହାର ଅଧୀନରେ ଥିଲା । ଉକ୍ତ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ କର୍ତ୍ତାମାନେ ଓଡ଼ିଶା ସମ୍ବନ୍ଧେ ବଡ଼ ଉଦାସୀନ ଥିଲେ ଏବଂ ତାହାର ଶିକ୍ଷା, ସାହିତ୍ୟ ଓ ଶିଳ୍ପ ଉତ୍କର୍ଷ ସାଧନ ପ୍ରତି ମନୋଯୋଗ ହେଲା ନାହିଁ । ଦୁରଦୃଷ୍ଟ ଓଡ଼ିଆ ଜାତିର ଏଥିରୁ ଉତ୍ତରୋତ୍ତର ଶିକ୍ଷା ସାହିତ୍ୟ ଶିଳ୍ପର ଅବନତି ସମ୍ବନ୍ଧେ ଜଣାପଡ଼ିଲା ଆଉ ଅଗଣିତ ସ୍ଥଳେ ଏପରିକ ଏକସମୟରେ ଓଡ଼ିଶାର ସମସ୍ତ ପ୍ରାଥମିକ ବିଦ୍ୟାଳୟ ସାମାନ୍ୟରେ ବନ୍ଦ ହୋଇଗଲା ପ୍ରାୟ ପ୍ରଚଳନ କରିବା ଏବଂ ଓଡ଼ିଆ ଅଧିକ ପରିବର୍ତ୍ତେ ହିନ୍ଦୀ ଅକ୍ଷର ପ୍ରଚଳନ କରିବାକୁ ମଧ୍ୟ ଚେଷ୍ଟା କରାଯାଇଥିଲା । ମାତ୍ର କତିପୟ ଓଡ଼ିଶାର ନେତାମାନଙ୍କ ପ୍ରବଳ ଯତ୍ନ ଓ ପରିଶ୍ରମ ଫଳରେ ତାହା ଫଳବତୀ ହୋଇ ପାରିନଥିଲା । କଟକ ରେଭେନ୍ସା କଲେଜକୁ ବିଶ୍ୱବିଦ୍ୟାଳୟ ପରିଣତ କରିବା ନିମନ୍ତେ ଜନସାଧାରଣଙ୍କର ଦୀର୍ଘଦିନର ଆକାଂକ୍ଷା ପୂରଣ ହୋଇପାରି ନାହିଁ । ଆମ୍ଭେମାନେ ଏଥିପାଇଁ ଅନୁରୋଧ କରୁଅଛୁଁ ଯେ ଓଡ଼ିଶାର ଶିକ୍ଷା ସାହିତ୍ୟ ଓ ଶିଳ୍ପର ସ୍ୱାଧୀନତା ରକ୍ଷାକରିବା ଓ ତାହାର ଉତ୍କର୍ଷ ସାଧନ କରିବା କୌଣସି ଅନ୍ୟ ପ୍ରଦେଶର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରିବା ସମୀଚୀନ ନୁହେଁ ଏବଂ ଏହିସବୁ କାରଣରୁ ନୂତନ ଓଡ଼ିଶା ପ୍ରଦେଶ ନିମନ୍ତେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ପକ୍ଷରେ ଓଡ଼ିଶାର ସମସ୍ତ ଶିକ୍ଷିତ ନେତାମାନେ ମତ ପ୍ରକାଶ କରିଅଛନ୍ତି ।

ଓଡ଼ିଆ ଜାତି ଗତ ୧୫ବର୍ଷ ହେଲା ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ସକାଶେ ଆନ୍ଦୋଳନ କରୁଅଛନ୍ତି ଓ ରେଭେନ୍ସା କଲେଜର ଉତ୍ସବ ସମୟରେ ତତ୍କାଳୀନ ପ୍ରାଦେଶିକ ଶାସନ କର୍ତ୍ତାଙ୍କ ଉକ୍ତ ଓଡ଼ିଆ ଜାତିର ସ୍ଥାନରେ ନିଶ୍ଚୟ ପ୍ରଶଂସା କରିଥିଲେ ଥିଲା । ଉକ୍ତ ଆଶା ଫଳବତୀ ହେବାର ବର୍ତ୍ତମାନ ସମୟ ଆସିଅଛି ଏବଂ ଓଡ଼ିଆ ଜାତିର ଆନ୍ଦୋଳନ ଫଳରେ ନୂତନ ପ୍ରଦେଶ ଗଠନ ହେଉଥିବା ବେଳେ ତାହା ଯେ ଫଳବତୀ ହେବ ଏହା ଆଶାକରିବା ସ୍ୱାଭାବିକ । ଓଡ଼ିଶା ଶାସନ କମିଟିଙ୍କ ନିକଟରେ ଓଡ଼ିଆ ଜାତିର ଏ ଦାବି ଉପେକ୍ଷଣୀୟ ହେବ ନାହିଁ ଏ ସମ୍ବନ୍ଧେ ଆମ୍ଭେମାନେ ଦୃଢ଼ ଭାବରେ ଆଶାପୋଷଣ କରୁଅଛୁଁ ।

(୪) ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନର ଉପାଦାନ ସମ୍ବନ୍ଧ ଅନେକ ପରିମାଣରେ କଟକ ରେଭେନ୍ସା କଲେଜରେ ବିଦ୍ୟମାନ ଏବଂ ଯାହାକିଛି ଆଉ ଆବଶ୍ୟକ ହେବ ତାହାର ବ୍ୟୟ ଏପରି କିଛି ଅଧିକ ହେବନାହିଁ ଯେ ତଦ୍ଦ୍ୱାରା ବିଶ୍ୱବିଦ୍ୟାଳୟ ସ୍ଥାପନ ସ୍ଥଗିତ ରଖାଯିବା ଉଚିତ ବୋଲି ଓଡ଼ିଶା ଶାସନ କମିଟି ବିବେଚନା କରିବେ । ରେଭେନ୍ସା କଲେଜରେ ଯେଉଁ ଅଧ୍ୟାପକମାନେ ଅଛନ୍ତି ସେମାନେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ହେବେ ଏବଂ ଅଳ୍ପ କେତେଜଣ ଆବଶ୍ୟକ ହୋଇପାରନ୍ତି ।

ଗୁଣି କୋର୍ଟ କମିଟିର ରିପୋର୍ଟର ସୁପାରିଶ କାର୍ଯ୍ୟକାରୀ କରାଯିବା ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନରେ ଏକଦ୍ୱାଲୀନ ଆଠିଏହଜାର ଓ ବାର୍ଷିକ ମୂଳଧନ ହଜାର ଟଙ୍କା ଦେବ ବୋଲି ଅନୁମାନ ପ୍ରକାଶ କରିଅଛନ୍ତି । ଆମ୍ଭେମାନେ ଏ ସମ୍ବନ୍ଧରେ ବିଶେଷ କିଛି କହି ପାରୁନାହୁଁ ମାତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ହେଲେ ବେଶି ଅସୁବିଧା ହେବନାହିଁ । ଓଡ଼ିଶାର ଦରିଦ୍ର ଲୋକମାନଙ୍କର ଅର୍ଥ ସାହାଯ୍ୟ ନେବାକୁ ଏଥିରେ କୌଣସି ସନ୍ଦେହ ନାହିଁ ।

ପ୍ରଥମ ସ୍ଥାପନ ସମୟରେ ଯେଉଁ ଏତ ଖରଚ ହେବ ତହିଁରେ ଅଧିକ ଯାଉଛି ବେଶୀ ଲାଗିବ ମାତ୍ର ଏହି କାରଣରୁ ଏ ଅତି ଅପୂରଣୀୟ କ୍ଷତି ଓଡ଼ିଆ ଜାତିକୁ ବହନ କରିବାକୁ ହେବ । ଭାରତ ସରକାର ଏହି ଏକକାଳୀନ ଖର୍ଚ୍ଚ ନିମନ୍ତେ ଅର୍ଥ ସାହାଯ୍ୟ କରିବା ଆବଶ୍ୟକ ଏବଂ ଏଥିପାଇଁ ଲର୍ଡ଼ ଇରୱିନଙ୍କ ସ୍ଥାପିତ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କ ସକାଶେ ଦେଇ ଅଛନ୍ତି । ପାଟଣାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ସମୟରେ ପ୍ରାୟ ୩୬ଲକ୍ଷ ଟଙ୍କା ଏକକାଳୀନ ସାହାଯ୍ୟ ଦେଇଥିଲେ । ଓଡ଼ିଶା ଅନ୍ୟ ପ୍ରଦେଶମାନଙ୍କ ତୁଳନାରେ ଶିକ୍ଷା ସାହିତ୍ୟ ଓ ଶିଳ୍ପ ଉନ୍ନତି କରିବାରେ ସ୍ୱଭାବ ସରକାରଙ୍କଠାରୁ ସମାନ ବ୍ୟବହାର ପାଇନାହିଁ । ବର୍ତ୍ତମାନ ନୂତନ ପ୍ରଦେଶ ଗଠନ ସମୟରେ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ସକାଶେ ଓଡ଼ିଶାକୁ ବିଶେଷ ଭାବରେ ଅର୍ଥ ସାହାଯ୍ୟ କରିବା ସରକାରଙ୍କ ଜନ୍ମିତ ... ଓଡ଼ିଆ ଜାତି ନ୍ୟାଯ୍ୟରଃ ଦାବି କରୁଅଛନ୍ତି । ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ନ ହେଲେ ଓଡ଼ିଆ ଜାତିର ଗୋଷ୍ଠୀଏ ଉନ୍ନତିର ଯୋଗତ ଅବସ୍ଥା ଅପୂରଣ ରହିଯିବ ଏବଂ ନୂତନ ଓଡ଼ିଶା ପ୍ରଦେଶ ଗଠନ ସିଦ୍ଧାନ୍ତରେ ଜନସାଧାରଣ ଯେପରି ଆନନ୍ଦ ଅନୁଭବ କରିଅଛନ୍ତି ତାହା ଅନେକ ପରିମାଣରେ ବ୍ୟାପୃତ ହେବ । ନୂତନ ପ୍ରଦେଶ ଗଠନ ସଙ୍ଗେ ସଙ୍ଗେ ଉକ୍ତ ପ୍ରସ୍ତାବିତ ଅନୁଷ୍ଠାନମାନ ପ୍ରତିଷ୍ଠିତ ନ ହେଲେ ସେ ପ୍ରଦେଶ ସର୍ବାଙ୍ଗ ସୁନ୍ଦର ହେବନାହିଁ ଏବଂ ନାମ ମାତ୍ର ପ୍ରଦେଶଟିଏ ହେବ ତାହା ଉଚିତ ନୁହେଁ ସେ ସେ ଅନୁଷ୍ଠାନ କରିବାର ସେଥିସକାଶେ ସେ ଅନ୍ୟ ପ୍ରଦେଶର ମୁଖାପେକ୍ଷୀ ହେବ ଏବଂ ଫଳରେ ଯାହା ଉଚିତ ନୁହେଁ ତାହା ହେବ ।

## ଟିପ୍ପଣୀ

ଆମ୍ଭେମାନେ ଏ ସଂଖ୍ୟାରେ ୧୮୬୭ ମସିହା ଷଷ୍ଠିରୁ ଉଇଲିଆମ ଗ୍ରାଣ୍ଟଙ୍କ ପ୍ରତି ଓଡ଼ିଆ ଜନସାଧାରଣ ଉପଟିଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ । ଜନୈକ ପୀଡ଼ିତ ଅଞ୍ଚଳର ବିଭିନ୍ନ କେନ୍ଦ୍ରରେ ଧାନ ଗୋଲା ସ୍ଥାପନ ଦ୍ୱାରା ସେ ଅଞ୍ଚଳର ବହୁ ଲୋକଙ୍କ ଉପକାର ହୋଇଅଛି ମାତ୍ର ଏବେ ଗୋଲା ଓ ସେଠାର ଧାନ ବିଷୟ ଉପଯୁକ୍ତ ତତ୍ତ୍ୱାବଧାନର ସୁବନ୍ଦୋବସ୍ତ ହେବା ଦରକାର ।

### କଟକରେ ହଇଜା

କଟକରେ ପୁନର୍ବାର ହଇଜା ଆରମ୍ଭ ହେବାର ଆମ୍ଭେମାନେ ଏଥିପୂର୍ବେ ଲେଖିଅଛୁଁ । ଏଥି ମଧ୍ୟରେ କଟକର ବଡ଼ ଡାକ୍ତରଖାନାରେ ଅନେକ ସ୍ଥାନରେ ରୋଗୀ ପଡ଼ିବାର ଖବର ମିଳେ । ସହରର ବାହାର ସ୍ଥାନମାନଙ୍କରୁ ଏ ରୋଗୀ ବହୁ ଆସିଅଛନ୍ତି । ମ୍ୟୁନିସିପାଲ କର୍ତ୍ତୃପକ୍ଷମାନେ କଣ କରୁଅଛନ୍ତି କିଛି ଜଣାପଡ଼ୁ ନାହିଁ । ହଇଜା ପ୍ରତି ଷେଧକ ଟୀକା ଫଳପ୍ରଦ ବୋଲି ଜନସାଧାରଣଙ୍କର ବିଶ୍ୱାସ ।

ଆମ୍ଭମାନଙ୍କର ପ୍ରତିବେଶୀ ରାଜ୍ୟ, ସ୍ୱର୍ଗୀୟ ଡାକ୍ତର ଭଗବାନ ଚୌଧୁରୀଙ୍କ ଜ୍ୟେଷ୍ଠପୁତ୍ର ଶ୍ରୀମାନ ଧର୍ମାନନ୍ଦ ଚୌଧୁରୀ ବେ ଏ ପ୍ରୁଭେଟ୍, ଡାକ୍ତର ବିଧୁ ପଢ଼ିଲେ ଏବଂ ଯଶୋହର କଟକ ମେଡ଼ିକାଲ ସ୍କୁଲର ... ଗଲେ ଚିକିତ୍ସାର ହୋଇ ଆସିବାର କୃତ୍ରିମ ହୋଇଥିବା ତାଙ୍କର ଡାକ୍ତରୀ ଜାଣିଥିବାରେ ମୃତ୍ୟୁ ହୋଇଯାଇଅଛି । ଡାକ୍ତର ଯଦି ଜାଣିଥାନ୍ତେ ଭଲଥିବାରୁ ସେ କଟକ ଆସିବା ପୂର୍ବରୁ ତାଙ୍କ ଦର୍ଶନସକାଶେ ଜାଣିପାରିଥିଲେ ।

ଆମ୍ଭେମାନେ ଶୋକ ସନ୍ତପ୍ତ ପରିବାରଙ୍କ ସମବେଦନା ଜଣାଉଅଛୁଁ ।

ପାଟଣା ଖବରରୁ ପ୍ରକାଶ ଯେ ତାରୁ ଭଲକେନ୍ଦ୍ର ପ୍ରସାଦ ପୁରୀ ଶାସ୍ତ୍ରୀ ବିଗତରେ ଆକ୍ରାନ୍ତ ହୋଇ ପାଟଣା ମେଡ଼ିକାଲ ସେଠାକାର ହାସ୍ପିଟାଲକୁ ଅଣାଯାଇ ଚିକିତ୍ସିତ ହେଉଅଛନ୍ତି । ମାତ୍ର ତାଙ୍କର ହାସ୍ପିଟାଲରେ ବହୁତ ଦାଇଲେ ତାହାଙ୍କର ଲୋକ ଦେଖା ସାକ୍ଷାତ କରିବା ପକ୍ଷେ କଷ୍ଟକର ହୋଇ ଯାଇଅଛି ।

Split by PDF Splitter

Digitized by srujanika@gmail.com

# ଭିଠଲ ଭାଇ ପଟେଲଙ୍କ ମୃତ୍ୟୁ

## ଶେଷ ମୁହୂର୍ତ୍ତ ବାଣୀ

### ଭାରତ ସ୍ୱାଧୀନତା ପାଇଁ ପ୍ରାର୍ଥନା

ଅକ୍ଟୋବର ତା ୨୨ ରବି ରାତ୍ରି ୧୧ଟା ୫୦ ମିନିଟ ସମୟରେ ଭିଠଲ ଭାଇ ପଟେଲ ଜେନେଭାଠାରେ ପରଲୋକ ପ୍ରାପ୍ତ ହେଲେ। ମୃତ୍ୟୁର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କର ଚେତନା ଥିଲା ଏବଂ ସେ ସୁଭାଷ ବୋଷ ଓ ଉପସ୍ଥିତ ଥିବା ଅନ୍ୟାନ୍ୟ ବନ୍ଧୁମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ।

ମୃତ୍ୟୁର କେତେକ କ୍ଷଣ ପୂର୍ବରୁ ସେ କହିଥିଲେ "ମୋର ଦେଶବାସୀଙ୍କୁ ଏବଂ ଅନ୍ୟାନ୍ୟ ବନ୍ଧୁବର୍ଗଙ୍କୁ ମୋର ଆଶୀର୍ବାଦ ଜଣାଇ ଦେବେ। ମୃତ୍ୟୁ ପୂର୍ବରୁ ଭଗବାନଙ୍କ ନିକଟରେ ମୁଁ ପ୍ରାର୍ଥନା କରୁଅଛି **ଭାରତ ଶୀଘ୍ର ସ୍ୱାଧୀନତା ପାଉ।**"

## ଦେଶବ୍ୟାପୀ ହାହାକାର

ସ୍ୱର୍ଗୀୟ ଭିଠଲ ଭାଇ ପଟେଲଙ୍କ ମୃତ୍ୟୁରେ ଭାରତ ବ୍ୟାପୀ ହାହାକାର ପଡିଅଛି।

---

## ସଂକ୍ଷିପ୍ତ ଜୀବନୀ

ସ୍ୱର୍ଗୀୟ ଭିଠଲ ଭାଇ ପଟେଲ ଗୁଜରାଟ ପ୍ରଦେଶସ୍ଥ କାଇରା ଜିଲ୍ଲାର କରମସଦ ଗ୍ରାମରେ ପାଟିଦାର ସମ୍ପ୍ରଦାୟର ଜଣେ ଧନୀ କୃଷକ ଘରେ ଜନ୍ମଗ୍ରହଣ କରିଥିଲେ। ସେ ଇଂଲଣ୍ଡ ଓ ଆଇନ ଅଧ୍ୟୟନ କରି ଜନ୍ମ ନଗରରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ସେ ୧୯୧୯ ସାଲରେ ପ୍ରବର୍ତ୍ତିତ ମଣ୍ଟ-ଫୋର୍ଡ ଶାସନ ସଂସ୍କାର ଆଇନର ସେ ପକ୍ଷପାତି ନଥିଲେ ଏବଂ ତାହା ଗ୍ରହଣ ନ କରିବା ସମ୍ବନ୍ଧେ ପାର୍ଲିଆମେଣ୍ଟର କମିଟି ନିକଟରେ କଂଗ୍ରେସ ପ୍ରତିନିଧି ସ୍ୱରୂପ ସାକ୍ଷ୍ୟ ଦେଇଥିଲେ। ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନର ସେ ପୋଷକତା କରୁଥିଲେ। ସେ ସବୁ କଥା ସ୍ପଷ୍ଟଭାବେ ଜଣାଉ ଥିଲେ, ତଥାପି କଂଗ୍ରେସ ସଦସ୍ୟ ହେବାପରେ ସେ ଅନେକାଂଶରେ ମହାତ୍ମାଙ୍କ ସହିତ ଏକମତ ହୋଇ ପାରୁନଥିଲେ। ତେଣୁ, ଦାସ ମତିଲାଲ ନେହେରୁଙ୍କ ସହିତ ସ୍ୱରାଜ୍ୟ ଦଳ ଗଠନ କରି ଏସେମ୍ବ୍ଲିରେ ପ୍ରବେଶ କଲେ ଏବଂ ଶେଷରେ ଏସେମ୍ବ୍ଲିର ସଭାପତି ପଦରେ ନିର୍ବାଚିତ ହୋଇଥିଲେ।

୧୯୨୫ ମସିହାରେ ଭାରତ ବ୍ୟବସ୍ଥାପକ ସଭାର ସଭାପତି ନିର୍ବାଚନ ସମୟରେ ସେ ଭୀଷଣ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ ନିର୍ବାଚିତ ହୋଇଥିଲେ। ସଭାପତି ଆସନ ଗ୍ରହଣ କଲାବେଳେ ତାଙ୍କ ସେହି ଦିନର ପୋଷାକ ଦେଖି ସରକାର ତାହା ଅଦେଶୀ ସ୍ୱରାଜରେ ପ୍ରସ୍ତୁତ ହୋଇଥିବା ଜାଣି ସେ ତାହା ନ ପିନ୍ଧି ସରକାରୀ ପୋଷାକ ପିନ୍ଧିବା ପାଇଁ ଚେଷ୍ଟା କରିଥିଲେ। ସେ ପୋଷାକ ପ୍ରସ୍ତୁତ କରାଇ ବ୍ୟବହାର କରୁଥିଲେ।

ଭାରତ ବ୍ୟବସ୍ଥାପକ ସଭାର ସଭାପତି ରୂପେ ସେ ଯେପରି ନିର୍ଭୀକ ଓ ନିରପେକ୍ଷ ଭାବରେ କାର୍ଯ୍ୟ କରିଥିଲେ ତାହା ସମସ୍ତଙ୍କ ଅଶେଷ ପ୍ରଶଂସା ଲାଭ କରିଥିଲା।

୧୯୨୭ ସାଲରେ ସ୍ୱର୍ଗୀୟ ପଣ୍ଡିତ ମୋତିଲାଲଙ୍କ ନେତୃତ୍ୱରେ ଯେତେବେଳେ ସ୍ୱରାଜ ଦଳ

## ଅନ୍ତ୍ୟେଷ୍ଟି କ୍ରିୟା

ସ୍ୱର୍ଗୀୟ ଭିଠଲ ଭାଇ ପଟେଲ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ଭାରତରେ ହେବା କାରଣ ମୃତ୍ୟୁ ପୂର୍ବରୁ ଇଚ୍ଛା ପ୍ରକାଶ କରିଥିଲେ। ତଦନୁସାରେ ତାଙ୍କର ନଶ୍ୱର ଶରୀର ଭାରତକୁ ଆଣାଯାଉ ଅଛି ଓ ବମ୍ବେଠାରେ ନଭେମ୍ବର ୪ କିମ୍ବା ୫ ତାରିଖରେ ଆସି ପହଞ୍ଚିବ।

---

ଏସେମ୍ବ୍ଲି ଗୃହ ସ୍ୱଳ୍ପରେ ଯେତେବେଳେ ସେ ଏସେମ୍ବ୍ଲି କାର୍ଯ୍ୟ ପ୍ରଣାଳୀ ରଖିଥିଲେ ଏବଂ ସରକାରଙ୍କୁ ସୂଚନା ଦେଇଥିଲେ ଯେ ନେତୃତ୍ୱ ଅଧିକ ଅନୁପସ୍ଥିତିରେ ସରକାର ଯେପରି ନୂଆ ଆଇନ ଗଢି ନ ପାରନ୍ତି।

୧୯୨୭ ସାଲରେ ସେ ଦ୍ୱିତୀୟ ଥର ପାଇଁ ସଭାପତି ନିର୍ବାଚିତ ହୋଇଥିଲେ। ବିଲାତ ଓ ଆମେରିକା ପାର୍ଲିଆମେଣ୍ଟ ମାନଙ୍କର କାର୍ଯ୍ୟ ପ୍ରଣାଳୀ ମାନ ସ୍ୱଚକ୍ଷୁରେ ଦେଖି ସେହିପରି ପ୍ରଣାଳୀମାନ ଭାରତ ଏସେମ୍ବ୍ଲିରେ ପ୍ରବର୍ତ୍ତିତ କରିବା ଉଦ୍ଦେଶ୍ୟରେ ସେ ବିଲାତ ଯାଇଥିଲେ। ସେଠାକାର କାର୍ଯ୍ୟ ପ୍ରଣାଳୀ ଦେଖି ଓ ପାର୍ଲିଆମେଣ୍ଟର ସଦସ୍ୟମାନଙ୍କ ସହିତ ଆଲୋଚନା ଫଳରେ ସେ ଯେଉଁ ଅଭିଜ୍ଞତା ଲାଭ କରିଥିଲେ ତାହା ଏସେମ୍ବ୍ଲି ପରିଚାଳନା କାର୍ଯ୍ୟରେ ବିଶେଷ ଭାବରେ ଫଳପ୍ରଦ ହୋଇଥିଲା।

୧୯୨୮ ସାଲରେ ରିଜର୍ଭ ବ୍ୟାଙ୍କ ବିଲ ଏବେ ଅଟ୍ରାକ୍ୟୁ ବେଞ୍ଚରେ ସଂଶୋଧିତ ବିଲ ପୁନଃ ପାସ୍ କରିବା କାରଣ ସରକାର ଉପସ୍ଥାପିତ କରିବାରେ ପଟେଲ ରାଏ ଦେଇଥିଲେ ଯେ ଉକ୍ତ ସମୟ ଗତ ନ ହେଲେ ଏ ପ୍ରସ୍ତାବ ଆଗତ ହୋଇପାରି ନ ପାରେ।

ସେହିପରି "ପବଲିକ୍ ସେଫ୍‌ଟି ଆକ୍ଟ" ନାମ ଥରେ ଗୃହୀତ ହୋଇ ସଂଶୋଧିତ ଆକାରରେ ଯେତେବେଳେ ପୁନା ଆଗତ ହେଲା ସେତେବେଳେ ପଟେଲ ରାଏ ଦେଲେ ଯେ ମିରଟ ଷଡଯନ୍ତ୍ର ମୋକଦ୍ଦମା ଚାଲୁଥିବାରୁ ଏସେମ୍ବ୍ଲି ଏ ଆଇନ ବର୍ତ୍ତମାନ ବିଚାର କରି ପାରିବେ ନାହିଁ କାରଣ ସରକାରଙ୍କର ଏ ଆଇନଟି ନିତାନ୍ତ ଆବଶ୍ୟକ ଥିବା ଯୋଗୁଁ ତାହା ବିଶେଷ କ୍ଷମତା ବଳରେ ପାସ କଲେ ଏ ସଙ୍କଟରେ ପ୍ରସ୍ତୁତ

ବଲ ପଟେଲ ସଭାପତି ପଦ ଗ୍ରହଣ କରିବା ସମୟରେ କହିଥିଲେ ଯେ ସେ ଦେଶରେ ସରକାର ଦଳ କିମ୍ବା ସ୍ୱରାଜ୍ୟ ଦଳ କୌଣସି ଦଳଭୁକ୍ତ ନୁହନ୍ତି। ମାତ୍ର ବଡଲାଟ ଏସେମ୍ବ୍ଲିରେ ବକ୍ତୃତାରେ ସଭାପତିଙ୍କ ଲକ୍ଷ୍ୟ କରି କେତେକ ଅବମାନନା ସୂଚକ ଉକ୍ତି କରିଥିବାରୁ ପଟେଲ ସେ ସମ୍ବନ୍ଧେ ବଡଲାଟଙ୍କ ନିକଟ ଲେଖିଥିଲେ ଓ ଫଳରେ ସେ ସେଥିପାଇଁ ଦୁଃଖ ପ୍ରକାଶ କରିଥିଲେ।

୧୯୨୮ ସାଲରେ ବର୍ଦ୍ଦୋଲିରେ ଯେ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା ସେଥିପ୍ରତି ତାଙ୍କର ପୂର୍ଣ୍ଣ ସହାନୁଭୂତି ଥିଲା ଏବଂ ସେଥିପାଇଁ ସେ ମାସିକ ଟ ୧୦୦୦ ସାହାଯ୍ୟ କରୁଥିଲେ। ଏସେମ୍ବ୍ଲି ପ୍ରେସିଡେଣ୍ଟ ରୂପେ ସେ ଯାହା ବେତନ ପାଉଥିଲେ ତହିଁର ଅର୍ଦ୍ଧାଂଶ ଦେଶ ହିତକର କାର୍ଯ୍ୟରେ ବ୍ୟୟ କରିବା କାରଣ ସେ ମହାତ୍ମାଗାନ୍ଧିଙ୍କୁ ଦେଉଥିଲେ।

୧୯୨୯ ସାଲ ଲାହୋର କଂଗ୍ରେସ ନିର୍ଦ୍ଦେଶାନୁସାରେ ସେ ଏସେମ୍ବ୍ଲି ସଭାପତି ପଦ ତ୍ୟାଗ କରି କଂଗ୍ରେସ ସଭାପତି କାର୍ଯ୍ୟ ଗ୍ରହଣ କଲେ। କଂଗ୍ରେସ ଆଇନ ଅମାନ୍ୟ ନୀତି ଅନୁସରଣ ଫଳରେ ତାଙ୍କୁ ୬ମାସ କାରାଦଣ୍ଡ ହୋଇଥିଲା ଏବଂ ତାଙ୍କୁ ମୁଲତାନ ଜେଲରେ ରଖା ଯାଇଥିଲା। ଜେଲରେ ଥିବା ସମୟରେ ତାଙ୍କର ସ୍ୱାସ୍ଥ୍ୟ ଅସୁସ୍ଥତା ଯୋଗୁ ତାଙ୍କୁ ଅଚିରେ ମୁକ୍ତ କରି ଯାଇଥିଲା। ସେହିହେତୁ ୧୯୩୧ ଜାନୁଆରୀ ମାସରେ ତାଙ୍କୁ ଛାଡି ଦିଆଯାଇଥିଲା ଏବଂ ଫେବ୍ରୁଆରୀରେ ସେ ଚିକିତ୍ସାର୍ଥ ୟୁରୋପ ଯାତ୍ରା କରିଥିଲେ। ଶରୀର ସୁସ୍ଥ ହେବା ପରେ ସେ ଭାରତର ମଙ୍ଗଳ କାମନାରେ ଆମେରିକା ଓ ଆୟର୍ଲାଣ୍ଡ ଭ୍ରମଣ କରି ପ୍ରଚାର କାର୍ଯ୍ୟ କରିଥିଲେ। ମାତ୍ର ଦୁଇ ବର୍ଷ ପରେ ସେ ଅତ୍ୟଧିକ ପରିଶ୍ରମ ହେତୁ ପୁନରାୟ ସ୍ୱାସ୍ଥ୍ୟ ଭଙ୍ଗ ହେଲା ଏବଂ ଶେଷରେ ସେ ଜେନେଭାଠାରେ ପରଲୋକ ପ୍ରାପ୍ତ ହୋଇଅଛନ୍ତି। ଜଣେ ନିଷ୍ଠାବାନ ଦେଶସେବକ ଗଲେ ଭାରତ।

—o—

## କଟକ ଜେଲରେ ଅନଶନ

### ସମ୍ବାଦ ଅମୂଳକ

ଆମ୍ଭମାନଙ୍କ ସହଯୋଗୀ "ସମାଜ"ରେ ପ୍ରକାଶ ପାଇଥିଲା ଯେ ରାଜବନ୍ଦୀ ପିନକି ସ୍ୱାମୀ ମହାନ୍ତି ଜେଲ କର୍ତ୍ତୃପକ୍ଷଙ୍କ ଦୁର୍ବ୍ୟବହାର ଯୋଗୁଁ ଅନଶନ ଅବଲମ୍ବନ କରିଅଛନ୍ତି। ମାତ୍ର ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ଓ ଅନ୍ୟାନ୍ୟ ସୂତ୍ରରୁ ଆମ୍ଭେମାନେ ଖବର ପାଉଅଛୁ ଯେ ଏ ସମ୍ବାଦ ସମ୍ପୂର୍ଣ୍ଣ ଅମୂଳକ। ଶ୍ରୀମାନ୍ ପିନକି ସ୍ୱାମୀଙ୍କ କଟକ ଜେଲ ପରିଦର୍ଶକମାନଙ୍କ ନିକଟରେ ପ୍ରକାଶ କରିଅଛନ୍ତି ଯେ ଜେଲ କର୍ତ୍ତୃପକ୍ଷମାନେ ତାଙ୍କ ପ୍ରତି ସେତେବେଳେ ଖରାପ ବ୍ୟବହାର କରନ୍ତି ନାହିଁ କିମ୍ବା ସେ ଅନଶନ ବ୍ରତ କରିନାହାନ୍ତି।

---

ଶ୍ରୀଯୁକ୍ତ ଦାମୋଦର ତା ୨୩ ଶନିବାର କାସିକ ଜେଲରୁ ଖଲାସ ହେଲେ। ତାଙ୍କର ସ୍ୱାସ୍ଥ୍ୟହାନି ହୋଇଥିଲା ପରି ଜଣାଯାଏ।

---

Split by PDF Splitter

Digitized by srujanika@gmail.com

Split by PDF Splitter

୨୦୪



# ଓଡ଼ିଶାରେ ବନ୍ୟା

## ବନ୍ୟା‌ଅଞ୍ଚଳ ଅବସ୍ଥା

ଶ୍ରୀଯୁକ୍ତ ହରେକୃଷ୍ଣ ଓ ଗୋପବନ୍ଧୁ ସାହୁଙ୍କ ମହାତ୍ମା ଗାନ୍ଧୀ ଓଡ଼ିଶା ବନ୍ୟା ସାହାଯ୍ୟ କାର୍ଯ୍ୟର ତତ୍ତ୍ୱାବଧାନ କରିବାକୁ ପଠାଇ ଅଛନ୍ତି ସେ ବର୍ତ୍ତମାନ ବନ୍ୟାପୀଡ଼ିତ ଅଞ୍ଚଳମାନ ବୁଲୁଅଛନ୍ତି। ସେମାନଙ୍କର ଅବସ୍ଥା ବଡ଼ ଶୋଚନୀୟ ବୋଲି ତାଙ୍କର ଅଭିମତ। ଗତ ବର୍ଷାରେ ସମସ୍ତ ଫସଲ ନଷ୍ଟ ହୋଇଯାଇଅଛି।

— —

## ଦୀନବନ୍ଧୁ ଆଣ୍ଡ୍ରୁଜଙ୍କ ଉଦ୍ୟମ

ଓଡ଼ିଶା ବନ୍ୟା ସାହାଯ୍ୟାର୍ଥେ ୫ଙ୍କା ଓ ଲୁଗା, କମ୍ବଳ ଓ ଚାଉଳ ସଂଗ୍ରହ କରିବା ନିମନ୍ତେ ମିଃ ଆଣ୍ଡ୍ରୁଜ ଗ୍ରାଣ୍ଡ ଅନ୍ତର୍ଜାତୀୟ କର୍ମୀ ସଂଘର ସଭ୍ୟମାନେ ବମ୍ବେ (ଟେଲିଫୋନ) ଠାରୁ ଗୋଟିଏ ଖବର ବାର୍ତ୍ତା ଅବେଦନ ପତ୍ର ପ୍ରକାଶ କରିଅଛନ୍ତି।

———

ଶ୍ରୀଯୁକ୍ତ ଚାରୁ ଭୂଷଣ ଦାସ ଏମ୍-ଏଲ୍-ଏ ଙ୍କ ଅବେଦନ ଫଳରେ ଲକ୍ଷ୍ମୀ ଇନ୍‌ସିଓରେନ୍ସ କୋମ୍ପାନୀ ବନ୍ୟା ସାହାଯ୍ୟ ପାଣ୍ଠିକୁ ୫ ୨୫୦୲ଙ୍କା ଦାନ କରିଅଛନ୍ତି।

———

## ସାପ୍ତାହିକ ସାହାଯ୍ୟ

ଓଡ଼ିଶା ବନ୍ୟା ସାହାଯ୍ୟ କମିଟିଙ୍କ ନିକଟରୁ ଖବର ମିଳିଅଛି ଯେ ପୁରୀ ଓ କଟକ ଜିଲ୍ଲାର ୬ ଗୋଟି କେନ୍ଦ୍ରମାନଙ୍କରେ ବର୍ତ୍ତମାନ ୧୯୫୬୧ ଲୋକ ସାପ୍ତାହିକ ସାହାଯ୍ୟ ପାଉଅଛନ୍ତି। ତନ୍ମଧ୍ୟରୁ କଟକ ଜିଲ୍ଲା ସାଲେପୁରରେ ୪୬୮୩, ପଟେଶ୍ୱର ୬୬୦୦, ଅଦାସପୁର ୬୩୯୧, ନାଇଗୁଆ ୧୫୦୦, ଦନ୍ତି ୨୩୩ ଏବଂ ପୁରୀ ଜିଲ୍ଲା ଗୋପ ଅଞ୍ଚଳରେ ୧୪୬୦ ଏବଂ ବାଲିଅନ୍ତାରେ ୨୮୦୨। ଗତ ସପ୍ତାହରେ ୪୩ ମହଣ ୩୩ ସେର ୧୪ ଛଟାକି ଚାଉଳ ବଣ୍ଟା ହୋଇଅଛି।

———

## ସରକାରୀ କୃଷିବିଭାଗ
### ବିହନ ନଷ୍ଟ

ସରକାରୀ କୃଷି ବିଭାଗଙ୍କ ସରକାରୀ ବନ୍ୟା ଅଞ୍ଚଳରେ ବିହନ ଦିଆଯାଇ ଦେବାପାଇଁ ବ୍ୟବସ୍ଥା କରିବାର ଯେ ଉଦ୍ୟମ କରିଥିଲେ ତାହା ଏହା ସପ୍ତାହ ଅନ୍ତରରେ ବର୍ଷା ହୋଇଥିବାରୁ ନଷ୍ଟ ହୋଇଯାଇଥିବାର ପ୍ରକାଶ ସମସ୍ତ ଅଞ୍ଚଳରୁ ଖବର ମିଳିଅଛି।

———

ବିହାର ଓଡ଼ିଶା ସରକାରଙ୍କ ଭାରପ୍ରାପ୍ତ ମେମ୍ବର ଅନରେବଲ୍ ବାବୁ କା ସାହେବ ଏ ଲେଫ୍ଟେନାଣ୍ଟ ହେଲି ବନ୍ୟାର ଓଡ଼ିଶାର ବନ୍ୟା ସ୍ଥାନମାନଙ୍କରେ ଗସ୍ତ କରୁଅଛନ୍ତି। ସେ ବନ୍ୟା ପୀଡ଼ିତ ଲୋକଙ୍କ ଅଞ୍ଚଳ ବୁଲି ଦେଖିବାରେ ମାତ୍ର କେବଳ ଶାସନ ବାର୍ତ୍ତା ଜାଣିବା ଉଦ୍ଦେଶ୍ୟ କି ବାସ୍ତବ ବନ୍ୟା ସମ୍ପର୍କ ଜଣାଇବ?

———

## ବମ୍ବେ କମିଟିର ପ୍ରଥମ ସାହାଯ୍ୟ
### ମହାତ୍ମାଗାନ୍ଧିଙ୍କ ଚେଷ୍ଟା
### ପାଞ୍ଚଲକ୍ଷ ଟଙ୍କା ଲୋଡ଼ା

ଓଡ଼ିଶା ବନ୍ୟା ସାହାଯ୍ୟ କମିଟି ଜଣାଇ ଅଛନ୍ତି ଯେ ବମ୍ବେଠାରେ ଓଡ଼ିଶା ବନ୍ୟା ସାହାଯ୍ୟ ସକାଶେ ମହାତ୍ମାଗାନ୍ଧିଙ୍କ ଇଚ୍ଛାନୁସାରେ ଯେଉଁ କମିଟି ସ୍ଥାପିତ ହୋଇଅଛି ସେଠାରୁ ପ୍ରଥମ କିସ୍ତି ପାଞ୍ଚହଜାର ଟଙ୍କା ପଠା ଯାଇଅଛି। ଅତିଶୀଘ୍ର ଆଉ ଅଧିକ ଟଙ୍କା ଆସିବ।

ମହାତ୍ମାଗାନ୍ଧି ଓଡ଼ିଶା ବନ୍ୟା ସାହାଯ୍ୟ ସକାଶେ ପାଞ୍ଚଲକ୍ଷ ଟଙ୍କା ଚନ୍ଦା ଉଠାଇବାର ସ୍ଥିର କରିଛନ୍ତି।

———

## ଭାରତ ଲୋକସେବକ ସମିତିର ସାହାଯ୍ୟ

ସ୍ୱର୍ଗୀୟ ଲାଲା ଲଜପତ ରାୟ ଗତ ୧୯୨୭ ମସିହାରେ ଓଡ଼ିଶା ବନ୍ୟା ସାହାଯ୍ୟ ସକାଶେ ଯେଉଁ ଚନ୍ଦା ସଂଗ୍ରହ କରିଥିଲେ ସେଥିରୁ ଅବଶିଷ୍ଟ ଥିବା ଟଙ୍କାରୁ ଦୁଇହଜାର ଟଙ୍କା ବର୍ତ୍ତମାନ ବନ୍ୟା ସାହାଯ୍ୟ ସକାଶେ ଉପସ୍ଥିତ ଲୋକସେବକ ସମିତି ମଞ୍ଜୁର କରିଅଛନ୍ତି।

———

ଓଡ଼ିଶା ବନ୍ୟା ସାହାଯ୍ୟ କମିଟି ଗତ ସପ୍ତାହରେ ୮୬୬୦ ବୟସ୍କ ଓ ୬୧୧୧ ବାଳକ ବାଳିକା ମୋଟ ୧୪୭୭୧ ଜଣଙ୍କୁ ଚାଉଳ ବାଣ୍ଟିଥିଲେ। ଆମ୍ଭମାନଙ୍କ ଦେଶରେ ବାଳକ ବାଳିକାମାନଙ୍କ ବ ୫ ବର୍ଷ ହେଲେ ପରିବାରର କୌଣସି ନା କୌଣସି କାର୍ଯ୍ୟରେ ସହାୟତା କରିବାର ଦେଖାଯାଏ। ଏପରି ହେଲେହେଁ ବାଳକ ବାଳିକା ସାହାଯ୍ୟ ପାଇଥିବା ସଂଖ୍ୟା ଅଧିକ ଅବଶ୍ୟ ହେବ।

ଏବେ ବୃଦ୍ଧ ବୟସ୍କ ଓ ବାଳକ ବାଳିକାମାନଙ୍କୁ କୌଣସି କାର୍ଯ୍ୟରେ ଲଗାଇ ପାରୁଥିବା ନାହିଁ କି? ଏପରି ବନ୍ଦୋବସ୍ତ ହୋଇ ହେବ ଯେଉଁଥିରେ ଜଳ ପରିଶ୍ରମର ଅର୍ଥଲାଭ ଦ୍ୱାରା ପୋଷଣ ହେଉ ଅଛନ୍ତି ବୋଲି ସେମାନଙ୍କର ଆତ୍ମ ମର୍ଯ୍ୟାଦା କ୍ଷୁଣ୍ଣ ହୁଏନାହିଁ। ଏକଥା ସତ୍ୟ ଯେ ଆମ୍ଭମାନଙ୍କ ଦେଶରେ ଏପରି କଣ୍ଡା ହାଡ଼ିଥିବା ବୃଦ୍ଧ ବାଳ ବଚ୍ଚା ଲୋକେ ନେବାକୁ ସହଜ ଲୁଣି ଭାଗ ଏହା ଉଚିତ ବୃଦ୍ଧ ବା ବାଟ ଏବଂ ସେଉଁମାନେ ଏଥିରୁ ସାହାଯ୍ୟ ନେଉଛନ୍ତି ସେମାନଙ୍କୁ ଜନସାଧାରଣ ଘୃଣା ଚକ୍ଷୁରେ ଦେଖନ୍ତି। ଏ ଶେଷୋକ୍ତ ବଦ ଅଭ୍ୟାସର ଅନେକ ଅଭାବ ଗ୍ରସ୍ତେ ଏପରି ସାହାଯ୍ୟ ଗ୍ରହଣ କରିବାକୁ ସଙ୍କୋଚବୋଧ। ଏପରି ଅବସ୍ଥାରେ ସାହାଯ୍ୟ ପ୍ରାପ୍ତ କର୍ମକ୍ଷମ ଲୋକମାନଙ୍କୁ କିଛି କିଛି କାର୍ଯ୍ୟରେ ନିଯୁକ୍ତ କଲେ ଭଲ ହୁଅନ୍ତା ବୋଲି ଆମ୍ଭମାନଙ୍କର ବିଶ୍ୱାସ।

ପୂର୍ବରୁ ଉତ୍କଳ ଦୀପିକା ଉକ୍ତ, ଇଂରେଜୀ କାଗଜରେ ସେ ବନ୍ୟାକାଳ ବନ୍ଦ ବୃଦ୍ଧମାନଙ୍କୁ ସାହାଯ୍ୟ ଦେବାର ଉଦ୍‌ଘୋଷରେ ସେମାନଙ୍କ ଲୁଗା ଦିଆଗଲା ସେମାନଙ୍କ ଛାଡ଼ ଲୁଗା କଟାଇ ଦିଆଯାଉଥିଲା। ବନ୍ୟା ସାହାଯ୍ୟ କମିଟି ଏଥର ତାଙ୍କ ବ୍ୟବସ୍ଥା କରିବେ ନାହିଁ କି?

ଓଡ଼ିଶା ବନ୍ୟା ପୀଡ଼ିତ ଅଞ୍ଚଳ ପରିଦର୍ଶନ ଲେଫ୍ଟେନାଣ୍ଟ ଗଭର୍ଣ୍ଣର ପରିଦର୍ଶନର ଫଳାଫଳ ତାଙ୍କୁ

# ମହାତ୍ମା ଗାନ୍ଧି

## ମହାତ୍ମାଗାନ୍ଧିଙ୍କ ସ୍ୱାସ୍ଥ୍ୟ
### କ୍ରମୋନ୍ନତି

ଓଆର୍ଧା ତା ୨୫ ରଖ ଏକରଙ୍କୁ ପ୍ରକାଶ ଯେ ମହାତ୍ମାଗାନ୍ଧିଙ୍କୁ ଜଣେ ଡାକ୍ତର ପରୀକ୍ଷା କରି କହୁଅଛନ୍ତି ଯେ ତାଙ୍କର ଓଜନ ବର୍ତ୍ତମାନ ପା ୧୦୨ ଅଛି ଅର୍ଥାତ୍ ଗତ ସପ୍ତାହ ଅପେକ୍ଷା ସେ ଓଜନରେ ୩ ପାଉଣ୍ଡ ବଢ଼ିଅଛନ୍ତି। ତାଙ୍କର ସାଧାରଣ ସ୍ୱାସ୍ଥ୍ୟ ସନ୍ତୋଷ ଜନକ ଅଟେ।

———

## ମାଲବ୍ୟଜିଙ୍କ ସ୍ୱାସ୍ଥ୍ୟ

ସର୍ବୋଚ୍ଚ ଖବରରୁ ପ୍ରକାଶ ଯେ ଅସୁସ୍ଥତା ହେତୁ ଡାକ୍ତରମାନଙ୍କ ପରାମର୍ଶରେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କର ସମସ୍ତ ଦାନ୍ତ ଉପାଡ଼ି ଦିଆଯାଇଅଛି।

—o—

## ଯଏଣ୍ଟ ସିଲେକ୍ଟ କମିଟି
### ବର୍ମା ପ୍ରତିନିଧି ମାନେ ମିଳିଲେ

ଲଣ୍ଡନ ଖବରରୁ ପ୍ରକାଶ ଯେ ବର୍ମାର ଭବିଷ୍ୟତ ଶାସନ ସମ୍ବନ୍ଧେ ଯଏଣ୍ଟ ସିଲେକ୍ଟ କମିଟି ନିକଟରେ ସାକ୍ଷ୍ୟ ଦେବାନିମନ୍ତେ ବର୍ମାର ଦଳରୁ ଜଣେ ପ୍ରତିନିଧି ଡାକରା ହୋଇ ଅଛି। ସେମାନେ ନଭେମ୍ବର ମଧ୍ୟ ଭାଗରେ ସାକ୍ଷ୍ୟଦାନ କରିବେ।

———

## ସନାତନ ଧର୍ମୀଙ୍କ ସଭା
### ୧୯୩୪ ଅପ୍ରେଲରେ ହେବ

ସମସ୍ତ ଭାରତବର୍ଷୀୟ ସନାତନ ଧର୍ମ ମହାମଣ୍ଡଳର ଗୋଟିଏ ଅଧିବେଶନ ୧୯୩୪ ମସିହା ଅପ୍ରେଲ ମାସରେ କାଶୀଠାରେ ହେବାର ସ୍ଥିର ହୋଇଅଛି।

———

## ଆନ୍ତର୍ଜାତୀୟ ଶ୍ରମିକ ସମ୍ମିଳନୀ

ପୂର୍ବବର୍ତ୍ତୀ ଅନ୍ତର୍ଜାତୀୟ ସମ୍ମିଳନୀର ଅଷ୍ଟାଦଶ ଅଧିବେଶନ ୧୯୩୪ ମସିହା ଜୁନମାସରେ ଜେନେଭାଠାରେ ହେବ। ସେ ସମ୍ମିଳନୀକୁ ଭାରତରୁ ଭାରତୀୟ ପ୍ରତିନିଧି ସରକାର ଏବଂ ଧନ ଓ ଶ୍ରମିକ ମାନଙ୍କ ଦ୍ୱାରା ଗଠିତ ବ୍ୟବସାୟୀଙ୍କ ସାଙ୍ଗ ସହିତ ପରାମର୍ଶ କରି ଭାରତ ସରକାର ଭାରତୀୟ ପ୍ରତିନିଧିମାନଙ୍କୁ ମନୋନୀତ କରିବେ। ବ୍ୟବସାୟୀ ସଙ୍ଘମାନେ ଭାରତ ସରକାରଙ୍କ ନିକଟକୁ ସେମାନଙ୍କର ମତାମତ ୧୯୩୩ ମସିହା ଡିସେମ୍ବର ମାସ ୩୧ ତାରିଖ ବା ତତ୍ପୂର୍ବରୁ ଭାରତ ସରକାରଙ୍କ ନିକଟ ପଠାଇବାକୁ ହେବ।

———

ଓଡ଼ିଶା ବନ୍ୟା ସାହାଯ୍ୟ କମିଟି କେବଳ ଟଙ୍କା ଦେଉଅଛନ୍ତି ଶୁଣାଯାଏ। ଏପରି ଅବସ୍ଥାରେ ସାହାଯ୍ୟପ୍ରାପ୍ତ ବୃଦ୍ଧ ଓ ଦାରିଦ୍ର୍ୟ ଲୋକମାନଙ୍କୁ ଲୁଗା ଦେଇ ଶୀତରୁ ରକ୍ଷା କରିବା ଦରକାର ଅଛି ବୋଲି ବାଧ୍ୟ ନାହିଁ। ବନ୍ୟା ସାହାଯ୍ୟ କମିଟି ଏଥିପ୍ରତି ଦୃଷ୍ଟି ଦେବେ କି?

———

Digitized by srujanika@gmail.com

ଏମ୍ପେରରଙ୍କ ମହାମନ୍ତ୍ରୀ ତାମନ୍ତେ ଅମ୍ଭେମାନେ ଜାଣୁନାହୁଁ ।

## ଜିଲ୍ଲାବୋର୍ଡରେ ହରିଜନ ସଭ୍ୟ

କଟକ ଜିଲ୍ଲାବୋର୍ଡର ସଭ୍ୟ ନିର୍ବାଚନ ଶେଷ ହୋଇଗଲାଣି । ଅଳ୍ପଦିନରେ ବୋର୍ଡମାନଙ୍କରେ ନମିନେସନ ମଧ୍ୟ ଶେଷ ହୋଇଯିବ । ଏଣିକି ହିନ୍ଦୁ ସମାଜର ଯେଉଁ କୋଟି କୋଟି ଲୋକ ଶିକ୍ଷା ସଭ୍ୟତାରୁ ବଞ୍ଚିତ ହୋଇ, ଅସ୍ପୃଶ୍ୟ ପଦ ବାଚ୍ୟ ହୋଇ ପଡ଼ି ରହିଛନ୍ତି, ସେମାନଙ୍କର ଉଦ୍ଧାର ଓ ଉନ୍ନତି ନିମନ୍ତେ ଆଜ ଦେଶରେ ପ୍ରବଳ ଆନ୍ଦୋଳନ ଲାଗିଛି । ହିନ୍ଦୁ ସମାଜ ଆଜ ବୁଝିପାରୁଛି ତାହାର କୋଟି କୋଟି ଅନୁନ୍ନତ ଭାଇଙ୍କର ଉନ୍ନତି ନ ହେଲେ ତାହାର ପ୍ରକୃତ ଉନ୍ନତି ଅସମ୍ଭବ । ସେଥିପାଇଁ ସମସ୍ତେ ଆଜ ଦଳିତ ଜାତିମାନଙ୍କର ସୁଖ, ସୁବିଧା ଓ ସ୍ୱାର୍ଥଦିଗରେ ଅଧିକ ଦୃଷ୍ଟି ଦେଉଅଛନ୍ତି । ସରକାର ମଧ୍ୟ ସେଥିପାଇଁ ନିଜ ପକ୍ଷରୁ ଯାହା ସୁବିଧା ଦିଆଯାଇପାରେ ତାହା କରୁଛନ୍ତି । ଦେଶବାସୀଙ୍କ ପ୍ରାଥମିକ ଶିକ୍ଷାର ଭାର ଜିଲ୍ଲାବୋର୍ଡମାନଙ୍କ ହାତରେ ନ୍ୟସ୍ତ । ଶିକ୍ଷା ଯେକୌଣସି ଜାତିର ଉନ୍ନତିର ମୂଳଭିତ୍ତି । ଅନୁନ୍ନତ ଜାତିମାନଙ୍କର ଉନ୍ନତି ପାଇଁ ମଧ୍ୟ ଶିକ୍ଷା ମୁଖ୍ୟ ଭାବରେ ଆବଶ୍ୟକ । ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ ଯାହା କିଛି ସୁବିଧା ଜିଲ୍ଲାବୋର୍ଡ ସାହାଯ୍ୟରେ ହୋଇପାରେ ତାହାଦ୍ୱାରା ମଧ୍ୟ ଅନୁନ୍ନତ ଜାତିମାନଙ୍କର ଅନେକାଂଶରେ ସୁଖ ସୁବିଧା କରାଯାଇ ପାରିବ । ସେଥିପାଇଁ ଜିଲ୍ଲାବୋର୍ଡମାନଙ୍କରେ ଅନୁନ୍ନତ ଜାତିର ସଭ୍ୟ ରହିଲେ ନିଜ ଜାତିର ଉନ୍ନତି ପାଇଁ ଲଢ଼େଇ ଝଗଡ଼େଇ କରି ଜିଲ୍ଲାବୋର୍ଡ ସାହାଯ୍ୟରେ ନିଜ ଜାତିର କିଛି କରିପାରିବେ । ଆଜି ଯେଉଁ ସରକାର ଅନୁନ୍ନତ ଜାତିମାନଙ୍କର ଉନ୍ନତି ପଥରେ କାର୍ଯ୍ୟ କରିବାପାଇଁ ଯେଉଁମାନଙ୍କୁ ସଭ୍ୟପଦରେ ନମିନେଟ୍ କରି ନେଇଛନ୍ତି ସେମାନେ ପରଲୋକଙ୍କ ମୁକ୍ତା ମାରଣ ବଇ ଦାଣ୍ଡି କରଉଛନ୍ତି । ଅନୁନ୍ନତ ସମାଜରେ ମଧ୍ୟ ଉପଯୁକ୍ତ ଶିକ୍ଷିତ ଲୋକ ଅଛନ୍ତି ଯେଉଁମାନେ ନ ସ୍ୱଜାତିର ମଙ୍ଗଳ ଓ ଉନ୍ନତି ନିମନ୍ତେ ବହୁତର କାର୍ଯ୍ୟ କରି ଆସୁଅଛନ୍ତି ସରକାରଙ୍କର ଶାସନ ସମ୍ବାଦ ବୁଝନ୍ତି ଓ ଜିଲ୍ଲାବୋର୍ଡର ସଭ୍ୟ ହେଲେ ଜିଲ୍ଲାବୋର୍ଡ ସାହାଯ୍ୟରେ ଅନୁନ୍ନତ ଜାତିର ସୁଖ-ସୁବିଧା ଓ ଉନ୍ନତି ଚେଷ୍ଟା କରାଯାଇ ପାରିବ ସେଥିପାଇଁ ଯଥାସାଧ୍ୟ ଯତ୍ନ କରିବେ । କଟକ ଜିଲ୍ଲାର ଅନୁନ୍ନତ ଜାତିର ଲୋକସଂଖ୍ୟା ଲକ୍ଷ ଲକ୍ଷରୁ ବେଶୀ । ଅତଏବ କଟକ ଜିଲ୍ଲାବୋର୍ଡରେ ଅନୁନ୍ନତ ଜାତିର ସୁଖସୁବିଧା ଦିଗରେ ଦୃଷ୍ଟି ଦେଇ କାର୍ଯ୍ୟ କରିବା ପାଇଁ ଅନୁନ୍ନତ ଜାତିରୁ ଜଣେ ସଭ୍ୟ ରହିବା ନିତାନ୍ତ ଆବଶ୍ୟକ । ସେଥିପାଇଁ କଟକ ଜିଲ୍ଲାର ପ୍ରତ୍ୟେକ ସମ୍ପ୍ରଦାୟଙ୍କର ସଭାରୁ ବର୍ତ୍ତମାନ ହରିଜନ ଜିଲ୍ଲାବୋର୍ଡକୁ ଜଣେ ଉପଯୁକ୍ତ ସଭ୍ୟ ନମିନେଟ୍ କରିବାପାଇଁ ଜିଲ୍ଲା ମାଜିଷ୍ଟ୍ରେଟ, କମିସନର ଓ ବିହାର ଓଡ଼ିଶା ମନ୍ତ୍ରୀଙ୍କୁ ପ୍ରାର୍ଥନା କରୁଅଛନ୍ତି । ସରକାରଙ୍କ ଅନୁନ୍ନତ ଜାତିର ମଙ୍ଗଳ ଓ ଉନ୍ନତି ବାଞ୍ଛା । ସେମାନଙ୍କର ସ୍ୱାର୍ଥ ରକ୍ଷାକର କଟକ ଜିଲ୍ଲାବୋର୍ଡକୁ ଅନୁନ୍ନତ ଜାତିର ଜଣେ ଉପଯୁକ୍ତ ଶିକ୍ଷିତ ଲୋକଙ୍କୁ ସଭ୍ୟ ରୂପେ ନମିନେଟ୍ କରିବା ପାଇଁ ଅମ୍ଭେମାନେ ସରକାରଙ୍କୁ ଅନୁରୋଧ କରୁଅଛୁଁ ।

ଖରକଘୋଷ ନେହେରୁ
ସଭାପତି, କଟକ ଜିଲ୍ଲା ଅନୁନ୍ନତ ସମ୍ପାଦ
୨୭।୧୦।୩୩

---

ପଦ୍ମପୁରଶିର ଚିଠିରୁ

## ଧୋଇଆ ପ୍ରଜାଙ୍କ ଅବସ୍ଥା

। ବନ୍ୟା କମିଟୀ ତାଙ୍କ ରିପୋର୍ଟର ୧୪୯ ଦଫାରେ କହୁଛନ୍ତି "ଯଦ୍ୟପି ଏହି ଦେଶର ସମସ୍ତ ଅଂଶରେ କୌଣସି ବନ୍ଧ ରହିପାରି ନ ଥାନ୍ତା, ବଢ଼ି ହେଲେ ମଧ୍ୟ ତାହା ଅଗଭୀର ହୁଅନ୍ତା ଓ ଶୀଘ୍ର ଶୀଘ୍ର ପାଣି ନିଷ୍କାସ ହୋଇପାନ୍ତା ।"

× × ×

ଏହି ମଧ୍ୟରେ କିଛି ବନ୍ଧ କାଟିବା ଓ କୌଣସି ପୁରୁଣା ବନ୍ଧକୁ ଉଚ୍ଚା କରିବା କିମ୍ବା ଲମ୍ବା କରିଦେବା ଯେପରି ନ ହୁଏ, ତାହା ପ୍ରତି ନଜର ଓ ଦୃଷ୍ଟି ଦେବାକୁ ହେବ ।"

। ଉକ୍ତ କମିଟୀ ତାଙ୍କର ୧୫୧ ଦଫାରେ କହନ୍ତି:—

"ଏମନ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅନ୍ତତଃ ଗୋଟି କ୍ଷମତା ମଧ୍ୟ ସରକାରରୁ ଦିଆଯିବା ଆମ୍ଭେମାନେ ଉଚିତ ବୋଧ କରୁଁ ।"

(୧) କୌଣସି ବନ୍ଧ ଯେପରି କେହି ମରାମତି ନ କରନ୍ତି ଏବଂ (୨) ସରେଲ ବନ୍ଧର ମାଲିକଙ୍କୁ ହୁକୁମ ଦେଇ ତାଙ୍କ (ସୁପରିଣ୍ଟେଣ୍ଡେଣ୍ଟ) ଇଚ୍ଛା ଅନୁସାରେ ଯଦ୍ୟପି ଦେଶର ଜଳ ନିଷ୍କାସ ହେବାର କିଛି ବାଧା ଥାଏ, ତାହା ହେଲେ ସେହି ସରେଲ ବନ୍ଧରେ ସାଇ ବା ନାଳ କରାଇ ପାଣି ଛାଡ଼ିବା ।

ମାତ୍ର ଉପରୋକ୍ତ ସୁପାରିଶ୍ ସବୁ ଥିବା ସତ୍ତ୍ୱେ ଜଣକା ଷ୍ଟେଟ ବନ୍ଧ କରି ବର୍ତ୍ତମାନ ଧୋଇଆ ପ୍ରଜାଙ୍କୁ ବିଶେଷ ବିପଦରେ ପକାଇଅଛନ୍ତି । କନିକାର ରାଜା ସାହେବ ବର୍ତ୍ତମାନ ଚାଇନିଜ୍ଞିଲରେ ଏହି ବନ୍ଧ ବିଷୟରେ ମାଇନ ପ୍ରବାହକୁ ତାଙ୍କ ଚିନ୍ତା ବନ୍ଦ କରିବା ଓ ଉପରୋକ୍ତ ସୁପାରିଶ୍ ସବୁ ଗ୍ରହଣ ନ କରିବା ତାଙ୍କ ଦ୍ୱାରା ହେଉଅଛି ବୋଲି ମନେ ନ କରି ଆଉ କଅଣ କହିବାକୁ ହେବ ? ଫଳରେ ବନ୍ୟାପ୍ରପୀଡ଼ିତ ଅଞ୍ଚଳ ବିଶେଷ କ୍ଷତିଗ୍ରସ୍ତ ହେଉଅଛି । ଆଲ ପଟିକିଆ ଓ ଗଞ୍ଜରଅ ବନ୍ଧ ନୁହେଁ, ବର୍ତ୍ତମାନ କଲପାନିର ବନ୍ଧ ଉଠାଇ କରିବାକୁ ବିଶେଷ ଯୋଗାଡ଼ରେ ଅଛନ୍ତି ଓ କନିକାର ଜଙ୍ଗଲ ଅଞ୍ଚଳଆଡ଼କୁ କେତେଗୁଡ଼ିଏ ବନ୍ଧ ଏଠାରେ ସେଠାରେ କରିଅଛନ୍ତି । ବନ୍ୟାର ସମୁଦ୍ରକୁ ପାଣି ଯିବାର ରାସ୍ତା ଏକାବେଳକେ ବନ୍ଦ କରିଦିଆଯାଇଅଛି ବୋଲି କହିବାକୁ ହେବ ।

। ପଞ୍ଚମ ବନ୍ୟା କମିଟୀ ତାଙ୍କ ରିପୋର୍ଟର ୫୭ ଦଫାରେ କହିଅଛନ୍ତି, "ଓଡ଼ିଶାରେ ବଢ଼ି ଆସିବ ନ ହେବ ଏହା ଚିନ୍ତାର କଥା ନୁହେଁ । କେବଳ ବଢ଼ି ପାଣି କିପରି ଶୀଘ୍ର ଶୀଘ୍ର ସମୁଦ୍ରକୁ ଯିବ, ତାହାହିଁ ଚିନ୍ତା କରିବାର କଥା । ଏହି ପ୍ରତିବନ୍ଧକ ସବୁ (ଅର୍ଥାତ ବନ୍ଧ ଆଦି) ଉଚିତ୍ତ ଫଳ ଶରୁବରେ ସୂଚ କରନ୍ତି ଓ ସେଗୁଡ଼ିକ କେବଳ ଉଠାଇ ଦେବାରେହିଁ କଥା ଅଛି ।" ମାତ୍ର ଏହି ସୁପାରିଶ୍ ଉଠାଇ ଦିଆ ଯାଉନାହିଁ ଏବଂ ବନ୍ଧମାନ ମାଇନ ପ୍ରବାହକୁ ଯେ ଭଳେ ବନ୍ଦ ଇଲାକାରେ ଏହି ସୁପାରିଶ କାର୍ଯ୍ୟରେ ପରିଣତ କରିବା ଦୂରେ ଥାଉ ଓଲଟା ଉପାୟ ଅବଲମ୍ବନ କରୁଅଛନ୍ତି । ଅଷ୍ଟମ ମଧ୍ୟ ବନ୍ୟା କମିଟୀ ତାଙ୍କ ରିପୋର୍ଟର ୩୯ ଦଫାରେ କହୁଛନ୍ତି, "ଯେଉଁ ବନ୍ଧସବୁ କେବଳ କୌଣସି ନିର୍ଦ୍ଦିଷ୍ଟ ଇଲାକାକୁ ବନ୍ୟା ବାଢ଼ରୁ ରକ୍ଷା କରୁଛନ୍ତି, ସେହି ବନ୍ଧମାନଙ୍କ ଦ୍ୱାରା ଧୋଇଯିବା ଇଲାକାର ଯେ କୁ ଫଳ ହୁଏ, ତାହା କେତେକ ସ୍ଥଳରେ ବହୁତ ଅଞ୍ଚଳରେ ଓ ବହୁତ ଦେଖାଯାଇଅଛି ।

ଜଣେ

---

## ବମ୍ବେ ମେଲଗାଡ଼ି ଦୁର୍ଘଟଣା
### ୧୨ଜଣ ଆହତ

ତା ୨୬ରିଖ ସକାଳେ ୭ଘଣ୍ଟା ୪୭ମିନିଟ ସମୟରେ ବମ୍ବେରୁ କଲିକତାରୁ ଆସୁଥିବା ଡାକଗାଡ଼ି ଖୋଗଲ ସଗ୍ରଇ ଓ ଲତୁପୁର ଷ୍ଟେସନ ମଧ୍ୟରେ ଲାଇନରୁ ବିଚ୍ୟୁତ ହୋଇଥିଲା ଓ ଫଳରେ ୧୨ଜଣ ଆରୋହୀ ଆହତ ହୋଇଅଛନ୍ତି ।

---

## ଉତ୍କଳ-ସାହିତ୍ୟ ସମାଜ

ଆଜ ସନ୍ଧ୍ୟା ୫ ୩ ଟା ସମୟରେ ରାମଚନ୍ଦ୍ର ଭବନରେ ଉତ୍କଳ-ସାହିତ୍ୟ ସମାଜର ଗୋଟିଏ ବିଶେଷ ଅଧିବେଶନ ହେବ । ଶ୍ରୀଯୁକ୍ତ ବାବୁ ସଦାଶିବ ମିଶ୍ର ଏମ୍, ଏ ଙ୍କ ଲିଖିତ "ସ୍ୱର୍ଣ୍ଣମାଳ" ପ୍ରବନ୍ଧ ପଠିତ ଓ ଆଲୋଚିତ ହେବ ।

---

ଗତ ତା ୨୧ ରିଖ ବୈଠକରେ ପାଟଣା କଲେଜ ସାହିତ୍ୟ ସମିତିର କଲେଜ ସଭ୍ୟ ଶ୍ରୀ ବାବୁ ଭଗବାନ ଦାସଙ୍କ ଲିଖିତ "ସ୍ୱପ୍ନର କଳ୍ପନା" ଶୀର୍ଷକ ପ୍ରବନ୍ଧ ଆଲୋଚିତ ହୋଇଥିଲା ।

---

୩୫ ଡିସେମ୍ବର ୧୯୩୩

# ଗୋଦର, କୋରଣ୍ଡ ଓ ଏକଶିରା

**ଅବ୍ୟର୍ଥ ମହୌଷଧ**

ନୂତନ ଓ ପୁରାତନ ଯେପରି ଗୋଦର ବୋଲୁ କୋରଣ୍ଡ ଓ ଏକଶିରା ହେଉ ନା କାହିଁକି ଏହିମାତ୍ର ମଧ୍ୟରେ ଆରୋଗ୍ୟ ଭଲ ହେବ । ଅନେକେ ଲାଭ ପାଇଅଛନ୍ତି । ପ୍ରତ୍ୟେକର ମୂଲ୍ୟ ୧୧୮ ମାତ୍ର

ଡାକମାସୁଲ ସ୍ୱତନ୍ତ୍ର

ଶ୍ରୀ ଭରତଚନ୍ଦ୍ର ମହାନ୍ତି
ପୋ: ଅ: ପତେଇଗଡ଼ା
ଜିଲ୍ଲା-ଗଞ୍ଜାମ । ସିଂହଭୂମ ରାସ୍ତା

Digitized by srujanika@gmail.com
Split by PDF Splitter

Split by PDF Splitter




୩୪୦ ୨୮।୧୦।୩୩

# ତିନିଟଙ୍କାରେ

ତିନୋଟି ମୂଲ୍ୟବାନ ଘଡ଼ି ଓ
୫୯୦ ଟି ଉପହାର




ଏକଚାଟେମୋଛଅ ପୂଜାବସରେ ଭାଗ୍ୟ ଓ ଅତି ସୁଲଭ । ତିନିଟଙ୍କାରେ ୭ ଷ୍ଟିଙ୍ଗ ଡିଷ୍ଟିଲେ ତିନୋଟି ପ୍ରକାର ହାତଘଡ଼ି ଘଣ୍ଟା, ଜର୍ମାନ 'ବି' ଟାଇମପିସ (ଭଲ ଭଦ୍ରତା ମଜବୁତ, ୫ବର୍ଷପାଇଁ ଗ୍ୟାରେଣ୍ଟି) ଓ ରେଲଓ୍ୱେ ଟାଇମକିପ୍ ହାତଘଣ୍ଟା ଗୋଟିଏ । ଏହାଛଡ଼ା ୫୯୦ଟି ପୁରସ୍କାର ଓ ଗୋଟିଏ ଫାଉଣ୍ଟେନ ପେନ ବଡ଼ା ମୂଲ୍ୟରେ ପାଇବେ । ପ୍ୟାକିଂ ଓ ପୋଷ୍ଟେଜ ସ୍ୱତନ୍ତ୍ର ।

General Trading Agency
15-1 Joymitter street
P. O. Hatkhola
Calcutta.


158 4-11-33

## Wanted

A temporary assistant on Rs 35/- p. m.

Qualification :—Must be a Matriculate. Should have a thorough knowledge in type writing. Preference will be given to one who has previous office experience.

Apply on or before the 5th November 1933 to the undersigned. None need apply who is not a native of or domiciled in the Province.

Sd. H. L. Dutt,
Deputy Director of Agriculture,
Orissa Range.

160 28-10-33

## Notice

Is hereby given for public information that the Excise accommodation boat "Ada" which has got one bed room, one Office room, one kitchen and a lavatory, will be sold with her jolly boat in public auction on 3rd November 1933 in the office of the Collector of Cuttack. The boat is fairly old but still in serviceable condition. The intending purchaser may see it at Jobra.

Sd/- B. N. Mahanty
Offg. Superintendent of Excise and Salt,
Cuttack.


୧୬୩ ୧୦।୧୨।୩୩

# ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିଏଲ

ଇନଷ୍ଟିଚ୍ୟୁସନ

ସେରାଇକେଲା ଷ୍ଟେଟ ଗଭର୍ଣ୍ଣମେଣ୍ଟଦ୍ୱାରା ରେକଗ୍ନାଇଜଡ

# ପୂଜା କନସେସନ

ଯେ କେହି ତା ୩୧।୧୨।୩୩ ମଧ୍ୟରେ ଟ ୨୯ ଦେଇ ଏଠାରେ ଭର୍ତ୍ତି ହେବେ ତାହାଙ୍କୁ କ, ଖ, ଗ କୋର୍ସରୁ ଯେ କୌଣସି ଗୋଟାଏ ପରଷା ନ ନେଇ ୪ ମାସ ମଧ୍ୟରେ ଶିକ୍ଷା ଦେଇ ଡିପ୍ଲୋମା ଦେବୁ ଓ ଫି କୋର୍ସର ସବୁ ଅନ୍ୟ କୋର୍ସ ନେଲେ ସ୍ପେଶିଆଲ କୋର୍ସ ଶିକ୍ଷା ଉପରେ ଟ ୧୫୯ ଦେବାକୁ ପଡ଼ିବ । ବିଜ୍ଞାପନ ଲିଖିତ ସମସ୍ତ କୋର୍ସ ୪ ମାସ ମଧ୍ୟରେ ଶିକ୍ଷା ଶେଷ ହେବ । ଯୋଉମାନେ ମନେ କରନ୍ତି ଏତେ ବସ୍ତୁ ଏତେ କମ ସମୟ ମଧ୍ୟରେ ଶିକ୍ଷା କରିବା ଅସମ୍ଭବ ସେମାନଙ୍କୁ ମୋର ପ୍ରାର୍ଥନା ସେମାନେ କଟକ ଆସି ଏଠାରେ ଶ୍ରୀ ବଙ୍ଗ, ବହ୍ମପୁର ଓଡ଼ିଶା, ସି, ପି ଓ ମାନ୍ଦ୍ରାଜର ଛାତ୍ରମାନଙ୍କଠାରୁ ପଚାରି ଜାଣି ଗଲୁବା ନୋଟିଶରେ ଜାହାରିଥିବା ଛାତ୍ରମାନଙ୍କ ନାମର ଲିଷ୍ଟ ଦେଖି ସେମାନଙ୍କୁ ଲେଖି ଜାଣନ୍ତୁ । ସ୍କୁଲଟି ସେଣ୍ଟ ବି, ଏନ୍, ଆର୍ ଷ୍ଟେସନଠାରୁ ୭ ମାଇଲ । ବାସ ଅଛି ।

(କ) ଟେଲର ଓ କାଟିଂ କମାଠାରୁ କୋଟ ଅଲେଷ୍ଟାର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କୋର୍ସ ଏମ୍ବ୍ରଏଡ଼ାରୀ ସହ ଶିକ୍ଷା ଦିଆଯିବ ।
(ଖ) ହୋମିଓପ୍ୟାଥିକ H. M. B. ପର୍ଯ୍ୟନ୍ତ ଶିକ୍ଷା ଦିଆଯିବ ।
(ଗ) ବୟନ ଶିଳ୍ପ । ନାନାପ୍ରକାର ବୁଣାଇବାର କୋଟ, ଚାମିଜର ଲୁଗା ବୁଣିବା ପ୍ରଣାଳୀ ଏବଂ ରଙ୍ଗକରା ପ୍ରଭୃତି ଶିକ୍ଷା ଦିଆଯିବ ।

**ମିସ୍‌ଚେଲିନିୟସ୍ କୋର୍ସ:**—ସାବୁନ, ଫଟୋ, କାଳି, କେଶ ତୈଳ, ଡ୍ରାଇ କେଟାର, ସ୍ନୋ ଓ କ୍ରୀମ୍ ପ୍ରଭୃତି ପୃଥକ ପୃଥକ ଫି ନେଇ ଶିକ୍ଷା ଦିଆଯିବ । ଫଟୋ ବାଦେ ବାକି ସବୁ ଗୋଟିଏ ସଙ୍ଗେ ପୃଥକ ଫି ନେଇ ଶିକ୍ଷା ଦିଆଯିବ ।

ଛାତ୍ରମାନଙ୍କୁ ମାସିକ ବୋର୍ଡିଂ ଖରଚ ଟ ୮୯ ମେସିନ ଭଡ଼ା ଟ ୨୯ ସିଟ ଦେଇ ଟ ୨୯ ଓ ମେଣ୍ଟେନେନ୍ସ ଖର୍ଚ୍ଚ ଟ ୧୯ ଲାଗିବ ।

ସ୍କୁଲ ସହର ବାହାରେ ରହିବେ ଓ ସ୍ୱାସ୍ଥ୍ୟକର ଖୋଲା ସ୍ଥାନ ମନୋରମ ହେଲେ ଭଲ ହେଉନ୍ତୁ । ଏହା ବଡ଼ ସ୍ୱାସ୍ଥ୍ୟକର ସ୍ଥାନ । ଏହାର କୌଣସି ଉପମା ନାହିଁ । ଏ ଛଡ଼ା ଭବିଷ୍ୟତରେ ଓଡ଼ିଶାକୁ ଆଉ ସୁଯୋଗ ନେଇ ପାରିବେ ନାହିଁ ।

୩୫ ୨।୧।୩୩

# ବର୍ତ୍ତମାନ ଯୁଗର ଏକମାତ୍ର ଶ୍ରେଷ୍ଠ

ଟେଲରିଂ ଏବଂ ହୁଶିଆର ସ୍କୁଲ

ସରାଇକେଲା

ଅନ୍ୟ ଟ ୩୦୯ ଦେଇ ୩ ମାସରେ ସମ୍ପୂର୍ଣ୍ଣ କୋର୍ସ ଟେଲରିଂ; ଟ ୨୫୯ ଦେଇ ୨ ଘଣ୍ଟାରେ ପ୍ରକୃତି ଫଟୋଗ୍ରାଫ, ଟ ୩୦୯ ଦେଇ ଏକମାସରେ ନାନା ପ୍ରକାର ସାବୁନ ଓ ନାମ ମାତ୍ର ଫି ଦେଇ କାଳି, ବୈଜ୍ଞାନିକ ପ୍ରଣାଳୀ ନାନା ପ୍ରକାର ଦ୍ରବ୍ୟ ସ୍ୱତନ୍ତ୍ର ଭାବରେ ଶିକ୍ଷା ଦେଇଥାଉଁ । ଅଳ୍ପମାନଙ୍କେ ନାନାର ଲୁଗା ତିଆରି ଓ ସେଲାଇ ଶିକ୍ଷା ଦେଇଥାଉଁ । ତାକୁସ୍ଥାନ ପାଇଁ ଏଠି ସେମାନ ହେଲେ ଡାକ୍ତର ଓ ଔଷଧ ପାଇଁ ଏକପଇସା ଖର୍ଚ୍ଚ ଲାଗେ ନାହିଁ । ଜଳବାୟୁ ଉତ୍ତମ । ଏଠାରେ ଶିକ୍ଷା ଲାଭକଲେ ଅନ୍ୟର ଅଧୀନ ନ ନେଇ ସ୍ୱାଧୀନ ଭାବରେ ରୋଜଗାର କରିପାରିବ । ଅନୁସନ୍ଧାନ କଲେ ଜାଣି ପାରିବ ଯେ ଏପରି ସୁବିଧା ଆଉ କୌଣସିଠାରେ ନାହିଁ । ସ୍କୁଲଟି ବି. ଏନ୍. ଆର ସିନି ଷ୍ଟେସନଠାରୁ ୭ ମାଇଲ ଦୂରରେ ଅବସ୍ଥିତ । ସେଥିପାଇଁ ବର୍ଷିଯ ଭଲ ସବୁ ସାହାଯ୍ୟ କରୁଛୁ । ଉତ୍ତରପାଇଁ ଡାକଖର୍ଚ୍ଚ ପାଇଁ ଟ ୦୯ ଟଙ୍କା ଷ୍ଟାମ୍ପ ପଠାଇବେ ।

ଦେବରାଜ ଟେଲରିଂ ଏଣ୍ଡ ଇଣ୍ଡଷ୍ଟ୍ରିୟଲ ଇନଷ୍ଟିଚ୍ୟୁସନ
ପୋ: ସେରାଇକେଲା, ଜିଲ୍ଲା ସିଂହଭୂମ


କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ୍ ଯନ୍ତ୍ରାଳୟରେ ଶ୍ରୀ ଗଦାଧର ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

Split by PDF Splitter



REGISTERED NO. P 6

# ଉତ୍କଳଦୀପିକା

ଉତ୍କଳର ସର୍ବପ୍ରଥମ ସାପ୍ତାହିକ ସମ୍ବାଦପତ୍ରିକା
ସ୍ଥାପିତ—ସ୍ବ ୧୮୬୬ ସାଲ

ସମ୍ପାଦକ—ଶ୍ରୀ ଜଗନ୍ନାଥ ଦାସ
ଏମ୍. ଏ, ଏମ୍. ଏଲ୍. ସି

THE UTKAL DIPIKA
Established 1866

ବାର୍ଷିକ ଅଗ୍ରିମ ମୂଲ୍ୟ ୫ ୦୮
ପ୍ରତିଖଣ୍ଡ ୦।୧୫

ଖ ୬୮ ଭ | Cuttack, Saturday the 4th November 1933
କାର୍ତ୍ତିକ ୧୦ ସନ ୧୩୪୦ ସାଲ ଶନିବାର | ୪୧୫ ସଂଖ୍ୟା

OUR

## SPECIAL DEPARTMENT

*for*

## Advertisements

Will arrange your Advertisement

to give you surest return.

**All letters are promptly replied.**

*Write to*
THE MANAGER
UTKAL DIPIKA
Cuttack.

## ବିନାମୂଲ୍ୟରେ

### ୫ ଟଙ୍କାର ବହି

### ଉତ୍କଳ ଦୀପିକା ଗ୍ରାହକଙ୍କପ୍ରତି

### ଅଭାବନୀୟ ସୁବିଧା

ପ୍ରିଣ୍ଟିଂକମ୍ପାନୀର ଅନେକ ନୂତନ ବହି ଛପିଥିବାହେତୁ ତାହା ନାମମାତ୍ର ମୂଲ୍ୟରେ ଦିଆଯାଉଅଛି ।

ମାତ୍ର ଯେଉଁମାନେ ଦୀପିକାର ନୂତନ ଗ୍ରାହକ ହେବେ ସେମାନଙ୍କୁ ୫ ଟଙ୍କା ମୂଲ୍ୟର ବହି ବିନା ମୂଲ୍ୟରେ ପୁରସ୍କାର ସ୍ୱରୂପ ଦିଆଯିବ । ପୁରାତନ ଗ୍ରାହକମାନେ ମଧ୍ୟ ଉକ୍ତ ସୁବିଧାରମାନ ପାଇବାକୁ ଦାବୀକରି ପାରନ୍ତି ମାତ୍ର ସେମାନେ ସେମାନଙ୍କ ଠାରେ ବାକିଥିବା ଦୀପିକାର ବାର୍ଷିକ ମୂଲ୍ୟ ପଠାଇବାକୁ ହେବ ।

ଦୀପିକାର ମୂଲ୍ୟ ଅଗ୍ରିମ ଦେୟ । ସୁତରାଂ ବର୍ତ୍ତମାନ ଗ୍ରାହକ ମାନଙ୍କ ଶୀଘ୍ରରେ ପଠାଇବ । । ଇତି ।

ମାନେଜର

---

## ଅଶାତୀତ ଲାଭ

**ପଚାଶହଜାର ଟଙ୍କାର ବହି ନାମମାତ୍ର ମୂଲ୍ୟରେ ଦିଆଯିବ**

ପ୍ରିଣ୍ଟିଂକମ୍ପାନୀର ଅନେକ ନୂତନ ପୁସ୍ତକ ବିକ୍ରୟ ସକାଶେ ଜମା ରହିଅଛି ଏବଂ ସେ ସବୁ ନାମମାତ୍ର ମୂଲ୍ୟରେ ଦିଆଯିବ ଏ ନିମନ୍ତେ ଆମ୍ଭେମାନେ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦେଉଅଛୁଁ ଯେ ଯେଉଁମାନେ ଏହି ସୁଯୋଗରେ ନାନାଦି ଗ୍ରନ୍ଥ, ପୁରାଣ, ନାଟକ ପ୍ରଭୃତି ନୂତନ ପୁସ୍ତକମାନ ନାମମାତ୍ର ମୂଲ୍ୟରେ ନେବାକୁ ଇଚ୍ଛାକରନ୍ତି ସେମାନେ ଶୀଘ୍ର ପତ୍ର ଲେଖନ୍ତୁ କିମ୍ବା ନିଜେ ଆସି ନିଅନ୍ତୁ ।

**ମାନେଜର**
କଟକ ପ୍ରିଣ୍ଟିଂକମ୍ପାନୀ ଲିମିଟେଡ଼

26-11-33

---

## ବିଜ୍ଞାପନ

ଉତ୍କଳଦୀପିକା ସକାଶେ ଓଡ଼ିଶାର ପ୍ରତ୍ୟେକ ସ୍ଥାନରୁ ସମ୍ବାଦଦାତା ଆବଶ୍ୟକ । ଯେ କେହି ସମ୍ଭ୍ରାନ୍ତ ବ୍ୟକ୍ତି ତା ଉତ୍କଳଦୀପିକାର ସମ୍ବାଦଦାତା ହୋଇପାରନ୍ତି । ଯେଉଁମାନେ ନିୟମିତ ରୂପେ ସମ୍ବାଦ ପଠାଇବେ ସେମାନଙ୍କ ନିକଟକୁ ଉତ୍କଳଦୀପିକା ବିନା ମୂଲ୍ୟରେ ପଠାଯିବ ।

ମାନେଜର

୨୦।୧୦।୩୩

---

164

Wanted a trained Matriculate on Rs. 25/- per month with free quarters, for Hamirpur Training School, 4 miles from Rourkela, B.N.RY. Station. A teacher with past experience is preferable. Apply with testimonials to the Superintendent, Gangpur State, P. O. Sundargarh; Via Jharsuguda, B. N. Ry., Applications should reach before the 30th November 1933.

---

159 4-11-33

## Wanted

A Mid-wife for the Sadar dispensary of the Baramba State on a pay of 25-1-35/-p. m. with benefit of State Provident Fund.

Candidates trained in the Midwifery in any recognized school should apply to the undersigned stating their age and previous experience on or before the 20th November next.

Superintendent.
Baramba State.

Digitized by srujanika@gmail.com

# ନୀଲାମ ଇସ୍ତାହାର

ନ ୫୭୯ ମକଦ୍ଦମା ସନ ୧୯୩୩ ମସିହା

ଭାଃ ଭୁବନେଶ୍ୱର ମୁନସଫି କୋର୍ଟ

ଗୋପୀନାଥ ଚକ୍ରଧର ସାଃ ଓ ୟ ଗ୍ରାମ ଗଣ୍ଡି ଚୋ — ବାଦୀ

ଯାଜ୍ଞସେନୀ ପ୍ରଭୃତି — ବନାମ ମାରେ — ପ୍ରତିବାଦୀ

ଉକ୍ତ ଲେଖିତ ସମ୍ପତ୍ତି ତା ୧୬।୧୨।୩୩ ଦିନେ ନିଲାମ ହେବ ।

୧ । ଗ୍ରାମ ଦେଉଗାଁ ନ ୩୦୫୮ ମହଲ ଭିତର ମୌଃ ଅଲିପିଙ୍ଗଳ ନ ୫୦୮ ମହଲ ଥାନା ନ ୩୩୬ ଖାତା ଭାଃ ଖ୍ରିଡ଼ାଉର ୪୦—୧୬ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୮୯

୨ । ଗ୍ରାମ ଏକର ନ ୨୭୬୭ ମହଲ ଭିତର ମୌଃ ଏକର ଋଜକାରେଥିବା ନ ୧୮୭ ମହଲ ଖାତା ଭାଃ ଖ୍ରିଡ଼ାଉର ୪୦—୪୭ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୨୪୯

୩ । ଗ୍ରାମ ଏକର ନ ୫୦୮ ମହଲ ଭିତର ମୌଃ ବୋଲଗଡ଼ ନ ୫୦୭ ମହଲ ଥାନା ଓ ନ ୧୭୧ ଖାତା ଭାଃ ଖ୍ରିଡ଼ାଉର ୪୦—୨୭ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୩୮୯

—o—

ନ ୫୩୭ ମକଦ୍ଦମା ଜାରି ସନ ୧୯୩୩ ମସିହା

ଭାଃ ୨ୟ ମୁନସଫି କୋର୍ଟ

ରସିକଚରଣ ଦାସ ସାଃ ପୁରୁଷୋତ୍ତମପୁର ... — ବାଦୀ

କୃଷ୍ଣଚନ୍ଦ୍ର ପ୍ରଧାନ ଓ ଅନ୍ୟ ... — ବନାମ ମାରେ — ପ୍ରତିବାଦୀ

ଉପରଲେଖିତ ନମ୍ବର ମୋକଦ୍ଦମାରେ ... ଡିକ୍ରୀଜାରି ଉକ୍ତ ଲେଖିତ ସମ୍ପତ୍ତି ତା ୧୬।୧୨।୩୩ ଦିନେ ନିଲାମ ହେବ ।

୧ । ... ଜିଲ୍ଲା ଅନ୍ତର୍ଗତ ପୁରୁଷୋତ୍ତମପୁର ... ନ ୧୧୦୬୪୭ ମହଲ ... ନ ୧୦୩ ମହଲ ଥାନା ମୌଃ ... ଋଜକାରେଥିବା ... ନ ୮୩ ମହଲ ଖାତା ଭାଃ ... ୪୦—୦୭ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୧୦୯

୨ । ... ମୌଃ ଏକର ନ ୪୧୯ ମହଲ ଖାତା ଭାଃ ୪୦—୧୪ ଡ଼ିଃ ... ୪୦—୦୪—୩ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୪୯

୩ । ... ମୌଃ ... ଋଜକାରେଥିବା ନ ... ମହଲ ... ୪୦—୦୫ ଡ଼ିଃ ... ଜମା ଟ ୧୯୮୪ ନିଲାମହେବ ଅଃ ମୂଃ ଟ ୫୦୯

୪ । ଗ୍ରାମ ଏକର ... ନ ୧୬୨ ମହଲ ଥାନା ମୌଃ ... ଖ୍ରିଡ଼ାଉର ୪୦—୭୫—୨ ଡ଼ିଃ ଜମା ଟ ୨/୧୧୪ ଅଟେ ଉକ୍ତ ଜମି ସମସ୍ତ ... ନିଲାମହେବ ଅଃ ମୂଃ ଟ ୩୪୯

—

ନ ୬୪୭ ମକଦ୍ଦମା ଡିଃ ଜାରି ସନ ୧୯୩୩ ମସିହା

ଭାଃ ପ୍ରଥମ ମୁନସଫି କୋର୍ଟ

ବୋଲଗଡ଼ ... — ବାଦୀ

ଦାସ ପ୍ରଭୃତି — ବନାମ ମାରେ — ପ୍ରତିବାଦୀ

ଉପରଲେଖିତ ନମ୍ବର ମୋକଦ୍ଦମାରେ ଉକ୍ତ ଲେଖିତ ସମ୍ପତ୍ତି ତା ୧୬।୧୨।୩୩ ଦିନେ ୫ ଅଧାଲତରେ ନିଲାମହେବ ।

ଜିଲ୍ଲା ପୁରୀ ଅନ୍ତର୍ଗତ ପ୍ରାପ୍ତ ... ସାଃ ... ଜଗନ୍ନାଥପୁର ଥାନା ଆନା ନ ୮୨ ମହଲ ଗ୍ରାମ ଖାରବାର ନ ୩୬୦୪୩ ମହଲ ଭାଃ ଭାଃ ମୌଃ ... ଋଜକାରେଥିବା ... ୩୮୨୦ ଥାନା ... ନ ୫୦ ଖାତା ୪୧୦—୨୭ ସମସ୍ତ ... ଦଖଲ ମୋଟ ଭାଃ ୪୨—୩୧ ନ ୯ ମହଲ ଖାତା ଭାଃ ୪୦—୫୭ ନ ୯୯ ମହଲ ଖାତା ଭାଃ ୪୨—୧୯ ମୋଟ ୪୩—୧୨ ଜମି ଓ ... ଓ ଅନ୍ୟ ଓଗେରେ ସମସ୍ତପ୍ରକାର ... ଅଃ ମୂଃ ଟ ୨୦୦୯

—

ନ ୩୧୦ ମକଦ୍ଦମା ଡିକ୍ରିଜାରି ସନ ୧୯୩୩ ମସିହା

ଭାଃ ପ୍ରଥମ ମୁନସଫଙ୍କ ଅଦାଲତ କୋର୍ଟ

... — ବାଦୀ

... — ବନାମ — ପ୍ରତିବାଦୀ

ଉପରଲେଖିତ ନମ୍ବର ଡିକ୍ରିଜାରି ମକଦ୍ଦମାରେ ... ଉକ୍ତ ଲେଖିତ ସମ୍ପତ୍ତି ତା ୧୬।୧୨।୩୩ ଦିନେ ... ନିଲାମ ହେବ ।

୧ । ... ଜିଲ୍ଲା ଅନ୍ତର୍ଗତ ... ମୌଃ ... ନ ୨୮୫୦ ... ଖାତା ... ୪୨—୦୪ ଡ଼ିଃ ... ଜମା ଟ ୪୯୯ ... ଟ ୦୯୪୮ ... ଟ ୬୦୯ ... ଡ଼ିଃ ... ଟ ୦୧/୪ ... ୪୦—୦—୩୩ ... ଜମା ଟ ୦୯୭ ... ଅଃ ମୂଃ ଟ ୫୭୯

୨ । ଏକର ... ଜମା ଟ ୧୯୭ ... ଟ ୦୧/୪ ... ୪୦—୬୨ ... ଜମା ଟ ୦୯୯ ... ନିଲାମହେବ ଅଃ ମୂଃ ଟ ୬୦୯

—o—

ନ ୫୭ ମକଦ୍ଦମା ଜାରି ସନ ୧୯୩୩ ମସିହା

ଭାଃ ... ମୁନସଫି

... — ବାଦୀ

... — ପ୍ରତିବାଦୀ

... ନ ୬୩୫ ... ଥାନା ... ଜମିଦାରୀ ... ଅଃ ମୂଃ ଟ ୬୦୯

—

ନ ୩୬୭ ମକଦ୍ଦମା ଡିକ୍ରିଜାରି ସନ ୧୯୩୩ ମସିହା

ଭାଃ ୧ମ ଏଡିସନଲ ମୁନସଫି କୋର୍ଟ

ଗୋପୀନାଥ ଚକ୍ରଧର ସାଃ ଓ ୟ ଗ୍ରାମ ଗଣ୍ଡି ଚୋ — ବାଦୀ

ଅଳଙ୍କ ଚରଣ ପଣ୍ଡା — ପ୍ରତିବାଦୀ

ନିମ୍ନଲିଖିତ ସମ୍ପତ୍ତି ତା ୧୬।୧୨।୩୩ ଦିନେ ନିଲାମ ହେବ ।

୧ । ଗ୍ରାମ ଗଣ୍ଡିଚୋ ନ ୨୩୩୭ ମହଲ ... ଭାଃ ... ମୌଃ ... ନ ୪୪୩ ମହଲ ଥାନା ମୌଃ ... ଜମିଦାରୀ ... ୪୨—୨୨ ଡ଼ିଃ ... ନିଲାମ ହେବ ଅଃ ମୂଃ ଟ ୩୧୧

୨ । ଗ୍ରାମ ଗଣ୍ଡିଚୋ ନ ୨୨୨୧ ମହଲ ... ମୌଃ ... ଋଜକାରେଥିବା ... ନ ୧୩ ମହଲ ଖାତା ଭାଃ ... ୪୦—୪୮—୨ ନିଲାମ ହେବ ଅଃ ମୂଃ ଟ ୯୨୯

୩ । ଗ୍ରାମ ଗଣ୍ଡିଚୋ ନ ୨୩୨୭ ମହଲ ... ମୌଃ ... ନ ୪୧୮ ମହଲ ଖାତା ... ୪୦—୩୪ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୮୯

୪ । ଗ୍ରାମ ଗଣ୍ଡିଚୋ ନ ୨୩୨୭ ମହଲ ... ମୌଃ ... ନ ୪୪୩ ମହଲ ଆନା ମୌଃ ... ଋଜକାରେଥିବା ନ ୨୭୭ ମହଲ ଖାତା ... ଖ୍ରିଡ଼ାଉର ୪୦—୨୯ ଡ଼ିଃ ନିଲାମ ହେବ ଅଃ ମୂଃ ଟ ୨୨୯

୫ । ଗ୍ରାମ ଗଣ୍ଡିଚୋ ନ ୨୩୨୭ ମହଲ ... ମୌଃ ... ନ ୪୧୪ ମହଲ ଖାତା ଭାଃ ଖ୍ରିଡ଼ାଉର ୪୦—୩୧ ଡ଼ିଃ ... ଜମା ଟ ୩୯ ଅଟେ ନିଲାମ ହେବ ଅଃ ମୂଃ ଟ ...

—

ନ ୧୧୩୩ ମକଦ୍ଦମା ଜାରି ସନ ୧୯୩୩ ମସିହା

ଜେଲ୍ଲା ... ମୁନସଫି ଅଦାଲତ

... — ବାଦୀ

... — ପ୍ରତିବାଦୀ

ଡିକ୍ରୀ ଟଙ୍କା ଟ ୧୯୫୩୬

... ତା ୧୬।୧୨।୩୩ ...

... ନିଲାମ ...

୧ । ... ଭାଃ ... ମୌଃ ... ନ ୪୭୨ ... ଋଜକାରେଥିବା ... ୪୮—୪୨ ... ଜମା ଟ ୧୩୪/୯ ଅଟେ ... ଜମି ... ୪୯—୪୮ ... ୪୦—୪୨ ... ମୂଲ୍ୟ ଟ ୧୨୦୯ ଅଟେ

—

## ଓଡ଼ିଶା ଶାସନ କମିଟି
### ରିପୋର୍ଟର ସାର ମର୍ମ

ପାଟଣା ଖବରରୁ ପ୍ରକାଶ ଯେ ଓଡ଼ିଶା ଶାସନ କମିଟି ସେମାନଙ୍କର ରିପୋର୍ଟ ଭାରତ ସରକାରଙ୍କୁ ପଠାଇ ସାରିଲେଣି । ରିପୋର୍ଟ ଲିଖିତ ବିଷୟମାନଙ୍କ ସମ୍ବନ୍ଧେ ମେମ୍ବରମାନେ ଏକମତ ହେବାର ଲର୍ଡ ସାହେବ ଗମ୍ଭୀର ନାଇଡୁ କୋକେଲ ଭିକ୍ଷୁକରେ କମିଟି ରିପୋର୍ଟରେ ଏକମତ ନ ହୋଇ ଗୋଟିଏ ପୃଥକ ରିପୋର୍ଟ ଦେଇଅଛନ୍ତି ।

କମିଟି ଯାହା ରିପୋର୍ଟ କରିଅଛନ୍ତି ବୋଲି ଖବର ମିଳେ ତାହା ପ୍ରଧାନତଃ ଏହିପରି:—

୧ । କଟକ ନୂତନ ଓଡ଼ିଶା ପ୍ରଦେଶର ରାଜଧାନୀ ହେବ ।

୨ । ଲାଟ ସାହେବଙ୍କ ଗ୍ରୀଷ୍ମାବାସ ମହେନ୍ଦ୍ରଗିରି ଠାରେ ହେବ ।

୩ । ଲାଟଙ୍କ ସାମୟିକ ଅବସ୍ଥାନ ସକାଶେ ଗୋପାଳପୁରଠାରେ ଗୋଟିଏ ସର୍କିଟ ହାଉସ ହେବ ।

୪ । ଉଇଲିୟମ ସାହେବ ଯେପରି ଗୋଟିଏ ଜଏଣ୍ଟ କୋର୍ଟର ପ୍ରସ୍ତାବ ଆଗେ କରିଅଛନ୍ତି ସେହିପରି ଗୋଟିଏ ହାଇକୋର୍ଟ ହେବ ।

୫ । ନୂତନ ପ୍ରଦେଶର କେନ୍ଦ୍ର ( ସେଣ୍ଟ୍ରାଲ ) ଜେଲଖାନା ବରହମପୁରଠାରେ ହେବ ।

୬ । ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସକାଶେ ସର୍ବସାଧାରଣ ଦାବି କରୁଅଛନ୍ତି ତାହା କେଉଁ ଧରଣର ହେବ ଏବଂ କେବେ ଗଠିତ ହେବ ଏହା ସ୍ଥିର କରିବା କାରଣ ଗୋଟିଏ କମିଶନ ମଞ୍ଜୁର କରାଯିବ ।

୭ । ପୃଥକ ବିଶ୍ୱବିଦ୍ୟାଳୟ ସ୍ଥାପନ ପର୍ଯ୍ୟନ୍ତ ନାଗପୁର ଅନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଅଞ୍ଚଳ ପାଟଣା ବିଶ୍ୱବିଦ୍ୟାଳୟ ମାନଙ୍କ ତତ୍ତ୍ୱାବଧାନରେ ରହିବ ।

୮ । ଜୟପୁରକୁ ଗଞ୍ଜାମ ଏଜେନ୍ସି ଅଞ୍ଚଳ ସହିତ ମିଳିତ କରି ଦିଆଯାଇ ଗଞ୍ଜାମ ଜିଲ୍ଲାର ଏକାଂଶ କରି ଦିଆଯିବ ।

୯ । ଅନୁଗୁଳକୁ କଟକର ଗୋଟିଏ ସବ୍ଡିଭିଜନ କରି ଦିଆଯିବ ।

୧୦ । ସରକାରୀ ବ୍ୟତୀତ ଅନ୍ୟାନ୍ୟ ପ୍ରାଦେଶିକ ବିଭାଗ ମାନଙ୍କର ଗୋଟିଏ ପୃଥକ କାଡ଼ର ହେବ ।

୧୧ । ହିନ୍ଦୁସ୍ଥାନ ପ୍ରଭୃତି ଅନ୍ୟ ଯେଉଁ କର୍ମଚାରୀମାନେ ବଦଳାର ହେବେ ସେସବୁ ବିହାରରୁ ଆସିବେ ।

ଏ ଛଡ଼ା ନୂତନ ବ୍ୟୟ କମାଇବା ଇତ୍ୟାଦିର ଯେ ଖର୍ଚ୍ଚ ହେବ ତହିଁର ଏକ ଫର୍ଦ୍ଦ ପଠାଇ ଅଛନ୍ତି ବୋଲି ଶୁଣାଯାଏ ।

---

## ଜରମାନ ଯୁଦ୍ଧଜାହାଜ
### କଲିକତା ଆଗମନ

ଗତ ଜରମାନ ଯୁଦ୍ଧପରେ ଏପର୍ଯ୍ୟନ୍ତ ଜରମାନୀର କୌଣସି ଯୁଦ୍ଧଜାହାଜ ପୃଥିବୀବ୍ୟାପି ଭ୍ରମଣରେ ବାହାରି ନ ଥିଲା । ଏବେ ଗୋଟିଏ ଜାହାଜ ପୃଥିବୀ ଭ୍ରମଣରେ ବାହାରିଅଛି ଏବଂ ଡିସେମ୍ବର ମାସରେ କଲିକତା ପହଞ୍ଚି ତା ୧୪ ରିଖ ପର୍ଯ୍ୟନ୍ତ ରହିବ ।

---

# ପ୍ରାଥମିକ ଶିକ୍ଷାବିସ୍ତାର
## ବିହାରଓଡ଼ିଶା କମିଟିଙ୍କ ପ୍ରସ୍ତାବ

କି ଉପାୟରେ ପ୍ରାଥମିକ ଶିକ୍ଷା ବିସ୍ତାର ହେବ ତାହା ଅନୁସନ୍ଧାନ କରି ରିପୋର୍ଟ ଦେବା ନିମନ୍ତେ ବିହାର ଓଡ଼ିଶା ସରକାର ଗୋଟିଏ କମିଟି ନିଯୁକ୍ତ କରିଥିଲେ । ଉକ୍ତ କମିଟି ବାଳକ ବାଳିକାମାନଙ୍କର ଏକତ୍ର ଶିକ୍ଷାଦାନ, ପରଦା ବିଦ୍ୟାଳୟ ଏବଂ ମୁସଲମାନ ଓ ହରିଜନଙ୍କ ଶିକ୍ଷା ଓ ନୈଶ ବିଦ୍ୟାଳୟ ସମ୍ବନ୍ଧେ ସେମାନଙ୍କ ରିପୋର୍ଟ ଦେଇଅଛନ୍ତି ତହିଁର ସାରମର୍ମ ନିମ୍ନରେ ଦିଆଗଲା ।

ବୟସ୍କ ପୁରୁଷମାନଙ୍କ ସକାଶେ ନୈଶ ବିଦ୍ୟାଳୟ ଆବଶ୍ୟକ ମାତ୍ର ସ୍ତ୍ରୀମାନଙ୍କ ଶିକ୍ଷାରେ କୌଣସି ବାଧା ଯଦି ନ ଘଟେ ଓ ସୁଶୃଙ୍ଖଳ ତତ୍ତ୍ୱାବଧାନର ବ୍ୟବସ୍ଥା କରି ଯାଇପାରେ ତେବେ ନୈଶ ବିଦ୍ୟାଳୟମାନ ସ୍ଥାପନ କରି ଯାଇପାରେ ।

୨ । ପ୍ରାଥମିକ ଅବସ୍ଥାରେ ବାଳକ ବାଳିକାମାନଙ୍କୁ ଏକତ୍ର ଶିକ୍ଷା ଦିଆଯିବାର ଯେତେଦୂର ସମ୍ଭବ ସୁବିଧା ଦିଆଯିବା ଉଚିତ ମାତ୍ର ବାଳିକା ସଂଖ୍ୟା ନ୍ୟୂନପକ୍ଷେ କୋଡ଼ିଏ ହେଲେ ପୃଥକ ବାଳିକା ବିଦ୍ୟାଳୟ ସ୍ଥାପନ କରାଯିବ ମାତ୍ର ସେଥି ସକାଶେ ଗୋଟିଏ ଉପଯୁକ୍ତ ଶିକ୍ଷୟିତ୍ରୀ ବା ଶିକ୍ଷକ ରହିବା ଦରକାର । ଶିକ୍ଷୟିତ୍ରୀ ସର୍ବତୋଭାବେ ବାଞ୍ଛନୀୟ ।

୩ । ଯେଉଁ ବାଳିକାମାନେ ପରଦାରେ ରହିବା ପ୍ରଥା ଅଛି ସେମାନଙ୍କର ନିରକ୍ଷରତା ଦୂର କରିବା କାରଣ ଯେ ପରଦାସ୍କୁଲ ଅଛି ସେ ସବୁ କେବଳ ମାତ୍ର ସେମାନଙ୍କର ଉନ୍ନତି ସାଧନ କରୁନାହିଁ । ଏପରି ପରଦାସ୍କୁଲମାନ ଅନ୍ୟତ୍ର ଆବଶ୍ୟକ ହେଲେ ଖୋଲାଯାଉ ।

ବୟସ୍କ ସ୍ତ୍ରୀଲୋକମାନଙ୍କ ଶିକ୍ଷାପାଇଁ ଶିକ୍ଷକ ରଖାଯାଉ ଯେଉଁମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇ ଶିକ୍ଷା ଦେଇ ପାରିବେ ।

୪ । ହିନ୍ଦୁ ଓ ମୁସଲମାନ ସମସ୍ତେ ଏକ ସ୍କୁଲରେ ପଢ଼ିବେ ଏବଂ କମ୍ ପ୍ରାଥମିକ ଶିକ୍ଷା ପର୍ଯ୍ୟନ୍ତ ଏକ ପାଠ ପଢ଼ିବେ । ତାପରେ ସାହିତ୍ୟ ଛଡ଼ା ଅନ୍ୟ ବିଷୟରେ ହିନ୍ଦି ଓ ଉର୍ଦ୍ଦୁ ଲିପିରେ ଶିକ୍ଷା ଦିଆଯିବ ।

୫ । ହରିଜନମାନଙ୍କୁ ଅନ୍ୟାନ୍ୟ ଜାତି ଛାତ୍ରମାନଙ୍କ ସହିତ ପାଠ ପଢ଼ିବାର ସମସ୍ତ ସୁବିଧା ଦିଆଯିବ ଏବଂ ଯେଉଁଠାରେ ଏପରି ଛାତ୍ର ଅଧିକ ଅଛନ୍ତି ସେଠାରେ ହରିଜନମାନଙ୍କ ସକାଶେ ପୃଥକ ବିଦ୍ୟାଳୟ ଖୋଲାଯିବ ।

୬ । ବାଳକ ବାଳିକାମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାଦେବା ପ୍ରଧାନ ଲକ୍ଷ୍ୟ ମାତ୍ର ଏଥିରେ ଯେ ବ୍ୟୟ ଅଧିକ ହେବ ଏବଂ ସମ୍ଭବତଃ ଗୋଟିଏ ଟିକସ ବସାଇବାକୁ ହେବ । ଏ ସମ୍ବନ୍ଧେ ବିଶେଷ ଆଲୋଚନା କରିବା କାରଣ ଗୋଟିଏ କମିଟି ଗଠନ କରାଯାଉ ଏବଂ ବ୍ୟବସ୍ଥାପକ ସଭାରେ ଗୋଟିଏ ଆଇନ ଶୀଘ୍ର ପାସ କରାଯାଉ । ସେ ପର୍ଯ୍ୟନ୍ତ କେତେକ ବିଶେଷ ସ୍ଥାନରେ ବାଧ୍ୟତାମୂଳକ ଶିକ୍ଷା ପ୍ରଚଳିତ କରାଯାଉ ।

---

## ୧୮୬୬ ସାଲ ଉତ୍କଳଦୀପିକାରୁ ଉଦ୍ଧୃତାଂଶ
### ଏ ଦେଶର ଏକ ଜଣ ଜମିଦାର ଓ ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିମାନେ

ସୁଙ୍ଗଡ଼ା ପରଗଣାସ୍ଥ ତାହାଙ୍ଗ ମୌଜାର ଜମିଦାର ଶ୍ରୀ ବାବୁ ଜୟସିଂହ ଏ ଦେଶରେ ଦୁର୍ଭିକ୍ଷ ହେବା ଦିନୁ ଅତ୍ୟନ୍ତ ଦାନଶୀଳତା ପ୍ରକାଶ କରିଅଛନ୍ତି ତାହାଙ୍କ ଅକାତର ଦ୍ୱାରରୁ କେତେ ଶତ ଅନ୍ନ ସମସ୍ତ କ୍ଷୁଧା ପୀଡ଼ିତ ଲୋକ ପାଉଅଛନ୍ତି । ଆପଣ ଘରେ କେହି ଅତ୍ୟନ୍ତ ପୀଡ଼ିତ ଥିଲେ କିମ୍ବା କର୍ମରେ ଅତି ବ୍ୟସ୍ତ ନ ଥିଲେ ସୁଦ୍ଧା ଯଗ ଆସେ ଅପେକ୍ଷିତ ବ୍ୟକ୍ତିମାନଙ୍କୁ ବୋଧ କରନ୍ତି ଓ ଭଦ୍ର ଲୋକ କେହି ଥିଲେ ତାହାଙ୍କର ଯେପରି ଅପମାନ ବୋଧ ନ ହୁଏ ତାହାଙ୍କ ସହିତ ସେହିପରି ବ୍ୟବହାର କରନ୍ତି । ସେ କହନ୍ତି ଯେ ଲୋକମାନଙ୍କ ଉପରେ ବିପତ୍ତି ପଡ଼ିଅଛି ଏ ସମୟରେ ଆମ୍ଭେ ଧାନ ସଞ୍ଚୟ କରିବା ଉଚିତ ନୁହେଁ । ତାହାଙ୍କ ସହଧର୍ମିଣୀ ମଧ୍ୟ ତାହାଙ୍କ ଦୃଷ୍ଟାନ୍ତାନୁଗାମୀ ହୋଇ ଦୁଃଖୀ ସ୍ତ୍ରୀମାନଙ୍କୁ ଅତି ସହିତରେ ଖୁଆଉ ଅଛନ୍ତି । ଏହି ଦମ୍ପତିଙ୍କର ଆମ୍ଭେ ଯେତେ ସତ୍କାର୍ଯ୍ୟମାନ ଶୁଣୁଅଛୁ ତାହା ଲେଖିବାକୁ ଏହାଙ୍କଠାରେ ଏତେ ସାହାଯ୍ୟ ପ୍ରାଣର ଖର ଦେଲେ ଅନେକ ଉପକାର ହୁଅନ୍ତା । ଯେଉଁମାନେ ଏ କାଳରୁ ସୁଯୋଗ ଜାଣି ଉଚ୍ଚ ଧାନ ବିକ୍ରୀଦ୍ୱାରା ଅନେକ ଟଙ୍କା ବହୁମୂଲ୍ୟ ପଦାର୍ଥମାନ ଅଳ୍ପ ମୂଲ୍ୟରେ ପ୍ରାପ୍ତ ହୋଇ ସଂଗ୍ରହ କରିଅଛନ୍ତି ସେମାନେ ଏହା ଶୁଣି ଆପଣାକୁ ଲଜ୍ଜିତ ଜ୍ଞାନ କରି ପାରନ୍ତି । ଏ ଦେଶର ସମସ୍ତ ଧନାଢ୍ୟ ଲୋକମାନେ ବାବୁ ଜୟସିଂହଙ୍କର ପ୍ରଶଂସନୀୟ ପଥାନୁବର୍ତ୍ତୀ ହେଲେ ଏପରି ଦୁର୍ଦ୍ଦଶା ରହନ୍ତା ନାହିଁ ।

---

ସର୍ବଦଳ
# ନେତାସମ୍ମିଳନୀ
## ପଣ୍ଡିତ ମଦନମୋହନ ମାଲବ୍ୟ
## ସର୍ବଦଳ ସମ୍ମିଳନୀର ପୁନରୋଦ୍ୟମ

ଭାରତର ସମସ୍ତ ରାଜନୈତିକ ଦଳଙ୍କୁ ଏକତ୍ରିତ କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା କାରଣ ପଣ୍ଡିତ ମଦନମୋହନ ମାଲବ୍ୟ ଗୋଟିଏ ସମ୍ମିଳନୀ ଡାକିବାର ଉଦ୍ୟମ କରୁଅଛନ୍ତି ବୋଲି ଖବର ମିଳେ ।

---

## ବିଲାତ ପାର୍ଲିଆମେଣ୍ଟ ସଭ୍ୟଙ୍କ
## ଶାନ୍ତିସ୍ଥାପକ ଚେଷ୍ଟା

ଇଂରେଜ ସରକାର ଭାରତ ଶାସନ ପଦ୍ଧତିରେ ପରିବର୍ତ୍ତନ କରିବାର ଯେଉଁ ପ୍ରସ୍ତାବ 'ଧଳାକାଗଜ' ରୂପେ ଆଗତ କରିଅଛନ୍ତି ତାହା ଗ୍ରହଣୀୟ ନୁହେଁ ବୋଲି ସମସ୍ତଙ୍କର ମତ । ମାତ୍ର ସମସ୍ତ ରାଜନୈତିକ ଦଳର ନେତାମାନେ ଏକତ୍ରିତ ହୋଇ ତହିଁର ବିରୋଧ କଲେ ଭଲ ହେବ ଏବଂ ସେଥି ନିମନ୍ତେ ଗୋଟିଏ ସର୍ବଦଳ ବୈଠକ ଡକାଇବାକୁ ପାଇଁ ବିଲାତ ପାର୍ଲିଆମେଣ୍ଟର ସଭ୍ୟ ମିଃ [illegible] ପଣ୍ଡିତ ମଦନମୋହନ ମାଳବ୍ୟ ଓ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ପତ୍ର ଲେଖିଅଛନ୍ତି ।

Split by PDF Splitter
Digitized by srujanika@gmail.com

# ଉତ୍କଳଦୀପିକା

## ନଭେମ୍ବର ୪ ତାରିଖ ଶନିବାର

## ନୂତନ ଓଡ଼ିଶା ପ୍ରଦେଶର ଶାସନ ବ୍ୟବସ୍ଥା

( ୪ )

ଓଡ଼ିଶା ଶାସନ କମିଟି ଏଣ୍ଡୁମଧ୍ୟରେ ସେମାନଙ୍କର ରିପୋର୍ଟ ଗ୍ଭରତ ସରକାରଙ୍କୁ ପଠାଇ ସାରିଲେଣି ବୋଲି ଖବର ମିଳେ । କିନ୍ତୁ ରିପୋର୍ଟର ଯାବତୀୟ ଅନ୍ୟାନ୍ୟ ପ୍ରକାଶ ପାଇଥାଇ-ଅଛି ତହିଁରୁ ଜଣାଯାଏ ଯେ ନୂତନ ଓଡ଼ିଶା ପ୍ରଦେଶର କେନ୍ଦ୍ର ଜେଲ ବରହମ୍ପୁରଠାରେ ସ୍ଥାପିତ ହେବା କମିଟିର ଅଭିମତ । ବରହମ୍ପୁର ଜଳବାୟୁ ତଥା ଉପଯୋଗିତା ଦୃଷ୍ଟିରେ ଅମ୍ଭେମାନେ ଏହି କହୁନାହୁଁ ମାତ୍ର ନୂତନ ପ୍ରଦେଶର ଯାବତୀୟ ଅବସ୍ଥା ଦୃଷ୍ଟିରେ ଏହା କେତେଦୂର ସମୀଚୀନ ତାହା ବିଚାର-ଯୋଗ୍ୟ ବିଷୟ । ସେଠାରେ ବର୍ତ୍ତମାନ ଯେଉଁ ଜେଲଖାନା ଅଛି ତହିଁରେ କେନ୍ଦ୍ର ଜେଲ ସଦାଶୟ ଉପଯୁକ୍ତ ସ୍ଥାନ ଓ ଗୃହାଦି ବର୍ତ୍ତମାନ ମିଳିପାରେ ବା ଏକକାଳୀନ ଅଳ୍ପ ଖର୍ଚ୍ଚରେ ଆବଶ୍ୟକୀୟ ଗୃହାଦି ନିର୍ମାଣ କରାଇ ହୋଇପାରେ । ମାତ୍ର ବରହମ୍ପୁର ନୂତନ ପ୍ରଦେଶର ଏକ ସୀମାନ୍ତରେ ଥିବା ଓ ସେଠାରୁ ସମ୍ବଲପୁର ପ୍ରଭୃତିର ଦୂରତ୍ୱ ପ୍ରଭୃତି ସକ୍ଷ ପ୍ରଧାନ ଅସୁବିଧା ହୋଇ ଅମ୍ଭେମାନେ ଅନୁମାନ କରୁଁ ।

କେନ୍ଦ୍ର ଜେଲ ଯେଉଁଠାରେ ହେବ ସେଠାକୁ ପ୍ରଦେଶର ସବୁ ଜେଲମାନଙ୍କର ଦୀର୍ଘକାଳୀନ ଦଣ୍ଡିତ ଏବଂ ଅନ୍ୟାନ୍ୟ ରାଜବନ୍ଦୀମାନେ ଆଣତ ହେବେ ଏବଂ ମୁକ୍ତ ସମୟରେ ସ୍ଥାନୀୟ ଜେଲମାନଙ୍କୁ ପୁନଃ ପ୍ରେରିତ ହେବେ । ଉକ୍ତ ଜେଲ ଗମନାଗମନ ତଥା ପ୍ରଭୃତି ବନ୍ଦୀମାନେ ଯେଉଁ ଯାତାୟାତର ଖରଚ ପଡ଼ିବ ତାହା ଅତି ଅସାମାନ୍ୟ ହେବନାହିଁ । ବାର୍ଷିକ ନ୍ୟୁନାଧିକ ଏକଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଏ ।

ସ୍ୱାସ୍ଥ୍ୟଦିଗରୁ ଦେଖାଗଲେ ବରହମ୍ପୁର ଅନ୍ୟାନ୍ୟ ସ୍ଥାନ ତୁଳନାରେ ସମୁଦ୍ର ତଟର ସନ୍ନିକଟବର୍ତ୍ତୀ ଥିବାରୁ ସେଠାକର ଜଳବାୟୁ ଅପେକ୍ଷାକୃତ ନରମ ଏବଂ ଉତ୍କଳଯୋଗୁଁ ଅନ୍ୟସ୍ଥାନରୁ ଆନୀତ ବନ୍ଦୀମାନଙ୍କର ସ୍ୱାସ୍ଥ୍ୟ ହାନି ହେବାର ସମ୍ଭାବନା ଅଛି ।

ନୂତନ ଓଡ଼ିଶା ପ୍ରଦେଶ ହେବା ଫଳରେ କିମ୍ବା ଦୀର୍ଘକାଳ ସଂଶୋଧନାଧୀନ ବନ୍ଦୀଙ୍କରୁ କମ ହେବନାହିଁ ଏବଂ ସେମାନଙ୍କର ଉଦ୍ୟୋଗ ଓ ସ୍ଥାନାନ୍ତର ପ୍ରଭୃତି ନିମନ୍ତେ କେନ୍ଦ୍ର ଜେଲଖାନାର କର୍ତ୍ତୃପକ୍ଷଙ୍କ ହସ୍ତରେ ନ୍ୟସ୍ତ ହେବ । ସେମାନଙ୍କର ଉଦ୍ୟୋଗରେ ଓଡ଼ିଶାର ବନ୍ଦୀମାନଙ୍କର କଥା ସମସ୍ତ ଓଡ଼ିଆମାନଙ୍କ ପକ୍ଷେ ବୁଝିବା ସହଜ । ସ୍ଥାନାନ୍ତର ଜନିତ କାର୍ଯ୍ୟାଧିକ୍ୟ ହେବା ସ୍ୱାଭାବିକ ବା ବାଞ୍ଛନୀୟ ନାହିଁ ।

ଏହିସବୁ କାରଣରୁ କଟକ ତଥା ଅନ୍ୟକୌଣସି କେନ୍ଦ୍ରସ୍ଥଳରେ କେନ୍ଦ୍ର ଜେଲ ସ୍ଥାପନ ହେବା ଆମ୍ଭମାନଙ୍କର ମତ । କଟକ ଜେଲରେ ବର୍ତ୍ତମାନ ୩୦୦ ବନ୍ଦୀ ରହିବାର ସ୍ଥାନ ଅଛି । ଯାହା ସେଠାରେ ଅଛି ସ୍ୱତନ୍ତ୍ର ତଥା ବନ୍ଦୀବାସ ସ୍ଥାନ ବଡ଼ାଇ ପରିବର୍ତ୍ତନ ହେଲେ ଜେଲ, କେନ୍ଦ୍ର ଜେଲ ସ୍ଥାପନ ହେବା ଅସମ୍ଭବ ନୁହେଁ । ସେଥିପାଇଁ ଯଥେଷ୍ଟ ହେବ ବୋଲି ଅମ୍ଭେମାନେ ମନେକରୁଁ । ଅବଶ୍ୟ ଏଥିରେ ପ୍ରାଥମିକ ଖରଚ ବରହମ୍ପୁର ତୁଳନାରେ ଅପେକ୍ଷାକୃତ କିଛି ବେଶୀ ହୋଇପାରେ ମାତ୍ର ବରହମ୍ପୁରରେ କେନ୍ଦ୍ର ଜେଲ ହେଲେ ଯାହା ବାର୍ଷିକ ଖରଚ ହେବ କଟକ ତଥା ଅନ୍ୟସ୍ଥାନରେ ହେଲେ ତାହା ଅନେକ ପରିମାଣରେ କମ ହେବ ଏଥିରେ ସନ୍ଦେହ ନାହିଁ । କଟକ ଜେଲର ପାର୍ଶ୍ୱବର୍ତ୍ତୀ ପ୍ରସ୍ତାବିତ ଅଧାଲତ ଗୃହମାନ ଅଳ୍ପ ଖରଚରେ ଜେଲଖାନାରେ ପରିଣତ କରାଯାଇ ପାରେ ।

ଏହା ଓଡ଼ିଶାର ମଧ୍ୟବର୍ତ୍ତୀ ସ୍ଥାନ ଓ ସକଳ ସ୍ଥାନାଗତ ବା ଅନ୍ୟ କୌଣସି କାରଣରୁ କେନ୍ଦ୍ର ଜେଲ କଟକରେ ରହିବା ଯୁକ୍ତିଯୁକ୍ତ ମନେ କରି ନ ପାରେ ତେବେ ଅନ୍ୟସ୍ଥାନମାନଙ୍କ ମଧ୍ୟରେ ଅମ୍ଭେମାନେ ଅନୁଗୁଳକୁ ସର୍ବୋତ୍କୃଷ୍ଟ ଉପଯୁକ୍ତ ବୋଲି ବିବେଚନା କରୁଁ । ଏଠାକାର ଜଳବାୟୁ ସ୍ୱାସ୍ଥ୍ୟକର ଏଥିରେ ସନ୍ଦେହ ନାହିଁ । ଏହା ଓଡ଼ିଶାର ମଧ୍ୟବର୍ତ୍ତୀ ସ୍ଥାନ ଓ ଏଠାରେ ଗୃହ ନିର୍ମାଣୋପଯୋଗୀ ସ୍ଥାନର ଅଭାବ ନାହିଁ । ଖାଦ୍ୟ ପଦାର୍ଥର ସୁଲଭ ମୂଲ୍ୟତା ହେତୁ ବନ୍ଦୀମାନଙ୍କ ଖାଦ୍ୟାଦିରେ ଅପେକ୍ଷାକୃତ କମ ଖରଚ ହେବାର ସମ୍ଭାବନା ।

ଏଠାରେ ମଧ୍ୟ କେନ୍ଦ୍ର ଜେଲର ଅସୁବିଧା ସଙ୍କାଶେ ନାନାବିଧ ପ୍ରକାର ଶିଳ୍ପକାର୍ଯ୍ୟ ପଥ ଖୋଲି ଦିଆଯାଇ, ଛାପାଖାନା ପ୍ରଭୃତି ଅନେକଙ୍କର କରାଯାଇ ପାରେ ।

ଏପରି ଅବସ୍ଥାରେ ବରହମ୍ପୁରଠାରେ କେନ୍ଦ୍ର ଜେଲ ସ୍ଥାପନ ପ୍ରସ୍ତାବ ଅମ୍ଭେମାନେ ସମର୍ଥନ କରିପାରୁନାହୁଁ । ତହିଁରେ ଏକକାଳୀନ ଖରଚ ହୁଏତ କମ ପଡ଼ିବ ସତ ମାତ୍ର ଅଧିକ ପଛକୁ ସେ ତାହା ପ୍ରଦେଶର ଅସୁବିଧା ଦୃଷ୍ଟିରେ ଅସମ୍ଭବ ହେବ ବରଂ କଟକରେ ହେଲେ ଏକକାଳୀନ ଖରଚ ଅଳ୍ପ କେଶି ହୋଇପାରେ ମାତ୍ର ବାର୍ଷିକ ଖରଚ ଅନେକ କମ ହେବ ନୂତନ ପ୍ରଦେଶ ସ୍ଥାପନ ସମୟରେ ଭାରତ ସରକାରଙ୍କଠାରୁ ଯୋଉଁ ଟଙ୍କା ମିଳିବ ତହିଁରୁ ଏହି ଏକକାଳୀନ ଖର୍ଚ୍ଚ ନିର୍ବାହ ହୋଇପାରେ ।

## ଟିପ୍ପଣୀ

### କଟକରେ ପୁଣି ମାରପିଟ

ଗତ ବୁଧ ବାରଣ ପୂର୍ଣ୍ଣମୀ ରାତ୍ର ପ୍ରାୟରେ କଟକ ବଟାଳିପାଡ଼ା ଓ ବ୍ରାହ୍ମଣଗୌର ଜାଗରଣ ସମୟରେ ପରସ୍ପର ମଧ୍ୟରେ ଜଣେ ବ୍ୟକ୍ତିଙ୍କର ସମ୍ପର୍କ ନେଇ ମାରପିଟ ହୋଇଥିଲା ଏବଂ ଅନେକ ଲୋକ ଆହତ ହୋଇଅଛନ୍ତି । ଆହତ ବ୍ୟକ୍ତିମାନେ ଡାକ୍ତରଖାନାରେ ଚିକିତ୍ସିତ ହେଉଅଛନ୍ତି । ପୁଲିଶ ତଦନ୍ତ ଚାଲିଅଛି ।

ଅମ୍ଭମାନଙ୍କର ପ୍ରଦେଶ ବନ୍ଧୁ, ଶ୍ରୀ ସାହେବ ଭଲବାସି ଭରଣ ପ୍ରତିଷ୍ଠାଯୁକ୍ତ ପ୍ରସୂତିସଦନର ଭୂମିକା ଦେଇ, ସମବାୟ ସମିତି ଓ ପ୍ରାଥମିକ ଶିକ୍ଷାର ଉନ୍ନତି ନିମନ୍ତେ ହୋଇଗଲେ । ସେ ମାସକୁ ୫୦୧ ଟଙ୍କା ବେତନ ପାଇବେ ।

ଗତ ସଂଖ୍ୟାରେ ଅମ୍ଭେମାନେ ୧୮୭୭ ମସିହା ସାଫତାରୁ ତେତିଶକାଂଶ ଦୁର୍ଭିକ୍ଷ ଜନିତ ଉତ୍କଳ ଓଡ଼ିଶା ବନ୍ୟା ସାହାଯ୍ୟ କମିଟିର ଦୃଷ୍ଟି ଆକର୍ଷଣ କରିଥିଲୁଁ ।

ଏ ସଂଖ୍ୟାରେ ଅମ୍ଭେମାନେ ଅନ୍ୟ ଏକଅଂଶ ଦୁର୍ଦ୍ଦଶାଗ୍ରସ୍ତ ଉତ୍ତରପ୍ରାନ୍ତ ଧନୀ ଜମିଦାର ଓ ମହାଜନମାନଙ୍କ ଦୃଷ୍ଟି ଆକର୍ଷଣ କରୁଅଛୁଁ । ସେ ଚାଷୀମାନେ ଉପସ୍ଥିତ ଜମିଦାରମାନେ ବଦାନ୍ୟତା ଦେଖାଇ ଖଜଣା ବାକି ନ ବଢ଼ାଇ ଲୋକମାନଙ୍କୁ ସାହାଯ୍ୟ କରୁଥିଲେ ତାହା ସର୍ବତୋଭାବେ ଅନୁକରଣୀୟ । ସେ ସମସ୍ତ ତୁଳନାରେ ବର୍ତ୍ତମାନ ଶିକ୍ଷା ବିସ୍ତାର ପରେ ? ଜନସାଧାରଣଙ୍କର ଦୃଷ୍ଟି ଓ ଭାବ ଅନେକ ପରିସର ମୁକ୍ତ ହୋଇଅଛି ।

ଏପରି ଅବସ୍ଥାରେ ଅମ୍ଭେମାନେ ଶୁଣି ଦୁଃଖିତ ଯେ ବନ୍ୟା ପୀଡ଼ିତ ଅଞ୍ଚଳରେ ଯେଉଁମାନଙ୍କ ହସ୍ତରେ ଧାନ ରକ୍ଷିତ ଅଛି ସେମାନେ ଦର ବଢ଼ାଇ ବିପନ୍ନ ଲୋକଙ୍କ ପ୍ରତି ବିଶେଷ ଅବିଚାର କରିବେ ବୋଲି ଚେଷ୍ଟିତ । ସେମାନଙ୍କ ପକ୍ଷରେ ଦୁର୍ଭିକ୍ଷ ସମୟରେ ଦର ବଢ଼ାଇବା ଶୋଭା ପାଏ ନାହିଁ ।

ଆଶା କରୁଁ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ପ୍ରତି ସଦୟ ହୋଇ ସେମାନେ ଭଗବାନ ଶ୍ରୀଜଗନ୍ନାଥଙ୍କ ସନ୍ତୁଷ୍ଟ କରିବେ । ବରଂ ଦରିଦ୍ରମାନଙ୍କୁ ସେବା କରିବା ଉତ୍କଳର ଗୌରବର ପ୍ରଧାନ କର୍ତ୍ତବ୍ୟ । ଅମ୍ଭମାନଙ୍କର ଭରସା ଧନୀ ଜମିଦାରମାନେ ଖଜଣା ଦର ନ ବଢ଼ାଇ ଜନସାଧାରଣ ତଥା ଭଗବାନଙ୍କର ଆଶୀର୍ବାଦ ଲାଭ କରନ୍ତୁ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାକୁ ଆଉ ଅଳ୍ପ କିଛି ବର୍ଷ ଲାଗିବ ବୋଲି ପାଟଣାରୁ ଖବର ପାଆଯାଉଅଛି ମାତ୍ର ପଞ୍ଚାୟତ ଅଞ୍ଚଳ ଅନ୍ତର୍ଭୁକ୍ତ ଓଡ଼ିଶା ପ୍ରତି ଯୋଗଦାନ ବିଷୟ ଓ ନୂତନ ପ୍ରଦେଶ ସ୍ଥାପନ ପର୍ଯ୍ୟନ୍ତ ବର୍ତ୍ତମାନ ପରି ରହିବ ।

ଗତ ଜନ୍ମାଷ୍ଟମୀ ଯୁଦ୍ଧ ଯେଉଁଦିନ ବନ୍ଦ ହେଲା ସେହି ଦିନର ସ୍ମରଣ ସ୍ୱରୂପ ଶନିବାର ୧୧ ତାରିଖ ଦିବା ୧୧ ଘଣ୍ଟା ( ରେଳ ସମୟ ) ରେ ଦୁଇ ମିନିଟ ସମୟରେ ସର୍ବସାଧାରଣ ସମସ୍ତ କାର୍ଯ୍ୟ ବନ୍ଦ କରିବାପାଇଁ ଭାରତ ସମ୍ରାଟ ଇଚ୍ଛା ପ୍ରକାଶ କରିଅଛନ୍ତି ଏବଂ ତଦନୁସାରେ ବିହାର ଓଡ଼ିଶା ପ୍ରଦେଶର ସର୍ବସାଧାରଣ କାର୍ଯ୍ୟ ବନ୍ଦ କରିବେ ବୋଲି ସରକାର ଆଶା କରନ୍ତି ।

### ମୁସଲମାନ ସମ୍ମିଳନୀ

### ଡାକ୍ତର ଆନସାରୀ

ଡାକ୍ତର ଏମ୍, ଏ, ଆନସାରୀ ନଭେମ୍ବର ୧୦ ତାରିଖରେ ବମ୍ବେରେ ପହଞ୍ଚିବେ ଏବଂ ସେଠାରୁ ଲକ୍ଷ୍ନୌ ଯାଇ ୧୧ ଓ ୧୨ ତାରିଖ ଦିନ ମୁସଲମାନ ସମ୍ମିଳନୀରେ ଯୋଗଦେବେ ।

ମୌଲାନା ସଉକତ ଅଲି, ମୌଲାନା ଅବୁଲ କାଲାମ ଆଜାଦ୍, ଡାକ୍ତର ସୟଦ ମହମଦ, ମିରଓସମାନ ସାହେବ, ନବାବ ଇସମାଇଲ ଖାଁ, ଖାସା ଆଲି ସାହେବ ଓ ସାହା ମାସୁଦ ଅହମଦ ପ୍ରଭୃତି ସମ୍ମିଳନୀରେ ଯୋଗଦେବାର ଆଶା କରାଯାଏ ।

Digitized by srujanika@gmail.com

# ଓଡ଼ିଶାରେ ବନ୍ୟା

## ଖଜଣା ଛାଡ଼ିପାଇଁ ସତ୍ୟାଗ୍ରହ
## କଲେକ୍ଟରଙ୍କ ଆଶ୍ୱାସ ବାଣୀ

ପୁରୀ ସମ୍ବାଦରୁ ପ୍ରକାଶ ଯେ ଅକ୍ଟୋବର ତା ୨୩ ରଖ ଦିନ ପୁରୀଜିଲା କଣାସ ଥାନା ଧୋଇଥ ଅଞ୍ଚଳର ଅଧିକାଂଶ ଗ୍ରାମରୁ ୫୪ ଜଣ ଲୋକ କଲେକ୍ଟରଙ୍କ ନିକଟକୁ ଯାଇ ଖଜଣା ମାଫ କରାଇବା ପାଇଁ ପ୍ରାର୍ଥନା କରିଥିଲେ । ସେମାନେ କଲେକ୍ଟର ସାହେବଙ୍କ କୋଠି ଭୂଇଁରେ ସକାଳୁ ରାତ୍ର ୧୧ ଘଣ୍ଟା ପର୍ଯ୍ୟନ୍ତ ଉଠାଇ ବସି ରହିଥିଲେ । କଲେକ୍ଟର ସାହେବ ସେମାନଙ୍କୁ କହିଥିଲେ ଯେ ଖଜଣା ଛାଡ଼ ସମ୍ବନ୍ଧେ ସେ ରିପୋର୍ଟ କରିଅଛନ୍ତି କମିସନର ସାହେବ ଯାହା କହିବେ ସେ ମଧ୍ୟ ସେମାନଙ୍କୁ ଜଣାଇ ଦେଇଥିଲେ ଯେ ଜମିଦାରମାନେ ଖଜଣା ଛାଡ଼ ପାଇବେ ପ୍ରଜାମାନେ ଛାଡ଼ ପାଇବେ ।

ଜମିଦାରମାନେ ଖଜଣା ଛାଡ଼ ପାଇବା ସକାଶେ କଟକ ଭିତରେ ଦରଖାସ୍ତ କରିବେ ଏବଂ ସେଥିରେ କେଉଁ କେଉଁ କାରଣ ଦେଖାଇବା ଉଚିତ ତତ୍ସମ୍ବନ୍ଧେ ସରକାର ବିଜ୍ଞାପନ ଅକ୍ଟୋବର ତା ୨୧ ରଖ ଗେଜେଟରେ ପ୍ରକାଶ ପାଇଅଛି ।

ଓଡ଼ିଶା ବନ୍ୟା ସାହାଯ୍ୟ କମିଟି ଦରଖାସ୍ତର ନମୁନା ଛପାଇ ବନ୍ୟା ଅଞ୍ଚଳରେ ବାଣ୍ଟୁ ଅଛନ୍ତି । ଯେଉଁମାନେ ନେବାକୁ ଇଚ୍ଛା କରନ୍ତି ସାହାଯ୍ୟ କମିଟିର ସମ୍ପାଦକଙ୍କ ନିକଟ ଲେଖିଲେ ପାଇ ପାରିବେ ।

## ଓଡ଼ିଶା ହରିଜନ ମାନଙ୍କ ସାହାଯ୍ୟ
## ମୟୂରଭଞ୍ଜ ମହାରାଜାଙ୍କ ଦାନ

ଅହମଦାବାଦ ସମ୍ବାଦରୁ ପ୍ରକାଶ ଯେ ଓଡ଼ିଶା ଓ ପଞ୍ଜାବର ହରିଜନ ମାନଙ୍କ ମଧ୍ୟରେ ଖଦଡ଼ ବାଣ୍ଟିବା ସକାଶେ ମୟୂରଭଞ୍ଜ ମହାରାଜା ଦୁଇହଜାର ଟଙ୍କା ଦାନ କରିଅଛନ୍ତି ।

# କଂଗ୍ରେସ ହାଲଚାଲ

## କର୍ମୀମାନଙ୍କ ପଦତ୍ୟାଗ

ଶେଠ ଯମୁନା ଲାଲ ବଜାଜ ଓ ଡାକ୍ତର ଅଲମ କଂଗ୍ରେସର କାର୍ଯ୍ୟକାରୀ କମିଟିର ସଭ୍ୟ ପଦ ଇସ୍ତଫା ଦେଇଅଛନ୍ତି ।

## ଭାରତର ରାଜନୈତିକ ଅବସ୍ଥା

ଶ୍ରୀଯୁକ୍ତ ଅନନ୍ତଶୟନ ଶ୍ରୀନିବାସ ଶାସ୍ତ୍ରୀ କହନ୍ତି ଯେ ବର୍ତ୍ତମାନ ଭାରତ ଶାସନର ଯେଉଁ ବ୍ୟବସ୍ଥା ପାଇଁ ପାର୍ଲିଆମେଣ୍ଟର ଯୁଗ୍ମ କମିଟି ବିଚାର କରୁଅଛନ୍ତି ସେ ଯେତେ ଖରାପ ହେଉ ପଛକେ ଭାରତରେ ତତ୍ପରତା ଯେଉଁ ନୂତନ ଶାସନ ପନ୍ଥା ପ୍ରବର୍ତ୍ତିତ ହେବ ଭାରତବାସୀମାନେ ତାହା ଗ୍ରହଣ କରି ନୂତନ ଗଠିତ ବ୍ୟବସ୍ଥାପକ ସଭା ମାନଙ୍କରେ ପ୍ରବେଶ କରନ୍ତୁ । ପୁଣି ଶ୍ରୀଯୁକ୍ତ କେଳକାର ମଧ୍ୟ ସେହିପରି ବ୍ୟବସ୍ଥାପକ ସଭାରେ ପ୍ରବେଶ କରିବା ସକାଶେ ସମସ୍ତ କାଳକୁ ଆହ୍ୱାନ କରିଅଛନ୍ତି । ଏହାହିଁ ଭାରତ ତଥା ବଙ୍ଗର ସମସ୍ତ ପ୍ରବୀଣ ନେତାମାନଙ୍କର ମତ ।

ବଙ୍ଗର ଜଣେ ପ୍ରବୀଣ ରାଜନୀତିଜ୍ଞ ଯେ କି ବହୁକାଳ ଭାରତର ରାଜନୈତିକ କ୍ଷେତ୍ରରେ କାର୍ଯ୍ୟ କରିଥିଲେ ତାଙ୍କର ମତ ଯେ ଯେଉଁ ଶ୍ୱେତପତ୍ର ଜଏଣ୍ଟ କମିଟିଙ୍କ ନିକଟରେ ଦାଖଲ କରାଯାଇଅଛି ତାହା ଗ୍ରାହ୍ୟ ହେଉ ଅବା ନ ହେଉ । ଯଦି ତଦନୁସାରେ ପାର୍ଲିଆମେଣ୍ଟରେ ବିଲ ପାସ କରାଯାଇ ଯାଏ ତେବେ ଭାରତବାସୀମାନେ ସହଜ ତା ଉଚିତ ତାହାର ଉପଯୋଗ ଓ ଲକ୍ଷ୍ୟରୁ କାର୍ଯ୍ୟକଲେ ଭବିଷ୍ୟରେ ସେମାନେ କ୍ରମେ କ୍ରମେ ଭାରତର ସ୍ୱାୟତ୍ତ ଶାସନ ପଥରେ ଅଗ୍ରସର ହୋଇପାରିବେ ।

ଏହି ମତ ଅବଲମ୍ବନ କରି ଶ୍ରୀଯୁକ୍ତ ଶାସ୍ତ୍ରୀ ଓ କେଳକାର ପ୍ରଭୃତି ଜାତୀୟ ନେତାମାନେ କାର୍ଯ୍ୟକାରୀ ହେବାର ସୂଚନା ଦେଇଅଛନ୍ତି । ସେହିପରି ଦେଖାଯାଉଅଛି ମାନ୍ଦ୍ରାଜ ଓ ମହାରାଷ୍ଟ୍ରର ନେତାମାନେ ମହାତ୍ମାଗାନ୍ଧିଙ୍କ ପ୍ରବର୍ତ୍ତିତ ଅସହଯୋଗ ପନ୍ଥା ଆଉ ଅନୁସରଣ କରୁନାହାନ୍ତି ।

ଯୁକ୍ତପ୍ରଦେଶ ସମ୍ବନ୍ଧେ ଅନୁମାନ କରାଯାଏ ଯେ ସେଠାକାର ନେତାମାନେ ନୂତନ ଶାସନ ପଦ୍ଧତି ଯାହା ପ୍ରବର୍ତ୍ତିତ ହେବ ସେ ଅନୁସାରେ କାଉନସିଲରେ ପ୍ରବେଶ କରି କାର୍ଯ୍ୟ କରିବାପାଇଁ ଆକାଙ୍କ୍ଷିତ ଅଛନ୍ତି ।

ମଧ୍ୟ ପ୍ରଦେଶର ଖାର ଗୋଟି ଜିଲ୍ଲାଙ୍କ ମତ ମଧ୍ୟ ତଦ୍ରୂପ । ପଞ୍ଜାବର ହିନ୍ଦୁ ଓ ଶିଖମାନେ ମୁସଲମାନଙ୍କ ହସ୍ତରେ ଉକ୍ତ ପ୍ରଦେଶ ଶାସନର ସମସ୍ତ ବ୍ୟବସ୍ଥା ଛାଡ଼ିଦେଇ ବସିରହି ପାରିବେ ନାହିଁ ।

ମହାତ୍ମାଗାନ୍ଧିଙ୍କ ନିଜ ପ୍ରଦେଶ ଗୁଜରାଟ ସେ କଣ କରିବ ତାହା ବୁଝାଯାଇ ନ ପାରେ ।

ବଙ୍ଗଦେଶର ତାହା ସମ୍ବନ୍ଧରେ ସାମ୍ପ୍ରଦାୟିକଅଛି ତହିଁରୁ ଜଣାଯାଏ ଯେ ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସ ୧୯୨୨ ସାଲରେ ଯେଉଁ ମତ ଅବଲମ୍ବନ କରିଥିଲେ ସେ ସେହି ମତ ଅନୁସରଣ କରିବ । ବଙ୍ଗଦେଶର ହିନ୍ଦୁମାନେ ବୋଧହୁଏ ମୁସଲମାନ ଓ ଅନ୍ୟାନ୍ୟମାନଙ୍କୁ ସବୁ ଛାଡ଼ିଦେଇ ବସିବେ ନାହିଁ ।

ମହାତ୍ମାଗାନ୍ଧି ଏ ସମସ୍ତ ବିଷୟରେ ଏକାନ୍ତ ନୀରବ । ବାସ୍ତବରେ କଂଗ୍ରେସର ବର୍ତ୍ତମାନ ଅସ୍ତିତ୍ୱ ନାହିଁ ବୋଲି କହିଲେ ଚଳେ । କଂଗ୍ରେସ ଦେଶବାସୀଙ୍କ ସମ୍ମୁଖରେ କୌଣସି କାର୍ଯ୍ୟ ପନ୍ଥା ଉପସ୍ଥାପିତ କରୁନାହିଁ । ହରିଜନ ଓ ଗଣ ଭାଗ୍ୟ ତାହାର ମହାତ୍ମା ବର୍ତ୍ତମାନ ଚଳାଇ ଅଛନ୍ତି ତହିଁରେ ଜନସାଧାରଣ ବିଶେଷ ଆକୃଷ୍ଟ ହେଉନାହାନ୍ତି ଏମ୍ବା ତ ବା କୌଣସିରୂପେ ପ୍ରଶଂସନୀୟ ହୋଇନାହିଁ । ତାହା ହୋଇଥିଲେ ମହାତ୍ମାଗାନ୍ଧି ତାଙ୍କର ପ୍ରତିଶ୍ରୁତି ଅନୁସାରେ ଏ ଦୀର୍ଘକାଳ ବସ୍ତ୍ର ବଦଳ କରିଥାନ୍ତେ ।

ଏ ସମସ୍ତ ସଂକେତରୁ ଜଣାଯାଏ ଯେ ଭାରତରେ ଯେଉଁ ନୂତନ ଶାସନ ପଦ୍ଧତି ପ୍ରବର୍ତ୍ତିତ ହେବ ତାହା ଗ୍ରହଣ କରି କାର୍ଯ୍ୟରେ ପରିଣତ କରିବାକୁ ଜାତୀୟ ନେତାମାନଙ୍କ ମଧ୍ୟରେ ଅନେକେ ପ୍ରସ୍ତୁତ ଅଛନ୍ତି ।

# କଟକ ମ୍ୟୁନିସିପାଲିଟି

## ସ୍ୱାୟତ୍ତ ଶାସନର ନମୁନା

ସରକାର ଭାରତ ବାସୀମାନଙ୍କୁ ଯେଉଁ ସବୁ ସ୍ଥାନୀୟ ଅନୁଷ୍ଠାନ ମାନଙ୍କ ପରିଚାଳନାରେ ସ୍ୱାୟତ୍ତ ଶାସନ ଦେଇଅଛନ୍ତି ତନ୍ମଧ୍ୟରେ ମ୍ୟୁନିସିପାଲିଟି ଓ ଲୋକାଲବୋର୍ଡ ପ୍ରଭୃତି ସର୍ବ ପ୍ରଧାନ । ସରକାରଙ୍କ ଏ ନୀତି ପ୍ରଥମ ପ୍ରବର୍ତ୍ତନ ସମୟେ ଜିଲା ମାଜିଷ୍ଟ୍ରେଟମାନେ ଏ ସବୁ ଅନୁଷ୍ଠାନ ମାନଙ୍କର ସଭାପତି ( ଚେୟାରମାନ ) ହୋଇ ତତ୍ସଂକ୍ରାନ୍ତ ସମସ୍ତ କାର୍ଯ୍ୟର ତତ୍ତ୍ୱାବଧାନ କରୁଥିଲେ । ତତ୍କାଳୀନ ପ୍ରତିନିଧିମାନେ ଯେତେବେଳେ ଏ ସବୁ କାର୍ଯ୍ୟରେ ଯଥେଷ୍ଟ ପାରଦର୍ଶିତା ଲାଭ କରିଥିବାର ବିବେଚନା ହେଲେ ସେତେବେଳେ ସରକାର ଜିଲା ମାଜିଷ୍ଟ୍ରେଟ ମାନଙ୍କ ପରିବର୍ତ୍ତେ ବେସରକାରୀ ପ୍ରତିନିଧିମାନେ ଚେୟାରମାନ ହେବା ଏବଂ ଯେତେଦୂର ସମ୍ଭବ ସେ ସବୁ ଅନୁଷ୍ଠାନ ମାନଙ୍କ କାର୍ଯ୍ୟାବଳୀରେ ହସ୍ତକ୍ଷେପ ନ କରିବାର ସିଦ୍ଧାନ୍ତ କଲେ । ତଦନୁସାରେ ଓଡ଼ିଶାର ସମସ୍ତ ମ୍ୟୁନିସିପାଲିଟି ଓ ଡି: ବୋର୍ଡ ମାନଙ୍କରେ ବେସରକାରୀ ଚେୟାରମାନ ରହି ଆସୁଅଛନ୍ତି ।

କଟକ ମ୍ୟୁନିସିପାଲିଟିର ଜଣେ ଉଦ୍ୟାବର ପ୍ରତିନିଧି ଏହାର ଚେୟାରମାନ ହୋଇ ବହୁ କାଳରୁ କାର୍ଯ୍ୟ ଚଳାଇଥିଲେ । ମାତ୍ର ଗତ କେତେବର୍ଷ ହେଲା ଯେଉଁମାନଙ୍କ ହାତରେ ଭାର ଦିଆଯାଇଛି କମିସନରରେ ଅବାଧରେ କରୁଅଛନ୍ତି ସେମାନେ ଯୌଥ ଭାବରେ କାର୍ଯ୍ୟ କରିବା ଶିଖିନାହାନ୍ତି କେବଳ ପରସ୍ପର ମଧ୍ୟରେ କଳହ କରି ଅନୁଷ୍ଠାନର ସୁନାମକୁ ପଦ-ଦଳିତ କରି ଦୃଷ୍ଟି ନ ଦେଇ କରଦାତା ମାନଙ୍କର ତଥା ଅନୁଷ୍ଠାନର ବିଶେଷ କ୍ଷତି କରୁଅଛନ୍ତି । ଏହାର ମୂଳରେ କେବଳ କ୍ଷମତା ଲାଳସା, ଏପରିକି ସେମାନେ ସଭା ସମୟରେ ଭଦ୍ରତା ଭୁଲି ପରସ୍ପର ପ୍ରତି ବ୍ୟବହାର କରନ୍ତି । ଏପରି କରିବାଦ୍ୱାରା ସେମାନେ ଯେ କେବଳ ନିଜର ଏବଂ ଅନୁଷ୍ଠାନର ଅନିଷ୍ଟ ସାଧନ କରୁଅଛନ୍ତି ଏହା କହିବା ବାହୁଲ୍ୟ ମାତ୍ର । ଫଳତଃ ସରକାର ଏ ଅନୁଷ୍ଠାନଟିର କର୍ତ୍ତୃତ୍ୱ ଭାର ସ୍ୱହସ୍ତକୁ ନେବାର ସ୍ଥିର କରିଥିବାର ପ୍ରକାଶ । ଏହାଦ୍ୱାରା କେବଳ ଯେ ସେମାନେ ନିଜର ଅଯୋଗ୍ୟତା ଓ ଅଦୂରଦର୍ଶିତା ପ୍ରଦର୍ଶନ କଲେ ଏପରି ନୁହେଁ ଓଡ଼ିଆ ଜାତିଟାକୁ କଳଙ୍କିତ କଲେ ବୋଲି କୁହାଯିବ । ଏ ଅନୁଷ୍ଠାନର ପରିଚାଳନା ଯେଉଁମାନଙ୍କ ହସ୍ତରେ ଥିଲା ସେମାନେ କେହି ଅଯୋଗ୍ୟ ନୁହନ୍ତି, ସେମାନଙ୍କ ମଧ୍ୟରୁ କେତେକ ମ୍ୟୁନିସିପାଲିଟିଏ କଣ ଏହାଠାରୁ ଅଧିକ ବଡ଼ ଅନୁଷ୍ଠାନମାନ ସୁନ୍ଦର ଭାବରେ ଚଳାଇ ପାରନ୍ତି । ଏପରିକି ସେମାନେ ଗୋଟିଏ ଜିଲ୍ଲାର ଶାସନ ଅତି ସହଜରେ ଚଳାଇ ପାରନ୍ତି ମାତ୍ର କ୍ଷମତା ପ୍ରିୟତା ସେମାନଙ୍କୁ କର୍ତ୍ତବ୍ୟ ପଥରୁ ଭ୍ରଷ୍ଟ କରିଦେଇଅଛି ଏବଂ ସେମାନେ କରଦାତାମାନଙ୍କର ତଥା ଓଡ଼ିଆ ଜାତିର କି ଅନିଷ୍ଟ କରୁଅଛନ୍ତି ତାହା ଲକ୍ଷ୍ୟ କରିବା ଦେଖୁନାହାନ୍ତି କି ବୁଝୁନାହାନ୍ତି ସାହାଜିକ ଓଡ଼ିଆ ପ୍ରତିଭାର ଯୋଗ୍ୟତାର ଯେଉଁ ନମୁନା ଦେଖାଇଲେ ତାହା ଦ୍ୱାରା ଆମ୍ଭେମାନେ ଅତିଶୟ ଲଜ୍ଜା ବୋଧ କରୁଅଛୁ । ଏବେବି ହେଲେ ପରେ ସବ ଲୋକଙ୍କର ଚେତନା ହୁଏ ତେବେ ଆଉ ତାହାକୁ ବଢ଼ିବା ନ ଦେଇ ଓ ଓଡ଼ିଆଜାତିର ଭାଗ୍ୟ ଦୋଷ ବୋଲି କେବଳ ରହିବ ।

Split by PDF Splitter



# ମହାତ୍ମା ଗାନ୍ଧି

## ସ୍ୱାସ୍ଥ୍ୟ ଉନ୍ନତି

ମହାତ୍ମା ଗାନ୍ଧିଙ୍କ ଡାକ୍ତରମାନେ ପରୀକ୍ଷାକରି କହୁଅଛନ୍ତି ଯେ ତାଙ୍କର ସ୍ୱାସ୍ଥ୍ୟ କ୍ରମେ ଭଲ ହେଉଅଛି । ତାଙ୍କର ଓଜନ ବର୍ତ୍ତମାନ ୧୦୭ ପାଉଣ୍ଡ ।

## ୩୭ ସପ୍ତାହ ଭ୍ରମଣ

ମହାତ୍ମାଗାନ୍ଧି ହରିଜନ କାର୍ଯ୍ୟରେ ୩୭ ସପ୍ତାହ ଭାରତ ବ୍ୟାପୀ ଭ୍ରମଣ କରିବେ ଏବଂ ତାହାଙ୍କର ଭ୍ରମଣ ଏମାସ ୮ ତାରିଖରେ ଆରମ୍ଭ ହୋଇ ୧୯୩୪ ସାଲ ଜୁଲାଇ ୨୪ ତାରିଖରେ ଶେଷ ହେବ ।

ସେ ଭିନ୍ନ କ୍ରମାନୁସାରେ ସମସ୍ତ ପ୍ରଦେଶକୁ ଯିବେ । ଯଥା:—

ମଧ୍ୟପ୍ରଦେଶ— (ମରହଟ୍ଟା ଅଞ୍ଚଳ), ବେରାର, ମଧ୍ୟପ୍ରଦେଶ— ହିନ୍ଦି ଅଞ୍ଚଳ, ଛତିଶଗଡ଼, ଦିଲ୍ଲୀ ସହର, ପଞ୍ଜାବ, ସିନ୍ଧୁଦେଶ, ରାଜପୁତନା, ଯୁକ୍ତ-ପ୍ରଦେଶ, ବିହାର, କଲିକତା, ବଙ୍ଗପ୍ରଦେଶ, ଆସାମ, ଓଡ଼ିଶା, ଅନ୍ଧ୍ରଦେଶ, ମାନ୍ଦ୍ରାଜ ସହର, ତାମିଲନାଡୁ ପ୍ରଦେଶ, କୋଚିନ୍, ତ୍ରିବାଙ୍କୋର, ମହୀଶୂର, ମାଲବାର, କର୍ଣ୍ଣାଟକ, ମହାରାଷ୍ଟ୍ର, ବମ୍ବେ ସହର ଗୁଜରାଟ ଓ କାଥିଆୱାର ।

ମହାତ୍ମାଜୀ କେଉଁ କେଉଁ ସ୍ଥାନ ପରିଦର୍ଶନ କରିବେ ଓ କେବେ କରିବେ ତାହା ସମ୍ପୃକ୍ତ ପ୍ରଦେଶର ଅସ୍ପୃଶ୍ୟ ସେବକ କର୍ମୀମାନେ ବନ୍ଦୋବସ୍ତ କରିବେ ।

ଓଡ଼ିଶାରେ ମାର୍ଚ୍ଚ ୨୮ ତାରିଖଠାରୁ ଅପ୍ରେଲ ୩ ତାରିଖ ପର୍ଯ୍ୟନ୍ତ ଗସ୍ତ କରିବେ ବୋଲି ଖବର ମିଳେ ।

## ଭାରତ ବର୍ଣ୍ଣାଶ୍ରମ ସ୍ୱରାଜ ସଂଘ ବିରୁଦ୍ଧାଚରଣ

ହରିଜନ କାର୍ଯ୍ୟ ପଲକ୍ଷେ ମହାତ୍ମା ଗାନ୍ଧି ନଭେମ୍ବର ୮ ତାରିଖଠାରୁ ଭାରତ ଭ୍ରମଣରେ ବାହାରୁଅଛନ୍ତି । ତାଙ୍କ ସଙ୍ଗେ ସଙ୍ଗେ ଭାରତ ବର୍ଣ୍ଣାଶ୍ରମ ସ୍ୱରାଜ ସଂଘ ହରିଜନ ମାନଙ୍କ ମଧ୍ୟରେ ପ୍ରଚେଷ୍ଟା ବିରୁଦ୍ଧରେ ପ୍ରଚାର କାର୍ଯ୍ୟ କରିବେ । ମହାତ୍ମା-ଗାନ୍ଧି ଯେଉଁ ଯେଉଁ ସ୍ଥାନରେ ଯାଇ ସଭା ସମିତି କରିବେ ସେମାନେ ମଧ୍ୟ ସେହି ସବୁ ସ୍ଥାନରେ ତାହାର ପ୍ରତିବାଦ କରିବେ ସଭା ସମିତି କରିବେ । ଏଥିମନ୍ତେ ସେମାନେ ପୁନା ଓ ଶାସ୍ତ୍ରୀପୁରର କୁଇକଣ ଶାସ୍ତ୍ରୀ ପଣ୍ଡିତଙ୍କୁ ନିଯୁକ୍ତ କରିଅଛନ୍ତି । ସେମାନେ ମହାତ୍ମା-ଗାନ୍ଧିଙ୍କ ସଙ୍ଗେ ସଙ୍ଗେ ନଭେମ୍ବର ୮ ତାରିଖଠାରୁ ଭାରତ ଭ୍ରମଣରେ ବାହାରିବେ ।

## ବମ୍ବେଇରେ ଧର୍ମଘଟ ୨୬୦୦ ଜଣ କାମ ବନ୍ଦ କଲେ ଲୁଗା କଲ ବନ୍ଦ

ବମ୍ବେଇ ଖବରରୁ ପ୍ରକାଶ ଯେ ଟାଟା ଓ କାମ ଲୁଗା କଲର ୨୬୦୦ ଲୋକ ଧର୍ମଘଟ କରିଥିବାରୁ କଲଦ୍ୱୟ ବନ୍ଦ ହୋଇଅଛି । ସେମାନଙ୍କର ମଜୁରି କମାଇବାରୁ ସେମାନେ ଏପରି ଧର୍ମଘଟ କରି-ଅଛନ୍ତି ।

## ନାରୀମାନଙ୍କ ସାକ୍ଷାତ

ମିଃ କେ. ଏଫ୍. ନାରିମାନ ଯେ କି ଅଳ୍ପଦିନ ହେଲା ଜେଲରୁ ଖଲାସ ହୋଇଅଛନ୍ତି ସେ ମହାତ୍ମା ଗାନ୍ଧିଙ୍କ ସହିତ ସାକ୍ଷାତ କରିଥିଲେ ଓ ସେ ସମସ୍ତ ବିଷୟ ଆଲୋଚନା କରିଥିଲେ ତହିଁରୁ ବୁଝିପାରି ଅଛନ୍ତି ଯେ ଗାନ୍ଧିଜୀ ଅଧିକାଂଶଙ୍କ ମତ ମାନି ଚଳିବାକୁ ପ୍ରସ୍ତୁତ ଅଛନ୍ତି ।

ମିଃ ନାରିମାନଙ୍କ ବିଶ୍ୱାସ ଯେ କଂଗ୍ରେସର ସଂସ୍କାର ଅତି ଆବଶ୍ୟକ ଏବଂ ସେଥିସକାଶେ କଂଗ୍ରେସ ସଦସ୍ୟ ଓ କର୍ମୀମାନେ ମହାତ୍ମାଗାନ୍ଧିଙ୍କ ମତକୁ ଅନ୍ଧ ଭାବେ ଅନୁସରଣ ନ କରି ନିଜର ବିଚାର ବୁଦ୍ଧି ଓ ଯୁକ୍ତି ଅନୁସାରେ କାର୍ଯ୍ୟ କରିବା ଉଚିତ ।

## ଦୀନବନ୍ଧୁ ଆଣ୍ଡ୍ରୁଜଙ୍କ ସାକ୍ଷାତ

ମହାତ୍ମାଗାନ୍ଧିଙ୍କ ସହିତ ସାକ୍ଷାତ କରିବା କାରଣ ସିନେଟରୁ ଆଣ୍ଡ୍ରୁଜ ଓୟାର୍ଦ୍ଧା ଯାତ୍ରା କରିଅଛନ୍ତି । ସେ ଖୁବ ସମ୍ଭବତଃ ପ୍ରଥମେ ନାଗପୁରଠାରେ ସାକ୍ଷାତ କରି ଭାରତର ବର୍ତ୍ତମାନ ରାଜନୈତିକ ଅବସ୍ଥା ସମ୍ବନ୍ଧେ ପରାମର୍ଶ କରିଥିଲେ ।

## ସୁଭାଷ ବୋଷଙ୍କ ସ୍ୱାସ୍ଥ୍ୟ ପୀଡ଼ା ବୃଦ୍ଧି

ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ବୋଷ ଜେନେଭାଠାରେ ଚିକିତ୍ସିତ ହେଲେ ସୁଦ୍ଧା ତହିଁରେ କିଛି ସୁଫଳ ହେଉନାହିଁ । ଅନ୍ତ୍ରଶ୍ରାବ ବେଦନା କ୍ରମେ କ୍ରମେ ବଢୁଅଛି ।

—୦—

ଏକଚେଟିଆ ମତାମତ ନିମନ୍ତେ ଲେଖକ ଦାୟୀ

## ସାଲେପୁର ହାଇସ୍କୁଲ

ସାଲେପୁର ଅଞ୍ଚଳରେ ୧୦।୧୨ ଗୋଟି ମଧ୍ୟ-ଇଂରାଜୀ ବିଦ୍ୟାଳୟ ଥାଇ ଥାଇଁ ଏପର୍ଯ୍ୟନ୍ତ ଏଠାରେ ଗୋଟିଏ ହାଇସ୍କୁଲ ସ୍ଥାପନର କଳ୍ପନା କାର୍ଯ୍ୟରେ ପରିଣତ ହୋଇ ପାରି ନଥିଲା । ସୁଖର ବିଷୟ ବର୍ତ୍ତମାନ ଏଠାରେ ଏ ଅଞ୍ଚଳର କେତେକ ଶିକ୍ଷିତ ବ୍ୟକ୍ତିମାନଙ୍କ ସହଯୋଗରେ ଗୋଟିଏ ହାଇସ୍କୁଲ ସ୍ଥାପନ ଚେଷ୍ଟା ସଫଳ ହେବାକୁ ବସିଛି । ସ୍ଥାନୀୟ ଭଦ୍ରବ୍ୟକ୍ତି, ଜମିଦାର ଓ ମହାଜନମାନେ ଅତ୍ୟନ୍ତ ଉତ୍ସାହିତ ହୋଇ ଉକ୍ତ ଚେଷ୍ଟାରେ ଯଥାଶକ୍ତି ସାହାଯ୍ୟ ଦେବାକୁ ବଦ୍ଧପରିକର ହେଉଛନ୍ତି । ଅସନ୍ତା ଜାନୁଆରି ମାସରେ ଥର୍ଡ଼ କ୍ଲାସ (୮ମ ଓ ୯ମ ଶ୍ରେଣୀ) ଖୋଲିବା ପାଇଁ ଭୂଇଁ ବଙ୍ଗଳା ପକ୍କା କୋଠା ନିର୍ମିତ ହେଉଅଛି । କୋଠା ନିର୍ମାଣ କାର୍ଯ୍ୟ ପ୍ରାୟ ଚାରିଅଣା ଶେଷ ହୋଇଗଲାଣି । ଜାନୁଆରି ମାସ ପୂର୍ବରୁ ସେକାର୍ଯ୍ୟ ଶେଷ କରିବାର ଚେଷ୍ଟା କରାଯାଉଅଛି । ଏଥି ଜମିର କନ୍ତୁଗାମ ଛଡ଼ାଯାଇ ଦେଶ ହିତୈଷୀ ଓ ବଦାନ୍ୟ ପ୍ରଧାନ ଜମିଦାର ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ଘୋଷ ମହୋଦୟ ୫୦୦୦୦ଙ୍କା ବ୍ୟୟରେ ଲାଇବ୍ରେରୀ ଗଢ଼ି ଦେବାକୁ ସାନନ୍ଦ ସ୍ୱୀକୃତ ଦାନକର ଅଧିକ ଦାନ କରିବାକୁ ମଧ୍ୟ ପ୍ରତିଶ୍ରୁତ ହୋଇ ଅଛନ୍ତି । ଏ ଅଞ୍ଚଳରେ ଥିବା ଅନ୍ୟାନ୍ୟ ଜମିଦାରମାନେ ଏହି ଆଦର୍ଶକୁ ଅନୁସରଣ କଲେ ଏଠାରେ ଗୋଟିଏ ଭଲ ଧରଣର ହାଇସ୍କୁଲ ଠିଆ ହୋଇ ପାରିବ । ସ୍କୁଲଟିକୁ ପୂର୍ଣ୍ଣାଙ୍ଗ କରିବାକୁ ପ୍ରାୟ ୧୪।୧୫ ହଜାର ଟଙ୍କା ଆବଶ୍ୟକ । ଏପର୍ଯ୍ୟନ୍ତ ପ୍ରାୟ ଚାରିହଜାର ଟଙ୍କାର ସ୍ୱୀକୃତି ମିଳି-ଅଛି । ତନ୍ମଧ୍ୟରୁ ପ୍ରାୟ ଏକହଜାର ଟଙ୍କା ନଗଦ ଆଦାୟ ହୋଇ ଗଲାଣି । ଏହି ଦାତାମାନଙ୍କ ନାମ କ୍ରମଶଃ କାଗଜରେ ପ୍ରକାଶିତ ହେବ । ଏକାଧିକ ସ୍ୱାର୍ଥ ତ୍ୟାଗୀ କର୍ତ୍ତବ୍ୟଦର୍ଶୀ ଯୁବକ ସ୍ୱଳ୍ପ ବେତନ ଉକ୍ତ ସ୍କୁଲରେ ଶିକ୍ଷକତା କରିବାକୁ ପ୍ରସ୍ତୁତ ହୋଇ ଅଛନ୍ତି । ସହରର ବିଳାସ ବ୍ୟସନ ଓ ଅତିରିକ୍ତ ବ୍ୟୟଭାରରୁ ଛାତ୍ର ମାନଙ୍କୁ ରକ୍ଷା କରିବା ତଥା ହାଇସ୍କୁଲ ଶିକ୍ଷାରେ କୃତକାର୍ଯ୍ୟ ହେଉନ୍ତୁ ବା ଅକୃତ କାର୍ଯ୍ୟ ହେଉନ୍ତୁ ପ୍ରତ୍ୟେକ ଛାତ୍ର ଜୀବନକୁ ସଂଯତ ଓ କାର୍ଯ୍ୟକ୍ଷମ କରିବାପାଇଁ ନାନା ଉପାୟର ବିଧାନ ଅବଲମ୍ବନ କରିବା ଏହି ସ୍କୁଲର ଉଦ୍ୟୋକ୍ତା ମାନଙ୍କର ପ୍ରଧାନ ଉଦ୍ଦେଶ୍ୟ । ସାଲେପୁର ଅଞ୍ଚଳର ଅଧିବାସୀମାନେ ଯେ ଯେଉଁଠି ଅଛନ୍ତି ନିଜ ନିଜ ଶକ୍ତି ଅନୁସାରେ ଏହି ଉଦ୍ଦେଶ୍ୟର ସଫଳତା ପାଇଁ ଯଥାଶକ୍ତି ସାହାଯ୍ୟ ଦାନ କରନ୍ତୁ । ଇତି ।

ଭବଦୀୟ

ଶ୍ରୀ ସୋମନାଥ ରାଉତ

। ସ୍କୁ । ସାଲେପୁର

## ଭାରତ ଓ ଲଙ୍କାଶାୟାର ବେପାରିଙ୍କ ମଧ୍ୟରେ ଚୁକ୍ତି

ଭାରତର ଲୁଗା ବ୍ୟବସାୟ ସଂଘ ଓ ଲଙ୍କା-ଶାୟାରରୁ ଆସିଥିବା ଲୁଗା ବ୍ୟବସାୟୀର ପ୍ରତିନିଧି-ମାନଙ୍କ ମଧ୍ୟରେ ଗୋଟିଏ ମୀମାଂସା ହୋଇଯାଇ-ଅଛି । ଭାରତ ବେପାରି ସଂଘ ବିଲାତରୁ ଆସିବା ଲୁଗା ଉପରେ ଯେଉଁ ଶୁଳ୍କ ନିଆଯାଉଅଛି ତାହା କମାଇ ଦେବା ସମ୍ବନ୍ଧେ ସ୍ୱୀକୃତ ହୋଇଅଛନ୍ତି । ଏ ନେଇ ବମ୍ବେଇ ଓ କଲିକତାର ଅନେକ ବେପାରି ସଂଘ ପ୍ରତିବାଦ କରୁଅଛନ୍ତି । ବଣିକମାନେ କିନ୍ତୁ ଏଥିରେ ସନ୍ତୁଷ୍ଟ ମନୁଷ୍ୟ ଓ ଆଶା କରନ୍ତି ଯେ ଶୀଘ୍ର ଉକ୍ତ ବ୍ୟବସାୟ ଉନ୍ନତ ମାର୍ଗରେ ଚାଲିବ ।

## ଜାପାନ ଭାରତ ବ୍ୟବସାୟ ଜାପାନ ସ୍ୟୋଗ ଶେଷ ନିଷ୍ପତ୍ତି ବିଳମ୍ବ

ଜାପାନ ଓ ଭାରତ ସରକାରଙ୍କ ପ୍ରତିନିଧିମାନେ ଉଭୟ ରାଜ୍ୟ ମଧ୍ୟରେ ବ୍ୟବସାୟ ନେଇ ଯେଉଁ କଥାବାର୍ତ୍ତା ଚଳିଥିଲା ତାହା ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ହୋଇନାହିଁ । ଭାରତ ସରକାର ଯାହା ପ୍ରସ୍ତାବ କରିଥିଲେ ତାହା ଏ ପର୍ଯ୍ୟନ୍ତ ଜାପାନ ସରକାର ଗ୍ରହଣ କରି ନାହାନ୍ତି । ଶୁଣାଯାଏ ଯେ ଜାପାନର ସୂତା ବେପାରିମାନେ ଏଥିରେ ସନ୍ତୁଷ୍ଟ ହେଉ ନାହାନ୍ତି ।

ଏ ମାସ ୧୦ ତାରିଖ ମଧ୍ୟରେ ଜାପାନ ସନ୍ତୁଷ୍ଟି ନ ଜଣାଏ ତେବେ ଭାରତ ସରକାର ଯାହା ସବୁ ପ୍ରସ୍ତାବ କରିଅଛନ୍ତି ତାହା ପ୍ରତ୍ୟାହାର କରିବେ ।

## ମାନ୍ଦ୍ରାଜ କାଉନସିଲ କାର୍ଯ୍ୟ କାଳ ବୃଦ୍ଧି

ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାର କାର୍ଯ୍ୟକାଳ ଶେଷ ହେଉ ଥିବାରୁ ଅନ୍ୟାନ୍ୟ ପ୍ରାଦେଶିକ ସଭା ତୁଲ୍ୟ ଏହାର କାର୍ଯ୍ୟକାଳ ଏକବର୍ଷ ବଢ଼ାଇ ଦିଆ-ଯାଇଅଛି ।

Digitized by srujanika@gmail.com